# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, June 19/2025 Page 14 | ₹ 7.00 | RAYAGADA

୫୧ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 204 | ମୂଲ୍ୟ ₹୭/-



# RANKERS CREATED & AVERAGE TRANSFORMED TO AWESOME

NEET 2025

Decade-long consistency in Superb Success Rate delivered this year too

OVERWHELMING RESULTS IN ALL THE FRONTS: NEET, JEE (M&A), BOARD EXAMS, FRESHERS & REPEATERS

## BHUBANESWAR CAMPUS

JAYADEV VIHAR, BIJU PATTNAIK COLLEGE ROAD

7381064208 / 8249889460 / 7381013202

## YUVODAYA MEDICAL/IIT-JEE

## BALANGIR CAMPUS

Campus: SAKMA / Admission Office: HATISAL PADA

9777884488 / 9938086842 / 9437367867

| Score | Name | Rank | Note |
|---|---|---|---|
| 592 | ANWESH ARPAN ACHARYA | AIR - 2058 / CRL - 1158 | |
| 583 | OMM ABINASH SAHOO | AIR - 3069/ CRL - 1620 | |
| 571 | PRATYUSH RANJAN NAIK | AIR - 5206 / CRL - 2049 | |
| 570 | OM PRAKASH SAMANTARA | AIR - 5497/ CRL - 501 | EWS |
| 565 | SOMYA SAHIL SETH | AIR - 6799/ CRL - 653 | EWS |
| 563 | SOUMYA RANJAN SWAIN | AIR - 7359/ CRL - 3000 | |
| 559 | JAGABANDHU MISHRA | AIR - 8688/ CRL - 3968 | |
| 557 | SHUBHAM BARIK | AIR - 9276/ CRL - 3850 | |
| 556 | BARSHARANI PADHAN | AIR - 9792/ CRL - 4091 | |
| 555 | POLOSTYA MEHER | AIR - 10116/ CRL - 4246 | |
| 553 | SHIBASISH MEHER | AIR - 11142/ CRL - 4710 | |
| 550 | OMPRATIK MAHANA | AIR - 12461/CRL - 5342 | |
| 549 | SUSHREE SMRUTI SAMAL | AIR - 12880/ CRL - 5603 | |
| 549 | AYUSHMAN BHOI | AIR - 12907/ CRL - 5558 | |
| 548 | ANWESHA ANANYA MEHER | AIR - 13075/ CRL - 5629 | |
| 547 | SUNIL KARNA | AIR - 13809/ CRL - 5979 | |
| 547 | SARTHAK PATTANAIK | AIR - 13775/ CRL - 5948 | |
| 544 | PRITI PARINITA PATEL | AIR - 14940/ CRL - 6530 | |
| 543 | AMAN KUMAR NAIK | AIR - 15829/ CRL - 6975 | |
| 543 | SWAYAMBHU S. PANIGRAHI | AIR - 15865/ CRL - 6688 | |
| 542 | ARNAB PATEL | AIR - 16021/ CRL - 7075 | |
| 538 | KIRAN PRABHA AGRAWAL | AIR - 18250/ CRL - 7573 | |
| 538 | GOURI SHANKAR MEHER | AIR - 18261/ CRL - 8138 | |
| 537 | SUBHRANSHU S. SATPATHY | AIR - 19234/ CRL - 7954 | |
| 536 | ROSHAN SENAPATI | AIR - 19783/ CRL - 8841 | |
| 536 | KRUSHNA CH. BARIK | AIR - 20077/ CRL - 8980 | |
| 535 | SHEETAL CHOUDHURY | AIR - 20652/ CRL - 9304 | |
| 535 | HRUSHIKESH SAHU | AIR - 20708/ CRL - 8467 | |
| 534 | AMISH SAHU | AIR - 21189/ CRL - 9568 | |
| 534 | MAHESWAR BALA | AIR - 21389/ CRL - 8705 | |
| 533 | SAISRITA JENA | AIR - 21955/ CRL - 8914 | |
| 533 | DEEPAK SAHU | AIR - 22111/ CRL - 10015 | |
| 530 | BISWA PRASAD MEHER | AIR - 23385/ CRL - 10632 | |
| 525 | ASHISH ANSHUMAN NAYAK | AIR - 27614/ CRL - 10927 | |
| 525 | SUSIL SAHU | AIR - 28048/ CRL - 11061 | GOVT. CAT. |
| 523 | RAJIB LOCHAN MOHARANA | AIR - 29618/ CRL - 13674 | |
| 522 | PRATIKSHYA TRIPATHY | AIR - 29921/ CRL - 11732 | |
| 522 | AMIT KUMAR DAS | AIR - 30126/ CRL - 13922 | |
| 521 | LIPAN GADTIA | AIR - 30645/ CRL - 14169 | |
| 521 | CHINMAY PATRA | AIR - 31327/ CRL - 14489 | |
| 518 | KRISHNA KALYANI SAHOO | AIR - 33498/ CRL - 15568 | |
| 516 | HARIOMM BISWAL | AIR - 35353/ CRL - 16519 | |
| 516 | SATYAM KUMAR SAHOO | AIR - 35369/ CRL - 16524 | G.C. CAT. |
| 516 | DIPTEERANJAN BEHERA | AIR - 35718/ CRL - 13698 | GOVT. CAT. |
| 511 | PARTHASARATHI TARAI | AIR - 40461/ CRL - 911 | CAT. |
| 501 | CHANDRAKANTI KARMI | AIR - 50599/ CRL - 24131 | GOVT. CAT. |
| 493 | PRAMOD KUMAR BAG | AIR - 59944/ CRL - 1631 | CAT. |
| 488 | ADITYA KUMAR NAIK | AIR - 66762/ CRL - 1930 | CAT. |
| 482 | BIRAJ SAHU | AIR - 74903/ CRL - 26689 | GOVT. CAT. |
| 480 | TAPASWINI SUNA | AIR - 77346/ CRL - 2366 | CAT. |
| 472 | AYESHA NANDA | AIR - 88371/ CRL - 2905 | CAT. |
| 470 | ARATI SETH | AIR - 91154/ CRL - 3042 | CAT. |
| 447 | TOFAN KUMAR CHALAN | AIR - 126791/ CRL - 1259 | CAT. |
| 395 | CHHAYAKANTA BEHERA | AIR - 219392/ CRL - 3602 | CAT. |
| 360 | BHANUPRIYA SINGH | AIR - 292620/ CRL - 6348 | CAT. |
| 345 | ROCKY MEHER | AIR - 326791/ CRL - 7837 | CAT. |



602

AIR - 1247 / CRL - 384

CHUMKI JENA



598

AIR - 1515/ CRL - 877

RUPA DASH



547

JEE-ADV: AIR - 03 (PWD)

NEET: CRL - 12 (PWD)

TARAKANTA ROUT

| Score | Name | Rank | Note |
|---|---|---|---|
| 592 | SNITI DANTA | AIR - 1956/ CRL - 641 | |
| 588 | PRAJNA PARIMITA PADHAN | AIR - 2469/ CRL - 863 | |
| 587 | DEBASHISH JOSHI | AIR - 2523/ CRL - 1370 | |
| 584 | SWAPNIL KUMAR SAHU | AIR - 2991/ CRL - 1082 | |
| 570 | NIKITA SWAIN | AIR - 5400/ CRL - 2144 | |
| 570 | PRATYUSH DASH | AIR - 5433/ CRL - 2635 | FRESHER |
| 568 | DHIRAJ PADHAN | AIR - 5929/ CRL - 2375 | |
| 565 | PRATIKSHA P. PATRA | AIR - 6848/ CRL - 3217 | FRESHER |
| 565 | SIMPAL PATTNAIK | AIR - 6897/ CRL - 3233 | FRESHER |
| 564 | KRISHNA SAGAR MISHRA | AIR - 7050/ CRL - 3301 | |
| 563 | SRUSHTI AYESHA PRADHAN | AIR - 7513/ CRL - 3499 | |
| 558 | CHINMAYA SAHU | AIR - 9192/ CRL - 3806 | |
| 558 | TILAK HOTA | AIR - 9206/ CRL - 4192 | FRESHER |
| 551 | LENA LINALI PATEL | AIR - 11756/ CRL - 5009 | |
| 551 | PRITIDEV SAHU | AIR - 11827/ CRL - 5207 | |
| 550 | SUBHANKAR NANDA | AIR - 12424/ CRL - 5430 | |
| 549 | BHARATI RATH | AIR - 12828/ CRL - 5585 | |
| 545 | SAGARIKA NAIK | AIR - 14715/ CRL - 6836 | |
| 544 | SACHI SANIDDHYA SAHU | AIR - 15287/ CRL - 6707 | |
| 543 | JYOTIPRANGYA SAHU | AIR - 15506/ CRL - 6112 | |
| 542 | SMARAK SANGAM BARIK | AIR - 16236/ CRL - 7180 | |
| 542 | DEBESH SAHU | AIR - 16354/ CRL - 7229 | FRESHER |
| 540 | AYUSH MEHER | AIR - 17511/ CRL - 7771 | |
| 540 | SANGITA BHOI | AIR - 17604/ CRL - 7820 | |
| 537 | SOUJANYA S. SARANGI | AIR - 18954/ CRL - 2126 | EWS |
| 537 | DEEPIKA RANI BHOI | AIR - 19353/ CRL - 433 | FRESHER (CAT.) |
| 534 | SAPTAJIT NANDA | AIR - 21331/ CRL - 8685 | |
| 529 | NIKHIL BEHERA | AIR - 24970/ CRL - 11412 | |
| 528 | SWETAPUSPITA SAHU | AIR - 25142/ CRL - 11494 | |
| 524 | SIBANI SATAPATHY | AIR - 28263/ CRL - 3336 | EWS |
| 524 | AMAN KUMAR YADAV | AIR - 28597/ CRL - 13192 | FRESHER |
| 524 | PRAGNYA PANDA | AIR - 28870/ CRL - 11351 | |
| 522 | GIRIJA P. DASH | AIR - 30312/ CRL - 11866 | |
| 521 | ROHAN BEHERA | AIR - 30647 / CRL - 14171 | |
| 517 | MIRAJ KUMAR BHOI | AIR - 34880/ CRL - 16287 | FRESHER |
| 517 | KRUTIKA SAHU | AIR - 34936/ CRL - 4214 | EWS / FRESHER |
| 516 | RAJU MEHER | AIR - 35193/ CRL - 16338 | FRESHER |
| 494 | BISWAJIT JAL | AIR - 58583/ CRL - 1577 | CAT. |
| 469 | ANUBHAB KUANR | AIR - 93569/ CRL - 3185 | FRESHER (CAT.) |
| 396 | MADHUSMRUTI HANSDA | AIR - 217665/ CRL - 3559 | FRESHER (CAT.) |
| 367 | JASMIN ORAM | AIR - 277442/ CRL - 5716 | CAT. |
| 357 | L. PRATIGYAN RANI | AIR - 299557/ CRL - 6661 | CAT. |

- ✔ 120+ Govt. MBBS probables in 2025
- ✔ 30 students scored above 550
- ✔ 100 students scored above 515
- ✔ 40 students expected in AIIMS / SCB

## ADMISSIONS IN FULL SWING

Next batch will start from 24th June, 2025

## BORDERLINE SELECTIONS

| Score | Name | Note |
|---|---|---|
| 514 | OM PRAKASH SAHA | |
| 513 | JEEBAN SAHU | |
| 512 | RANKESH SAHU | |
| 512 | SHRABANEE MAHAKUR | |
| 511 | SWAVIMAAN GADATIA | |
| 509 | JYOTIRANJAN NAYAK | |
| 507 | SUBRAT PATEL | |
| 507 | AYUSH BARPANDA | |
| 506 | HELLIN SWAIN | |
| 506 | SWAROOP MOHAPATRA | |
| 505 | PRANGYA PARIMITA MAHAKUR | |
| 505 | SARTHAK SAHU | |
| 504 | ASHIS ROUT | |
| 504 | SUBHASISH SAHU | |
| 503 | KRITI SAMANTARAY | FRESHER |
| 501 | AMAR KUMAR MAHAPATRA | |
| 501 | ADARSH PASAYAT | |
| 500 | OM PRAKASH PADHAN | FRESHER |
| 500 | PRIYABRATA PARIDA | |

## IIT - 2025 1st Round Selections

- IIT Bombay – SWAYAM SUNDAR MEHER
- IIT Bombay – KRISHNAS MISHRA
- IIT Kanpur – PURUSHOTTAM BHOINA
- IIT Kharagpur – KAMLESH SAHU
- IIT Kharagpur – RUCHISMITA PRADHAN

## JOSSA (FIRST ROUND)

- NIT, Rourkela – AYUSH PATEL
- NIT, Rourkela – NISHANT K. SAHU
- NIT, Rourkela – SUBHAM K. SAHU
- NIT, Rourkela – KEDAR K. CHHURA
- NIT, Rourkela – SONAKSHI MAHARANA
- NIT, Rourkela – ANAND KUMAR SAHU
- NIT, Rourkela – ANWESH PATEL
- NIT, Rourkela (QUALIFIER) – PRITISH CHANDAN SAHU
- NIT, Raipur – DISHA AGRAWAL
- NIT, Raipur – BIJAYLAXMI MISHRA
- NIT, Guwhati – SIDDHARTH S. DHAR
- NIT, Calicut – PRIYARANJAN SUNANI
- IIIT, BBSR – SOMDUTTA MAHAKUR
- IMU, KOLKATA – SHREYAN NAYAK

The Harder The Exams, The Better Are The YUVODAYANs

## ସଂକ୍ଷେପରେ

### ମହାରାଷ୍ଟ୍ର ସ୍କୁଲ ପିଲାଙ୍କ ପାଇଁ ହିନ୍ଦୀ ବାଧ୍ୟ ନୁହେଁ

ମୁମ୍ବାଇ, ୧୮।୬

ମହାରାଷ୍ଟ୍ରରେ ଚାଲିଥିବା ଭାଷା ବିବାଦକୁ ନେଇ ବୁଧବାର ରାଜ୍ୟର ଦେବେନ୍ଦ୍ର ଫଡ଼ନବିସ୍ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଥିବା ମରାଠୀ ଏବଂ ଇଂଲିଶ ମିଡିୟମ ସ୍କୁଲଗୁଡ଼ିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତୃତୀୟ ଭାଷା ଭାବେ ହିନ୍ଦୀ ଶିକ୍ଷାଦାନ ବାଧ୍ୟତାମୂଳକ ନୁହେଁ ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ତ୍ରିଭାଷା ନୀତିରେ ମହାରାଷ୍ଟ୍ର ସରକାର ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ମହାରାଷ୍ଟ୍ରର ସ୍କୁଲଗୁଡ଼ିକରେ ତୃତୀୟ ଭାଷା ଭାବେ ହିନ୍ଦୀ ପାଠପଢ଼ା ଜାରି ରହିବ। ତେବେ ଯଦି କୌଣସି ଶ୍ରେଣୀରେ ୨୦ରୁ ଅଧିକ ଛାତ୍ରୀଛାତ୍ର ହିନ୍ଦୀ ବଦଳରେ ଅନ୍ୟ କୌଣସି ଭାରତୀୟ ଭାଷାକୁ ତୃତୀୟ ଭାଷା ଭାବେ ଶିଖିବାକୁ ଚାହିଁବେ, ସେମାନଙ୍କୁ ଉକ୍ତ ଭାଷାରେ ଶିକ୍ଷକ ଉପଲବ୍ଧ କରାଯିବ କିମ୍ବା ଅନ୍‌ଲାଇନରେ ଉକ୍ତ ଭାଷାର ଶିକ୍ଷା ଦିଆଯିବ।

### ଋଣ ଶୁଝି ନ ପାରିବାରୁ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼

ଅମରାବତୀ, ୧୮।୬

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ନିର୍ବାଚନମଣ୍ଡଳୀ କୁପ୍ପମ ଅନ୍ତର୍ଗତ ନାରାୟଣପୁରମ ଗ୍ରାମରେ ଋଣ ପରିଶୋଧ କରିପାରି ନ ଥିବାରୁ ସିରିଶି ନାମ୍ନୀ ଜଣେ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଇଛି। ଅଭିଯୁକ୍ତ ଜଣକ ଆନ୍ଧ୍ର ପ୍ରଦେଶରେ ଶାସନରେ ଥିବା ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଜଣେ କର୍ମୀ ମନିକପ୍ପା ବୋଲି ଜଣାପଡ଼ିଛି। ମାମଲାକୁ ନେଇ ପୋଲିସ ବୁଧବାର ମନିକପ୍ପା, ତାଙ୍କ ସ୍ତ୍ରୀ ମୁନେମ୍ମା ଏବଂ ତାଙ୍କ ପରିବାରର ୪ ସଦସ୍ୟଙ୍କୁ ଗିରଫ କରିଛି। ପୋଲିସର ସୂଚନା ମୁତାବକ, ସିରିଶିଙ୍କ ସ୍ୱାମୀ ଆର୍ ତିମପ୍ପା ୨ ବର୍ଷ ତଳେ ଗ୍ରାମର ମନିକପ୍ପାଙ୍କଠାରୁ ଋଣରେ ୮୦ ହଜାର ଟଙ୍କା ନେଇଥିଲେ। ତିମପ୍ପା ଏହି ଋଣକୁ ଛୋଟ ଛୋଟ କିସ୍ତିରେ ପରିଶୋଧ କରୁଥିଲେ। ତେବେ କିଛିଦିନ ତଳେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରିବା ପାଇଁ ସେ ଗାଁ ଛାଡ଼ି ବେଙ୍ଗାଲୁରୁ ଚାଲିଯାଇଥିଲେ। ବେଙ୍ଗାଲୁରୁ ଯିବା ପରେ ସେ ମନିକପ୍ପାଙ୍କୁ ଟଙ୍କା ଦେବା ବନ୍ଦ କରିଦେଇଥିଲେ। ଫଳରେ ମନିକପ୍ପା ଏବଂ ତାଙ୍କ ସ୍ତ୍ରୀ ମୁନେମ୍ମା ସିରିଶିଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ।


### ଗୋରକ୍ଷକଙ୍କ ମାଡ଼ରେ ଜଣେ ମୃତ, ଜଣେ ଗୁରୁତର

ଭୋପାଳ,୧୮।୬

ମଧ୍ୟପ୍ରଦେଶର ମେହଗାଁଓ ସହରରେ ଗୋରୁ ଚୋରାଚାଲାଣ ଅଭିଯୋଗରେ ଗତ ୫ ତାରିଖ ରାତିରେ ୨ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଜୁନେଦ୍ ଓ ତାଙ୍କର ଜଣେ ସହଯୋଗୀ ୬ରୁ ୧୦ଟି ଗାଈ ନେଇ ଯାଉଥିବାବେଳେ ତଥାକଥିତ ଗୋରକ୍ଷକମାନେ ମେହଗାଁଓ ମନ୍ଦିର ନିକଟରେ ସେମାନଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ।

# ୬ ଦିନରେ ୬୦୦ ଇରାନୀୟ ମୃତ

## ଆତ୍ମସମର୍ପଣ ଆହ୍ୱାନକୁ ଖାମେନେଇଙ୍କ ପ୍ରତ୍ୟାଖ୍ୟାନ, ଟ୍ରମ୍ପଙ୍କୁ ଓଲଟା ଚେତାବନୀ



ଇସ୍ରାଏଲ୍‌ର ଇରାନ୍ ଆକ୍ରମଣ ଏକ ବଡ଼ ଭୁଲ୍। ଏଥିପାଇଁ ଇସ୍ରାଏଲ୍‌କୁ ଦଣ୍ଡ ଭୋଗିବାକୁ ପଡ଼ିବ। ଇରାନ୍ ଉପରେ ଶାନ୍ତି କିମ୍ବା ଯୁଦ୍ଧ ଲଦି ଦିଆଗଲେ ଏହାକୁ ତେହରାନ୍ ଗ୍ରହଣ କରିବ ନାହିଁ। ଯେଉଁମାନେ ଇରାନ୍‌ର ଇତିହାସ ଜାଣନ୍ତି, ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ, ତେହରାନ୍ ଧମକପୂର୍ଣ୍ଣ ଭାଷାର ଉତ୍ତର ଦେବା ଜାଣିଛି। ଇରାନୀୟମାନେ ଆତ୍ମସମର୍ପଣ କରନ୍ତି ନାହିଁ। ଆମେରିକା ପକ୍ଷରୁ କୌଣସି ପ୍ରକାର ଷ୍ଟ୍ରାଇକ୍ କରାଗଲେ ଏହାର ପରିଣାମ ଅପୂରଣୀୟ କ୍ଷତି ଆଣିଦେବ।
**-ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ୍ ସୁପ୍ରିମ ଲିଡର**

ତେହରାନ୍/ୱାଶିଂଟନ୍,୧୮।୬

ଇସ୍ରାଏଲ୍-ଇରାନ୍ ଯୁଦ୍ଧ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ଏଥିସହ ଇସ୍ରାଏଲ୍ ଆକ୍ରମଣରେ ଇରାନ୍‌ରେ ମୃତ୍ୟୁସଂଖ୍ୟା ୬୦୦ ଅତିକ୍ରମ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତେହରାନ୍‌କୁ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେବା ପରେ ଇରାନ୍ ତେଲ୍‌ଆଭିଭ୍‌କୁ ଟାର୍ଗେଟ କରି ଫତହ-୧ ମିଶାଇଲ୍ ଛାଡ଼ିଥିବା କହିଛି। ଇସ୍ରାଏଲ୍‌ରେ ଅଦ୍ୟାବଧି ୨୫ ଜଣ ନିହତ ହୋଇଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଇରାନ୍ ସୁପ୍ରିମଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ନିଃସର୍ତ୍ତ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହାର ଦିନକ ପରେ ଖାମେନେଇ ଟ୍ରମ୍ପଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ଆମେରିକାକୁ ଓଲଟା ଧମକ ଦେଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଖାମେନେଇ କହିଛନ୍ତି, ଆମେରିକା ଯଦି ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ସାମିଲ ହୁଏ ତେବେ ଏହାକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ସେହିପରି ଇରାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଆମେରିକୀୟ ହସ୍ତକ୍ଷେପକୁ ଯୁଦ୍ଧ ଜରିଆରେ ମୁକାବିଲା କରାଯିବ ବୋଲି କହିଛି। ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ମିଶାଇଲ୍ ନିର୍ମାଣ କେନ୍ଦ୍ର ଉପରେ ଆକ୍ରମଣ ପାଇଁ ୫୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ନିୟୋଜିତ କରାଯାଇଛି। ଆକ୍ରମଣରେ ଇରାନ୍‌ର ତବ୍‌ରିଜ ମିଶାଇଲ୍ ବେସ୍ ଓ ମଶାହଦ ଏୟାରଫିଲ୍ଡର ପ୍ରଭୁତ କ୍ଷତି ସାଧିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଇରାନ୍ ଦାବି କରିଛି ଯେ, ଇସ୍ରାଏଲ୍ ଆଡ଼କୁ ଏକ ଫତହ-୧ ମିଶାଇଡ୍ ଛଡ଼ାଯାଇଛି। ଏହା ସତ ହୋଇଥିଲେ ୨୦୨୩ ପରେ ସଦ୍ୟ ଯୁଦ୍ଧରେ ଇରାନ୍ ପକ୍ଷରୁ

### ତେଲ୍ ଆଭିଭ୍‌କୁ ଇରାନ୍ ଛାଡ଼ିଲା ଫତହ-୧ ମିଶାଇଲ୍

ଏହା ଇସ୍ରାଏଲ୍-ଷ୍ଟ୍ରାଇକର୍‌ର ପ୍ରଥମ ପ୍ରୟୋଗ। ଇତିମଧ୍ୟରେ ଆମେରିକାର ୨ ଜଣ ଅଧିକାରୀ କହିଛନ୍ତି, ଟ୍ରମ୍ପ୍ ଇରାନୀୟ ନ୍ୟୁକ୍ଲିୟର ଫାସିଲଟିଗୁଡ଼ିକ ଉପରେ ଆମେରିକୀୟ ସାମରିକ ଉପକରଣ ବ୍ୟବହାର କରିବା ପାଇଁ ଅତ୍ୟନ୍ତ

ଇରାନ୍ ବର୍ତ୍ତମାନ ଆତ୍ମରକ୍ଷା ପାଇଁ ସମ୍ପୂର୍ଣ୍ଣ ରୂପେ ଅକ୍ଷମ ହୋଇଗଲାଣି। ଏହା ନିକଟରେ ଆଉ ଏୟାର ଡିଫେନ୍ସ ନାହିଁ। ଇରାନ୍ ହ୍ୱାଇଟ୍ ହାଉସ୍ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛି।
**-ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**



ଆଗ୍ରହୀ। ୩୦ରୁ ଅଧିକ ୟୁଏସ୍ ମିଲିଟାରି ଏରିଆଲ୍ ରିଫ୍ୟୁଲିଙ୍ଗ୍ ଟ୍ୟାଙ୍କରକୁ ମଧ୍ୟପ୍ରାଚ୍ୟକୁ ଛଡ଼ାଯାଇଛି। ଇରାନ୍ ୬ ଦିନ ଭିତରେ ତେଲ୍‌ଆଭିଭ୍ ଆଡ଼କୁ ୪୦୦ରୁ ଅଧିକ ମିଶାଇଲ୍ ଓ ଅନେକ ଶହ ଡ୍ରୋନ୍ ଛାଡ଼ିସାରିଲାଣି। ଏଥିରେ ଇସ୍ରାଏଲ୍‌ର ୪୦ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି।

ଇରାନ୍‌ର ଶେଷ ରାଜାଙ୍କ ପୁଅ ତଥା ନିର୍ବାସନରେ ଥିବା ବିରୋଧୀ ବ୍ୟକ୍ତିତ୍ୱ ରେଜା ପହଲଭି କ୍ଷମତା ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି। ଖାମେନେଇ ଅଣ୍ଡରଗ୍ରାଉଣ୍ଡ ହୋଇଯାଇଛନ୍ତି ଏବଂ ଇସ୍‌ଲାମିକ୍ ସାଧାରଣତନ୍ତ୍ର ଭୁଶୁଡ଼ିପଡ଼ିଥିବା ସେ ଦାବି କରିଛନ୍ତି। ଇତିମଧ୍ୟରେ ଇରାନ୍‌ରୁ ୧୧୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବିମାନ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ଛାତ୍ରୀଛାତ୍ରମାନେ ଆର୍ମେନିଆରୁ ଦୋହା ଯିବା ପରେ ସେଠାରୁ ବିମାନରେ ଆସୁଥିବା ଜଣାପଡ଼ିଛି।



ତେହରାନରେ ଇସ୍ରାଏଲ୍‌ର ମିଶାଇଲ୍ ମାଡ଼ ପରେ ଧୂଆଁ ଉଠୁଛି।

### ୧୦-୧୨ ଦିନରେ ସରିଯିବ ଇସ୍ରାଏଲୀ ମିଶାଇଲ

ତେହରାନ୍‌ରୁ ନେଇ ତେଲ୍‌ଆଭିଭ୍ ପର୍ଯ୍ୟନ୍ତ ଚାଲିଛି ମିଶାଇଲ ମାଡ଼ର ପ୍ରତିଯୋଗିତା। ଇରାନ୍ ଉପରେ ଆକ୍ରମଣ ବେଳେ ଇସ୍ରାଏଲ୍ ଭାବି ନ ଥିଲା ଏପରି ପ୍ରତିରୋଧର ସମ୍ମୁଖୀନ ହେବ ବୋଲି। ଇସ୍ରାଏଲୀ ଇଣ୍ଟରସେପ୍ଟରଗୁଡ଼ିକ ବର୍ତ୍ତମାନ ଚାପଗ୍ରସ୍ତ। ଏରୋ ମିଶାଇଲ ପିଛା ୩ ନିୟୁତ ଡଲାର। ଇସ୍ରାଏଲ୍‌କୁ ଡିଫେନ୍ସ ଅପରେଶନ୍ ପାଇଁ ପ୍ରତି ରାତିରେ ୨୮୫ ନିୟୁତ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଇରାନ୍‌ର ପ୍ରତିଆକ୍ରମଣକୁ ଇସ୍ରାଏଲ୍ ଆଉ କେତେଦିନ ବରଦାସ୍ତ କରିପାରିବ ତାକୁ ନେଇ ବଡ଼ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥିତିରେ ଇସ୍ରାଏଲ୍ ଆମେରିକାଠାରୁ ଯୁଦ୍ଧାସ୍ତ୍ର ସହଯୋଗ ନ ପାଇଲେ ଏହାର ସାମରିକ ଭିତ୍ତିଭୂମି ଦୋହଲିଯିବ ବୋଲି ଅନେକେ ମତ ଦେଉଛନ୍ତି। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏତେ ଶୀଘ୍ର ଇସ୍ରାଏଲ୍ ସହ ଇରାନ୍ ବିରୋଧୀ ଯୁଦ୍ଧରେ ଆମେରିକାକୁ ସାମିଲ କରି ତେହରାନ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ନ ପାରନ୍ତି ବୋଲି ଅନ୍ୟ କେତେକ ସୂତ୍ରରୁ ଜଣାପଡ଼ିଛି।



### ୨୨କୁ ଘୁଞ୍ଚିଲା ଆକ୍ସିଓମ ୪ ମିଶନ

ଫ୍ଲୋରିଡା, ୧୮।୬

ଆମେରିକୀୟ ମହାକାଶ ସଂସ୍ଥା ନାସା ପୁଣିଥରେ ଆକ୍ସିଓମ ୪ ମିଶନର ଲଞ୍ଚିଂକୁ ଘୁଞ୍ଚାଇଛି। ରବିବାର ପୂର୍ବରୁ ଏହି ମିଶନ ଲଞ୍ଚ୍ ହୋଇପାରିବ ନାହିଁ ବୋଲି ନାସା ସ୍ପଷ୍ଟ କରିଛି। ଯଦି ସବୁକିଛି ଯୋଜନା ମୁତାବକ ରହେ, ତେବେ ଆସନ୍ତା ୨୨ରେ ଆକ୍ସିଓମ ୪ ମିଶନର ଲଞ୍ଚିଂ ହେବ। ନିକଟରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ର ଜେଭେଜ୍‌ଦା ସର୍ଭିସ୍ ମଡ୍ୟୁଲର ପଛ ପାର୍ଶ୍ୱରେ ମରାମତି କାର୍ଯ୍ୟ ହୋଇଥିବାରୁ ଏହାର ମୂଲ୍ୟାଙ୍କନ ପାଇଁ ରବିବାର ପର୍ଯ୍ୟନ୍ତ ନାସା ସମୟ ପାଇବ ବୋଲି ଆକ୍ସିଓମ୍ ସ୍ପେସ୍ କହିଛି। ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ମଧ୍ୟ ଏନେଇ ଏକ୍ସ’ରେ ସୂଚନା ଦେଇଛି। ନାସା, ସ୍ପେସ୍‌ଏକ୍ସ’, ଇସ୍ରୋ ଏବଂ ଆକ୍ସିଓମ୍ ସ୍ପେସ୍‌ର ଏହି

#### ଆଇଏସ୍‌ଏସ୍‌ରେ ହୋଇଥିବା ମରାମତି କାର୍ଯ୍ୟର ମୂଲ୍ୟାଙ୍କନ କରିବ ନାସା

ମିଳିତ ମିଶନ ପୂର୍ବରୁ ମେ ୨୯ରେ ଲଞ୍ଚ୍ ହେବାର ଥିଲା। ପରେ ଭିନ୍ନ ଭିନ୍ନ କାରଣ ପାଇଁ ଏହାକୁ ଜୁନ୍ ୮, ୯, ୧୧ ଏବଂ ୧୯କୁ ଘୁଞ୍ଚାଯାଇଥିଲା। ଏହି ମିଶନରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଏବଂ ୩ ଅନ୍ୟ ଆଷ୍ଟ୍ରୋନଟ ଆଇଏସ୍‌ଏସ୍‌କୁ ଯିବେ। ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିବେ। ସେହିପରି ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ସେ ଦ୍ୱିତୀୟ ଭାରତୀୟ ହେବେ।

### ୟୁପି ପୋଲିସରେ ଏକସଙ୍ଗେ ଭର୍ତ୍ତିହେଲେ ବାପପୁଅ

ଲକ୍ଷ୍ନୌ, ୧୮।୬

ଉତ୍ତର ପ୍ରଦେଶର ହାପୁର ଜିଲା ଉଦୟରାମପୁର ନଙ୍ଗଲା ଗ୍ରାମର ବାପପୁଅଙ୍କ ଯୋଡ଼ି ଏକସଙ୍ଗେ ରାଜ୍ୟ ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ଲକ୍ଷ୍ନୌସ୍ଥିତ ଡିଫେନ୍ସ ଏକ୍ସପୋ ଭେନ୍ୟୁରେ ପହଞ୍ଚି ଅବସରପ୍ରାପ୍ତ ସେନା ହାବିଲଦାର ଯଶପାଲ ସିଂ ନାଗର (୪୧) ଏବଂ ତାଙ୍କ ପୁଅ ଶେଖର ନାଗର (୨୧) ନିଜ ନିଯୁକ୍ତି ପତ୍ର ଆଣିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଭୟଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଯଶପାଲ ୨୦୦୩ରେ ଭାରତୀୟ ସେନାରେ ଭର୍ତ୍ତି ହୋଇଥିଲେ। ୧୬ ବର୍ଷ ଧରି ସେବା ଯୋଗାଇବା ପରେ ୨୦୧୯ରେ



ଯଶପାଲ ସିଂ ନାଗର ଓ ତାଙ୍କ ପୁଅ ଶେଖର।

ସେ ସେନାରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରେ ଦିଲ୍ଲୀରେ ଥିବା ଆର୍ମି ଅର୍ଡିନାନ୍ସ କର୍ପ୍ସରେ ସେ କିଛିଦିନ ପାଇଁ କାର୍ଯ୍ୟ କରିଥିଲେ। ୨୦୨୪ରେ ଉତ୍ତର ପ୍ରଦେଶର କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ପାଇଁ ଯଶପାଲ ପୁଅ ଶେଖରଙ୍କ ସହ ମିଶି ଆବେଦନ କରିଥିଲେ। ଉଭୟ ବାପପୁଅ ଏକସଙ୍ଗେ ଉକ୍ତ ପରୀକ୍ଷା ଦେଇଥିଲେ ଏବଂ ଏକସଙ୍ଗେ ଉଭୟଙ୍କର ସିଲେକ୍ସନ ମଧ୍ୟ ହୋଇଛି। ଦୁହେଁ ୨ ବର୍ଷ ଧରି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଉଭୟେ ଦିଲ୍ଲୀର ଏକ କୋଚିଂ ସେଣ୍ଟରରେ ମିଳିତ ଭାବେ ୟୁପି ପୋଲିସ କନଷ୍ଟେବଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ଶେଖର କହିଛନ୍ତି।

ଏବେ ଯଶପାଲ ଶାହଜହାନ୍‌ପୁର ଏବଂ ପୁଅ ଶେଖର ବରେଲିରେ ୟୁପି ପୋଲିସ କନଷ୍ଟେବଲ ଭାବେ ଟ୍ରେନିଂ ନେବେ। ଚଳିତ ମାସ ଶେଷ ଆଡ଼କୁ ଉଭୟେ ଟ୍ରେନିଂ ପାଇଁ ଯିବେ। ୟୁପି ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହେବା ପରେ ଶେଖର କହିଛନ୍ତି, ସେ ଆଗକୁ ମଧ୍ୟ କମ୍ବାଇନ୍‌ଡ ଡିଫେନ୍ସ ସର୍ଭିସ୍ ଏକ୍ସାମିନେଶନ (ସିଡିଏସ୍) ଏବଂ ୟୁପି ଇନ୍ସପେକ୍ଟର ପରୀକ୍ଷା ପରି ବିଭିନ୍ନ ସରକାରୀ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିବେ। ସେହିପରି ଯଶପାଲ କହିଛନ୍ତି, ଶେଖର ଉଚ୍ଚ ମାଧ୍ୟମିକ ପାଠପଢ଼ା ଶେଷ କରିବା ପରେ ସେ ତାଙ୍କୁ ୟୁପି ପୋଲିସ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ତେବେ ଧୀରେ ଧୀରେ ପୁଅକୁ ପ୍ରସ୍ତୁତିରେ ସହଯୋଗ କରିବା ସହ ସେ ନିଜେ ମଧ୍ୟ ପ୍ରସ୍ତୁତିରେ ଲାଗିପଡ଼ିଥିଲେ ବୋଲି ଯଶପାଲ କହିଛନ୍ତି। ଫଳରେ ସେ ପୁଅ ସହ ମିଶି ୟୁପି ପୋଲିସ କନ୍‌ଷ୍ଟେବଲ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସେହିପରି କୋଚିଂ ସେଣ୍ଟରରେ ପୁଅ ସହ ମିଶି ଗୋଟିଏ ଶ୍ରେଣୀରେ ବସିବା ତାଙ୍କୁ ପ୍ରଥମେ ଅଜବ ଲାଗିଥିଲା ବୋଲି ଯଶପାଲ କହିଛନ୍ତି। ତେବେ ପରେ ସେ ଏଥିରେ ଅଭ୍ୟସ୍ତ ହୋଇଯାଇଥିଲେ।

## ଫୁରସତ୍

### ଅତିଥିଙ୍କ ସଂଖ୍ୟା ମେଳ ନ ଖାଇଲେ ଜରିମାନା ଲଗାଇବ ରେଷ୍ଟୁରାଣ୍ଟ

ପ୍ୟାରିସ୍

ଫ୍ରାନ୍ସର ଆମ୍ବୋଇଜ୍‌ଠାରେ ଥିବା ଲିଲୋଟ୍ ନାମକ ଏକ ରେଷ୍ଟୁରାଣ୍ଟ ପକ୍ଷରୁ ନିକଟରେ ନିଜ ଗ୍ରାହକଙ୍କ ପାଇଁ ନୂତନ ଜରିମାନା ନୀତି ଘୋଷଣା କରାଯାଇଛି। ଏହି ନୀତି ଅନୁଯାୟୀ, ଗ୍ରାହକମାନେ ଅର୍ଡର ଦେଉଥିବା ପାର୍ଟିରେ ପୂର୍ବରୁ ଦର୍ଶା ଯାଇଥିବା ସଂଖ୍ୟାଠାରୁ ଯଦି କମ୍ କିମ୍ବା ଅଧିକ ଅତିଥି ଆସିଲେ, ତେବେ ଏଥିପାଇଁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଲିଲୋଟ୍ ରେଷ୍ଟୁରାଣ୍ଟର ମାଲିକ ତଥା ମ୍ୟାନେଜର ଅଲିଭିୟର ଭିନ୍‌ସେଣ୍ଟ କହିଛନ୍ତି, ତାଙ୍କ ରେଷ୍ଟୁରାଣ୍ଟରେ କେବଳ ୨୦ଟି ସିଟ୍ ରହିଛି। ଯେତେବେଳେ ଲୋକମାନେ ଏଠାରେ ପାର୍ଟି ଆୟୋଜନ କରନ୍ତି, ସେମାନେ ପୂରା ୨୦ ସିଟ୍ ବୁକ୍ କରି ଦିଅନ୍ତି। କିନ୍ତୁ ଅନେକ ସମୟରେ ପାର୍ଟିରେ କମ୍ ଲୋକ ଆସିଥାନ୍ତି, ଯାହାଫଳରେ ରେଷ୍ଟୁରାଣ୍ଟକୁ କ୍ଷତି ସହିବାକୁ ପଡ଼େ। ସେହିପରି କେବେକେବେ ବୁକ୍ ହୋଇଥିବା ସିଟ୍ ସଂଖ୍ୟାଠାରୁ ଅଧିକ ଅତିଥି ମଧ୍ୟ ଆସିଯାଆନ୍ତି, ଯାହା ମଧ୍ୟ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ବୋଲି ଭିନ୍‌ସେଣ୍ଟ କହିଛନ୍ତି। ପ୍ରତି ସପ୍ତାହରେ ସେ ଏପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ଏହି ସମସ୍ୟା ତାଙ୍କ ବ୍ୟବସାୟକୁ ପ୍ରଭାବିତ କରୁଥିବାରୁ ସେ ବାଧହୋଇ ଗ୍ରାହକଙ୍କ ପାଇଁ ଜରିମାନା ନୀତି ଘୋଷଣା କରିଥିବା ଭିନ୍‌ସେଣ୍ଟ କହିଛନ୍ତି। ନୂତନ ନିୟମ ଅନୁଯାୟୀ, ଲିଲୋଟ୍ ରେଷ୍ଟୁରାଣ୍ଟରେ ପାର୍ଟି ବୁକ୍ କରିବା ସମୟରେ ଉଲ୍ଲେଖ କରାଯାଇଥିବା ଅତିଥିଙ୍କ ସଂଖ୍ୟାଠାରୁ ଯଦି ପାର୍ଟିକୁ ଆସିଥିବା ଅତିଥିଙ୍କ ସଂଖ୍ୟା ମେଳ ଖାଇବ ନାହିଁ, ତେବେ ଅର୍ଡର ଦେଇଥିବା ଗ୍ରାହକଙ୍କଠାରୁ ପ୍ରତି କମ୍ କିମ୍ବା ଅତିରିକ୍ତ ଅତିଥିଙ୍କ ପାଇଁ ୧୫ ୟୁରୋ (ପ୍ରାୟ ୧୪୦୦ ଟଙ୍କା) ଜରିମାନା ଆକାରରେ ଆଦାୟ କରାଯିବ। ତେବେ ଏହାକୁ ଏକ ଅଜବ ନିୟମ ବୋଲି କହି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଭିନ୍‌ସେଣ୍ଟଙ୍କୁ ସମାଲୋଚନା କରିଛନ୍ତି।




### ଦିନକର ବାଇକ୍ ପାର୍କିଂ ଭଡ଼ା ୨,୪୦୦ ଟଙ୍କା

ବାରାଣସୀ

ଉତ୍ତର-ପୂର୍ବ ରେଳପଥର ବାରାଣସୀ ରେଳ ଷ୍ଟେଶନରେ ଏକ ବାଇକ୍ ପାର୍କିଂର ଟିକେଟ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଟିକେଟ ଅନୁଯାୟୀ, ଘଣ୍ଟାଏରୁ ଅଧିକ ସମୟ ଧରି ଗାଡ଼ି ପାର୍କିଂ ହୋଇ ରହିଲେ, ଘଣ୍ଟା ପ୍ରତି ୧୦୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ଅର୍ଥାତ୍ ଯଦି ଗୋଟିଏ ବାଇକ୍ ୨୪ ଘଣ୍ଟା ପାଇଁ ପାର୍କିଂ ହୋଇ ରହିବ, ତେବେ ଭଡ଼ା ଆକାରରେ ୨,୪୦୦ ଟଙ୍କା ଦେବାକୁ ପଡିବ। ଘଟଣାକୁ ନେଇ ରେଳ ପ୍ରଶାସନ ପାର୍କିଂ ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରେଳ ଷ୍ଟେଶନ ପ୍ରଶାସନ ସମ୍ପୃକ୍ତ ଠିକାଦାର ସଂସ୍ଥାର ପାର୍କିଂ ଚୁକ୍ତିନାମା ବାତିଲ କରିବା ସହ ଠିକାଦାରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି।

ଏନେଇ ସ୍ଥାନୀୟ ମହମୁର୍‌ଗଞ୍ଜ ବାସିନ୍ଦା ଡାକ୍ତର ରାଜେଶ କୁମାର ଶ୍ରୀବାସ୍ତବ ରେଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଶ୍ରୀବାସ୍ତବ ତାଙ୍କ ଅଭିଯୋଗରେ କହିଛନ୍ତି, ବାରାଣସୀ ରେଳ ଷ୍ଟେଶନର ପ୍ଲାଟଫର୍ମ-୧ରେ ଥିବା ପାର୍କିଂ ଷ୍ଟାଣ୍ଡରେ ୨୪ ଘଣ୍ଟା ବାଇକ୍ ରଖିବା ପାଇଁ ୨,୪୦୦ ଟଙ୍କା ଆଦାୟ କରାଯାଉଛି। ସେହିପରି ୨୪ ଘଣ୍ଟା ସାଇକେଲ ରଖିବା ପାଇଁ ୧,୨୦୦ ଟଙ୍କା ଆଦାୟ କରାଯାଉଛି। ଶ୍ରୀବାସ୍ତବଙ୍କ ଅଭିଯୋଗ ପରେ ରେଳ ପ୍ରଶାସନ ପକ୍ଷରୁ ଘଟଣାକୁ ନେଇ ତଦନ୍ତ କରାଯାଇଥିଲା। ମନମାନି କରି ପାର୍କିଂ ଫି ଆଦାୟ କରୁଥିବାରୁ ପାର୍କିଂ ଅପରେଟରଙ୍କ ଉପରେ ରେଳ ପ୍ରଶାସନ ୫ ହଜାର ଟଙ୍କାର ଜରିମାନା ଲଗାଇଥିଲା।



ବର୍ଷ ଏକ ଉପଲବ୍ଧି ଅନେକ

DADLS - 33

# ବିକଶିତ ଓଡ଼ିଶା ପାଇଁ ସମୁନ୍ନତ ଶିକ୍ଷା ବ୍ୟବସ୍ଥା

- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଶୁଭାରମ୍ଭ
- ୪୫୦୦୦ରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିଶୁ ବାଟିକା କାର୍ଯ୍ୟକ୍ଷମ
- ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ଗୁରୁତ୍ୱ



OIPR-15001/13/0712/2526


# ଅଗଷ୍ଟ ୧୫ରୁ ବର୍ଷିକିଆ ଫାସ୍‌ଟାଗ୍

## ଘରୋଇ ଯାନବାହନ ପାଇଁ ୩ ହଜାର ଟଙ୍କା

ନୂଆଦିଲ୍ଲୀ, ୧୮।୬

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ଏକ୍ସ'ରେ ଦେଶବ୍ୟାପୀ ବର୍ଷିକିଆ ଫାସ୍‌ଟାଗ୍‌ର ଘୋଷଣା କରିଛନ୍ତି। ଏହି ବର୍ଷିକିଆ ପାସ୍ ପାଇଁ ୟୁଜର୍ସମାନଙ୍କୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ପାସ୍ ଦେଖାଇ ଯାତ୍ରୀମାନେ ବର୍ଷକୁ ସର୍ବାଧିକ ୨୦୦ ଥର ଯାତ୍ରା କରିପାରିବେ। ତେବେ ସମୟସୀମା ପୂର୍ବରୁ ୨୦୦ ଯାତ୍ରା ପୂରା ହୋଇଗଲେ କିମ୍ବା ପାସ୍‌ର ଅବଧି ବର୍ଷେ ପୂରା ହେବାପରେ ୟୁଜର୍ସମାନଙ୍କୁ ସେମାନଙ୍କ ପାସ୍ ରିନ୍ୟୁ କରିବାକୁ ପଡ଼ିବ। ଆସନ୍ତା ଅଗଷ୍ଟ ୧୫ଠାରୁ ଏହି ବର୍ଷିକିଆ ଫାସ୍‌ଟାଗ୍ ପାସ୍ କାର୍ଯ୍ୟକାରୀ ହେବ ବୋଲି ଗଡ଼କରୀ କହିଛନ୍ତି। ☞ପୃଷ୍ଠା-୨



ନବଯୌବନ ଦର୍ଶନର ଅବ୍ୟବହିତ ପୂର୍ବରୁ କଟକ ଦରଘାବଜାର ଚିତ୍ରକର ସାହିରେ ଶ୍ରୀଜୀଉଙ୍କ ପ୍ରତିମାକୁ ରଙ୍ଗତୂଳୀରେ ସଜାଉଛନ୍ତି ଜଣେ ଶିଳ୍ପୀ।

# ଝିଅ ଜନ୍ମହେବାରୁ ମାରିଦେଲେ

**ଏବେବି ଝିଅ ଜନ୍ମକୁ କେତେଜଣ ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଜନ୍ମ ଦେଇଥିବା ମା'ଙ୍କୁ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରୀରିକ ଯନ୍ତ୍ରଣା ଦିଆଯାଉଛି। ଉପାନ୍ତ ଅଞ୍ଚଳଠାରୁ ଆରମ୍ଭ କରି ସହର ଯାଏ ଏଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପରିବାର ବିରୋଧରେ ମଧ୍ୟ ଏଭଳି ଏକ ସଙ୍ଗିନ ଅଭିଯୋଗ ଆସିଛି। ଉପାଧ୍ୟକ୍ଷାଙ୍କ ପୁତ୍ରବଧୂ ନମିତା ୧୦ଦିନ ତଳେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବାବେଳେ ବୁଧବାର ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଅପରପକ୍ଷରେ କନ୍ୟାସନ୍ତାନ ଜନ୍ମ ଦେବା କାରଣରୁ ନବଜାତକର ମା'ଙ୍କୁ ମାନସିକ ନିର୍ଯାତନା ଦିଆଯିବା ସହ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ଅଭିଯୋଗ ହୋଇଛି। ଜଳେଶ୍ୱର ପୋଲିସ ଅଭିଯୋଗକୁ ଆଧାର କରି ଏକ ହତ୍ୟା ମାମଲା ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ, ଶ୍ୱଶୁର, ଦାଦା ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।**

## ପୌର ଉପାଧ୍ୟକ୍ଷାଙ୍କ ପରିବାର ବିରୋଧରେ ଅଭିଯୋଗ



ନମିତା

### ସ୍ୱାମୀ, ଶ୍ୱଶୁର, କକାଶ୍ୱଶୁରଙ୍କୁ ଉଠାଇ ନେଲା ପୋଲିସ

ଜଳେଶ୍ୱର,୧୮।୬(ନବୀନ ସାହୁ)

ଜଳେଶ୍ୱର ପୌରପାଳିକାର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପୁଅ ରିତେଶ କାମିଲା ୨୦୨୨ରେ ନିକଟସ୍ଥ ଚକବିଷ୍ଣୁ ଗ୍ରାମର ଜଳଧର ପ୍ରଧାନଙ୍କ କନ୍ୟା ନମିତା(୨୪)ଙ୍କୁ ଭଲ ପାଇ ବୈଦିକ ରୀତିନୀତିରେ ବିବାହ କରିଥିଲେ। ଘରେ ଶାଶୁ, ଶ୍ୱଶୁର, କକା, କାକୀ ଶାଶୁ, ନଣନ୍ଦ ଏବଂ ସ୍ୱାମୀଙ୍କ ସହିତ ନମିତା ଏକ ଯୌଥ ପରିବାରରେ ରହୁଥିଲେ। ସ୍ୱାମୀ ରିତେଶଙ୍କ ଜଳେଶ୍ୱର ବଜାରରେ ଏକ ବାସନ ଦୋକାନ ରହିଛି। ନମିତା ୧୦ ଦିନ ତଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେ ଶିଶୁକନ୍ୟା ଜନ୍ମ ଦେଇଥିବାରୁ ଶାଶୁ ଘର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ନମିତାଙ୍କୁ ତାଙ୍କ ଶୋଇବା ଘରେ ଝୁଲନ୍ତା ଅବସ୍ଥାରେ ଶ୍ୱଶୁର ଘର ଲୋକ ଦେଖିବାକୁ ପାଇଥିଲେ। ନମିତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନମିତା ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ କହୁଥିବାବେଳେ ବାପଘର ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଝିଅ ଜନ୍ମ ଦେବା ପରଠାରୁ ନମିତାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ନମିତାଙ୍କ ସମ୍ପର୍କୀୟା ଭଉଣୀ ସୁମିତ୍ରା ପାଲ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୮୦ (ଯୌତୁକଜନିତ ମୃତ୍ୟୁ), ୮୫ (ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ନିର୍ଯାତନା), ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା), ୧୦୩ (ହତ୍ୟା), ୩(୫) (ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି)ରେ ଏକ ମାମଲା(ନଂ.୨୮୦/୨୫) ରୁଜୁ କରି ମୃତାଙ୍କ ସ୍ୱାମୀ, ଶ୍ୱଶୁର ଏବଂ ଦାଦା ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ଜୟନ୍ତ ବେହେରା କହିଛନ୍ତି। ଏହି ଘଟଣା ସମ୍ପର୍କରେ ପୌର ଉପାଧ୍ୟକ୍ଷା କିମ୍ବା ତାଙ୍କ ପରିବାର କାହାରି ପ୍ରତିକ୍ରିୟା ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁସାରେ ଗତ ୫ରୁ ୬ବର୍ଷ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟାଙ୍କ ବଡ଼ବୋହୂଙ୍କ ମଧ୍ୟ ସନ୍ଦେହଜନକ ମୃତ୍ୟୁ ଘଟିଥିଲା।

# ୧୫ ଦିନରେ ମିଳିବ ଭୋଟର କାର୍ଡ

ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ରବିନାରାୟଣ ଜେନା),୧୮।୬

ପୂର୍ବରୁ ଦେଶର ମତଦାତାଙ୍କୁ ଇଲେକ୍ଟର ଫଟୋ ଆଇଡେଣ୍ଟିଟି କାର୍ଡ (ଇପିଆଇସି) ପାଇବାକୁ ହେଲେ ମାସେରୁ ଅଧିକ ସମୟ ଲାଗୁଥିଲା। ଏଣିକି ଭୋଟର କାର୍ଡ ୧୫ ଦିନ ଭିତରେ ମିଳିଯିବ ବୋଲି ବୁଧବାର ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ଇସି କହିଛନ୍ତି, ଭାରତର ନୂଆ ଭୋଟରଙ୍କ ନାମ ପଞ୍ଜୀକରଣ ଓ ପଞ୍ଜୀକୃତ ଭୋଟରଙ୍କ ତଥ୍ୟ ସଂଶୋଧନ ଯେମିତି ୧୫ ଦିନ ଭିତରେ ହୋଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ନୂଆ ବ୍ୟବସ୍ଥା ଅନୁସାରେ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଫିସର (ଇଆରଓ)ଙ୍କ ଦ୍ୱାରା କରାଯାଉଥିବା ଇପିଆଇସି ଜେନେରେଶନ୍‌ଠାରୁ ନେଇ ଭୋଟରଙ୍କୁ ☞ପୃଷ୍ଠା-୨

# ଆଉ ୧୬ ନମୁନାରେ ହଇଜା

ଯାଜପୁର,୧୮।୬ (ହର୍ଷବର୍ଦ୍ଧନ ବେହେରା)

## ଯାଜପୁର

- ଜଣେ ଶିଶୁର ଜୀବନ ଗଲା, ମୃତ୍ୟୁସଂଖ୍ୟା ୨୦ ହେଲା
- ଦୂଷିତ ଜଳ, ଖାଦ୍ୟ ପ୍ରମୁଖ କାରଣ

ଯାଜପୁର ଜିଲାରେ ହଇଜା(କଲେରା) ବ୍ୟାପିବାରେ ଲାଗିଛି। ବୁଧବାର ଆଉ ୧୬ ନମୁନାରେ ହଇଜା (ଭିବ୍ରିଓ କଲେରା) ଚିହ୍ନଟ ହୋଇଥିବା କେନ୍ଦ୍ରୀୟ ଦଳ ପକ୍ଷରୁ ସୂଚନା ମିଳିଛି। ମୋଟ ୪୯ ନମୁନା ଯାଞ୍ଚ ହୋଇଥିବାବେଳେ ସେଥିରୁ ୩୩% ହଇଜା ସଂକ୍ରମିତ ବୋଲି ସ୍ପଷ୍ଟ ହୋଇଛି। ପୂର୍ବରୁ ୧୧ଜଣ ହଇଜାରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ରିପୋର୍ଟକୁ ମିଶାଇ ହଇଜା ପଜିଟିଭ୍ ରୋଗୀଙ୍କ ସଂଖ୍ୟା ୨୭ ହୋଇଛି। ଅନ୍ୟପକ୍ଷେ ହଇଜା ଓ ଡାଇରିଆ ବ୍ୟାପିବାର ଧାରାରେ ପରିବର୍ତ୍ତନ ଆସିଛି। ପୂର୍ବରୁ ବୟସ୍କ ଲୋକମାନେ ହଇଜା ଓ ଡାଇରିଆରେ ଆକ୍ରାନ୍ତ ହେଉଥିବାବେଳେ ଗତ ୨ ଦିନ ହେଲା ଶିଶୁ ଓ କିଶୋରମାନେ ଏଥିରେ ସଂକ୍ରମିତ ହେଉଛନ୍ତି। ବୁଧବାର ବ୍ୟାସନଗର ପୌରାଞ୍ଚଳର ନହକା ୱାର୍ଡର ଜଣେ ୧ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଜନିକ ମୁର୍ମୁ। ଏହାକୁ ମିଶାଇ ଜିଲାରେ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି। ନୂଆ ରୋଗୀ ଏବଂ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉ ନ ଥିଲେ ହେଁ ମୃତକଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ସ୍ୱାସ୍ଥ୍ୟ ବିଭାଗ ଏକପ୍ରକାର ବିଫଳ ହୋଇଛି ବୋଲି ମତପ୍ରକାଶ ପାଇଛି।

ଜିଲାରେ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ହଇଜା ବ୍ୟାପୁଥିବା କେନ୍ଦ୍ରୀୟ ଦଳ ପରୋକ୍ଷରେ ସ୍ୱୀକାର କରିଛନ୍ତି। ମଙ୍ଗଳବାର ସୁଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାରେ ୧୭୪ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ବୁଧବାର ୧୦୪ ଜଣ ନୂଆ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୯ଜଣ ଗୁରୁତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହାବାଦ୍ ୧୧୨ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।


ଆଜିର ସମ୍ପାଦକୀୟ
ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ


# ମଧ୍ୟସ୍ଥତାକୁ ଗ୍ରହଣ କରିବନି ଭାରତ

କନାନକସ୍କିସ୍(କାନାଡା),୧୮।୬

## ମୋଦି-ଟ୍ରମ୍ପ୍ ଆଲୋଚନା

- ଆତଙ୍କବାଦକୁ ଯୁଦ୍ଧ ବିବେଚନା କରୁଛି ନୂଆଦିଲ୍ଲୀ
- ପାକିସ୍ତାନର ଅନୁରୋଧ କ୍ରମେ ହୋଇଥିଲା ଅସ୍ତ୍ରବିରତି
- କ୍ୱାଡ୍ ସମିଟ୍‌ରେ ଯୋଗଦେବା ପାଇଁ ଆସିବେ ଟ୍ରମ୍ପ୍



ଗତମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟକ୍ଷ ପାରସ୍ପରିକ ଆଲୋଚନା ଜରିଆରେ ବନ୍ଦ ହୋଇଥିଲା। ଏଥିରେ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା କରି ନ ଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅବଗତ କରାଇଛନ୍ତି। ଟ୍ରମ୍ପ୍ ମଧ୍ୟସ୍ଥତା କରି ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଆସୁଥିବାବେଳେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ତାଙ୍କୁ ଏହି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ପ୍ରାୟ ୩୫ ମିନିଟ୍ ଧରି ପ୍ରଧାନମନ୍ତ୍ରୀ ମୋଦି ଫୋନ୍‌ରେ କଥା ହୋଇଛନ୍ତି। ଆଲୋଚନା ବେଳେ ମୋଦି ଟ୍ରମ୍ପଙ୍କୁ କହିଛନ୍ତି, ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଇସ୍‌ଲାମାବାଦର ଅନୁରୋଧକ୍ରମେ ଭାରତୀୟ ସେନା ଓ ପାକିସ୍ତାନ ପ୍ରତିପକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତ ହୋଇଥିଲେ। ଭାରତର ବହିର୍ବ୍ୟାପାର ସଚିବ ☞ପୃଷ୍ଠା-୨

# ଆଦିବାସୀଙ୍କ ଉନ୍ନତି ବିନା ବିକାଶ ଅସମ୍ଭବ: ମୁଖ୍ୟମନ୍ତ୍ରୀ

ବାରିପଦା,୧୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ବାରିପଦାରେ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶ



ବାରିପଦାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।।

ସାଂସ୍କୃତିକ ବୈଭବ ଚିତ୍ରପଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ବର୍ଷ ଭିତରେ ଏହି ଲକ୍ଷ୍ୟ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ବିନା ବିକାଶ ଅସମ୍ଭବ ବୋଲି ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବାରିପଦାର ଛଉ ପଡ଼ିଆଠାରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଓଡ଼ିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି। ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟ। ମୟୂରଭଞ୍ଜରୁ ୮ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକ ପ୍ରତିନିଧିତ୍ୱ କରୁଛନ୍ତି। ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି। କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ୫ ହଜାର ଆଦିବାସୀ ଯୁବତୀଯୁବକ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭକରି ଉପକୃତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଆଦିବାସୀ ସଶକ୍ତୀକରଣରେ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ। ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହେଲେ ହିଁ ଆଦିବାସୀ ସମାଜର ବିକାଶ ହେବ ବୋଲି କହିଛନ୍ତି। ସେହିପରି ଗରିବ, ଅବହେଳିତ ଆଦିବାସୀ ଭଉଣୀଭାଇଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂରଣକରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ☞ପୃଷ୍ଠା-୨


SIKSHA 'O' ANUSANDHAN

Empowering students for a brighter future

M.Sc. PROGRAMMES OFFERED
- M.Sc. (Physics)
- M.Sc. (Chemistry)
- M.Sc. (Mathematics)
- M.Sc. (Biotechnology)

APPROVAL & RECOGNITIONS
- Approved by UGC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 50th Best in Research Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through CUET (PG) - 2025, Please visit: www.soa.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରଜ ମହୋତ୍ସବ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ସ ପକ୍ଷରୁ ବିଶ୍ୱ ଆନେମିଆ ଦିବସ, ସ୍ଥାନ: ଓପିଡ଼ି, ଏମ୍ସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ
- ଜମିପଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଭାଜପା ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବ୍ଲକସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ: ନୂଆସାହି, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମକ୍‌ଡ୍ରିଲ୍, ସ୍ଥାନ: ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ବିକଶିତ ବାହନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଡେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ସ୍ଥାନ: ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ, କଲେଜ ରୋଡ୍, ବେତନଟୀ, ସମୟ: ପୂର୍ବାହ୍ନ ୯ଟା।
- ମକ୍ ଡ୍ରିଲ, ସ୍ଥାନ ରଙ୍ଗପାଣି ବନ୍ୟା ଆଶ୍ରୟସ୍ଥଳୀ, ବଡ଼ସାହି, ସମୟ: ସକାଳ ୯ଟା।
- ବିଶ୍ୱ ସିକିଲ ସେଲ୍ ସଚେତନତା ଦିବସ ପାଳନ, ସ୍ଥାନ: ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ବିକାଶ ବାହନ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ପରିକ୍ରମା, ସ୍ଥାନ: ବାଲିଗୁଡ଼ା ଏନ୍‌ଏସି ଅଞ୍ଚଳ, ସମୟ: ସକାଳ ୯ ଟା।
- ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପରମ ପଙ୍ଗା ଓ ଲଣ୍ଡାଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା
- ଶନିଶ୍ଚରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ-ଶନିଶ୍ଚର ମନ୍ଦିର ପରିସର, ମୁନିଖୋଲ, ମୁନିଗୁଡା, ସମୟ: ମଧ୍ୟାହ୍ନ ୧ଟା।

## ନବରଙ୍ଗପୁର
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ, ସ୍ଥାନ: ଡିଏନ୍‌କେ ଆଶ୍ରୟ ସ୍ଥଳୀ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ମେଦନା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ବିକାଶ ବାହନ ଶୁଭାରମ୍ଭ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ସକାଳ ୯ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ସକାଳ ୫ଟା।
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ୍, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବିକାଶ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ୯ଟି ବ୍ଲକ ଅର୍ନ୍ତଗତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ : ୯ଟା।
- ଜିଲା କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଓ ଆଲୋଚନା, ସ୍ଥାନ : ଜିଲା କଂଗ୍ରେସ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ ଓ ଗଣ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୮ଟା ।

## ରାଉରକେଲା
- ଜଳଅବରୋଧ ନେଇ ବିଶ୍ୱକର୍ମାବସ୍ତି କଲୋନୀବାସୀ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା
- ଆଦର୍ଶ ପାଠାଗାର ପକ୍ଷରୁ ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ପାଠାଗାର ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ୮ତମ ସର୍ବଭାରତୀୟ ଟ୍ରାଇବାଲ ଥିଏଟର ଏବଂ ନୃତ୍ୟ ମହୋତ୍ସବ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୫ ଆଦର୍ଶ ସାହିତ୍ୟଘର, ସମୟ: ସନ୍ଧ୍ୟା ୬ଟା ୪୫।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ନିଶା ନିବାରଣ ସଚେତନତା କର୍ମଶାଳା, ସ୍ଥାନ: କର୍ଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ, ସ୍ଥାନ: ଜୁନାଗଡ଼ ବ୍ଲକ କୁଟେନ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବିକାଶ ମେଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରେଡ: ସମୟ: ଅପରାହ୍ନ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିକାଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରେଡ, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ନିଶା କାରବାର ବିରୋଧରେ ସଚେତନତା ପଦଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସର୍ବୋଦୟ ସଙ୍କଳ୍ପ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ଚନ୍ଦ୍ରମା ହୋଟେଲ, ସମୟ: ସକାଳ ୯ଟା ୩୦।
- ମକଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସର, ଦିଗସିରା, ଡୁଙ୍ଗୁରିପାଲି, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକର ଝାରତରଭାରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ଝାରତରଭା ଗ୍ରାମପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକର କଟାପାଲିରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: କଟାପାଲି ପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧା ୬ଟା ୩୦।

# ବୟୋ ବନ୍ଦନା ହିତାଧିକାରୀଙ୍କୁ କାର୍ଡ ବାଣ୍ଟିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୮।୬(ସୁନିତ୍ ମିଶ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଗରିବ, ଯୁବକ, କୃଷକ ଓ ମହିଳା କେନ୍ଦ୍ରିକ ଯୋଜନା ଆଧାରିତ ବିଭିନ୍ନ ଯୋଜନାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି। ଦେଶର ଅର୍ଥନୀତି ବର୍ତ୍ତମାନ ବିଶ୍ୱର ୪ର୍ଥ ସ୍ଥାନକୁ ଉନ୍ନିତ ହୋଇଛି। ଦେଶ ବିଦେଶରେ ଭାରତବର୍ଷର ମାନ ଓ ସମ୍ମାନ ବୃଦ୍ଧି ପାଇଛି। ଭାଜପା ନେତୃତ୍ୱାଧୀନ ସରକାର ଓଡ଼ିଶାରେ ୧ ବର୍ଷ ପୂରଣ କରିଥିବାବେଳେ ମାର୍ଗଦର୍ଶନ ଦେବାକୁ ପ୍ରଧାନମନ୍ତ୍ରୀ ୨୦ରେ ଓଡ଼ିଶା ଆସୁଛନ୍ତି। ଗତ ବର୍ଷେ ମଧ୍ୟରେ ପ୍ରଧାନମନ୍ତ୍ରୀ ୬ଷ୍ଠ ଥର ପାଇଁ ଓଡ଼ିଶା ଆସୁଛନ୍ତି। ପ୍ରଧାନମନ୍ତ୍ରୀ ୩ଟା ୪୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଓଡ଼ିଶାର ବିକାଶ ପାଇଁ ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ। ଏହାସହ ବୟୋ ବନ୍ଦନା ଯୋଜନାରେ ରାଜ୍ୟରେ ୭୦ ବର୍ଷରୁ ଅଧିକ ସମସ୍ତଙ୍କୁ ସ୍ୱାସ୍ଥ୍ୟକାର୍ଡ ଦିଆଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ। ପ୍ରଧାନମନ୍ତ୍ରୀ ଏଥିପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ନେତୃତ୍ୱରେ ଜାତୀୟସ୍ତରର ଅନେକ କାର୍ଯ୍ୟକ୍ରମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ଅନୁଷ୍ଠିତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀଠାରୁ ଆରମ୍ଭକରି ନୌସେନା ଦିବସ, ପ୍ରବାସୀ ଭାରତୀୟ ଦିବସ, ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ବିମାନବନ୍ଦରରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକ ଛକଠାରୁ ଏକ ବିରାଟ ରୋଡ୍ ଶୋ ମାଧ୍ୟମରେ ଏଜି, ରାଜଭବନ, କଳିଙ୍ଗ ଷ୍ଟାଡିୟମ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବେ। ଏହି ଅବସରରେ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ତାଙ୍କୁ ସ୍ୱାଗତ କରାଯିବ। ଏହି ଅବସରରେ ସେ ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତକ ଉନ୍ମୋଚନ କରିବେ। ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡ଼ିକୁ ଭିସି ଜରିଆରେ ଲୋକାର୍ପଣ କରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନାଳେ ନାଳେ ଗଲି, ତରାଟ ଖୋସିଲି**
**ତରାଟରେ ମନ ରହିଲା**
**ନିକୁଞ୍ଜ ବନରେ ଦିହ ଛୁଇଁ ଛୁଇଁ**
**ଆଉ ଦିନେ ଭେଟ ନୋହିଲା।**

ଗୋପନରେ ଦେଖାସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ। ଦେଖା ସାକ୍ଷାତରୁ ପ୍ରେମ ବଢ଼ିଲା ପରେ ଆଉ ଦେଖାଦର୍ଶନ ନାହିଁ। ଠକିଦେଇ ଦାଣ୍ଡରେ ବସେଇ ଚାଲିଗଲା। ଏପରିସ୍ଥଳେ ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନେଉଳ ଭାଇ**
**ଯେଣେ ଇଚ୍ଛା ତେଣେ ଯାଇ।**

ନକୁଳ ସର୍ବକାର୍ଯ୍ୟାଣି, ଅହିଃ ସର୍ବତ୍ର ବାଧତେ। ନେଉଳ ଦର୍ଶନ କରି ଯେଣିକି ଇଚ୍ଛା ତେଣିକି ଯାତ୍ରା କଲେ ଯାତ୍ରାରେ କୌଣସି ବିଘ୍ନ ସୃଷ୍ଟି ହୋଇ ନ ଥାଏ ଓ ବହୁ ଶୁଭ ଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସବୁ ବିଭାଗକୁ ଅର୍ଥ ବିଭାଗର ତାଗିଦା

## କେନ୍ଦ୍ରୀୟ ଯୋଜନା ଅର୍ଥ 'ସ୍ୱର୍ଣ୍ଣ' ମଡେଲରେ ଖର୍ଚ୍ଚ ହେବ

**ଭୁବନେଶ୍ୱର,୧୮।୬ (ରବିନାରାୟଣ ଜେନା)**

ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍‌ଏସ୍) ଅର୍ଥ ଏଣିକି ସିଙ୍ଗଲ ନୋଡାଲ ଏଜେନ୍ସି(ଏସ୍‌ଏନ୍‌ଏ-ସ୍ୱର୍ଣ୍ଣ) ମାଧ୍ୟମରେ ଖର୍ଚ୍ଚ ହେବ। ପୂର୍ବରୁ ବିଭିନ୍ନ ବିଭାଗର ୨୯ଧରଣର କେନ୍ଦ୍ରୀୟ ପ୍ରବର୍ତ୍ତିତ ଅର୍ଥ ରାଜ୍ୟକୁ ଆସୁଥିବାବେଳେ ଏବେ ଆଉ ଅତିରିକ୍ତ ୩୭ ଧରଣର ସିଏସ୍‌ଏସ୍ ପାଣ୍ଠି ଯୋଗାଇ ଦିଆଯାଇଛି। ଏହି ସମସ୍ତ ପ୍ରକାର କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠିକୁ ଜୁଲାଇ ପହିଲାରୁ ଏସ୍‌ଏନ୍‌ଏ-ସ୍ୱର୍ଣ୍ଣ ପଦ୍ଧତିରେ ଖର୍ଚ୍ଚ କରିବାକୁ ପଡ଼ିବ। ଏହାକୁ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଯାଇଛି।

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଚଳିତମାସ ୧୦ରେ ରାଜ୍ୟ ସରକାରଙ୍କୁ ଆସିଥିବା ନିର୍ଦ୍ଦେଶନାମାକୁ ନେଇ ଗତ ୧୬ ତାରିଖରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସବୁ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ପ୍ରତୀକ କୁମାର ସିଂହ ଚଳିତମାସ ୧୦ରେ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମନ୍ତ୍ରାଳୟର ୨୦୨୩ ଜୁଲାଇ ନିର୍ଦ୍ଦେଶନାମାରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି 'ଜଷ୍ଟ ଇନ୍ ଟାଇମ୍'ରେ କିଭଳି ଖର୍ଚ୍ଚ ହେବ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରାଯାଇଛି।

ଏହି ପଦ୍ଧତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି ଏସ୍‌ଏନ୍‌ଏ ଖାତାରେ ପ୍ରବେଶ କରିବା ମାତ୍ରେ ଉକ୍ତ ଅର୍ଥକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଠିକଣା ବାଟରେ ଖର୍ଚ୍ଚ କରିବାକୁ ହେବ। ଉକ୍ତ ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇପାରିବ ନାହିଁ, ଯେଉଁଥିରେ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ରହିବା ସହିତ ଅବାଟରେ ଖର୍ଚ୍ଚ ହେବନାହିଁ। ପୂର୍ବରୁ ରାଜ୍ୟ ସରକାର କେବଳ 'ସିଏସ୍‌ଏସ୍'ରେ ଏକକ କ୍ଷେତ୍ରୀୟ ସଂସ୍ଥାର ଖାତା ଖୋଲୁଥିଲେ। ଏବେ କିନ୍ତୁ ଆଉ ଗୋଟିଏ ଖାତା ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏହାଦ୍ୱାରା ଯୋଜନାରେ ସଂପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେନାହିଁ। ତେବେ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ୨୯ଟି କ୍ଷେତ୍ର ଲାଗି ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଥିବାବେଳେ ଏବେ ଅତିରିକ୍ତ ୩୭ ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଛି। ଏହାକୁ ଜୁଲାଇ ପହିଲାରୁ 'ଏସ୍‌ଏନ୍‌ଏ- ସ୍ୱର୍ଣ୍ଣ' ପଦ୍ଧତିରେ ଖର୍ଚ୍ଚ କରିବାକୁ ହେବ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏସ୍‌ଏନ୍‌ଏ-ସ୍ୱର୍ଣ୍ଣ ପଦ୍ଧତିକୁ ସାରାଦେଶରେ ଲାଗୁ କରାଯିବ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ନୀତି ଆପଣାଇବେ। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ସଂପୃକ୍ତ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ରାଜକୋଷକୁ କିଭଳି ସିଏସ୍‌ଏସ୍ ପାଣ୍ଠି ଆସିବ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖର୍ଚ୍ଚ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ତ୍ରିପାଠୀ ପତ୍ରରେ ଉଲ୍ଲେଖ କରିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ମଧ୍ୟସ୍ଥତାକୁ ଗ୍ରହଣ...

ବିକ୍ରମ ମିସ୍ରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମିସ୍ରି କହିଛନ୍ତି, ଭାରତ ଆତଙ୍କବାଦକୁ ଆଉ ଛାୟାଯୁଦ୍ଧ ରୂପେ ଦେଖୁନାହିଁ। ଏହାକୁ ଯୁଦ୍ଧ ବୋଲି ମନେକରୁଛି। ଭାରତର 'ଅପରେଶନ୍ ସିନ୍ଦୂର' ବର୍ତ୍ତମାନ ମଧ୍ୟ ଜାରି ରହିଥିବା ବିଷୟ ଟ୍ରମ୍ପଙ୍କୁ ମୋଦି କହିଛନ୍ତି।

ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' କରାଯାଇ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ବଡ଼ଧରଣର କ୍ଷତି ପହଞ୍ଚାଯାଇଥିଲା। ଏହାକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇ ପରସ୍ପର ଉପରେ ଆକ୍ରମଣ କରିଥିଲେ। ତେବେ ମେ' ୧୦ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କରି ସଂଘର୍ଷ ବନ୍ଦ କରାଇଦେଇଥିବା ପ୍ରଥମେ ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଯୁଦ୍ଧ ବନ୍ଦ ପାଇଁ ସିଜ୍‌ଫାୟାର ଡିଲ୍‌ରେ ସହମତି ପ୍ରକାଶ ନ କଲେ ଆମେରିକା ଉଭୟ ଦେଶ ସହ ବାଣିଜ୍ୟ ବନ୍ଦ କରିଦେବ ବୋଲି ଟ୍ରମ୍ପ ଚେତାବନୀ ଦେଇଥିବା କହିଥିଲେ।

ସଦ୍ୟ ଆଲୋଚନା ବେଳେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କାନାଡାରୁ ଫେରିବାବେଳେ ଆମେରିକା ଗସ୍ତ କରିବାକୁ ଅନୁରୋଧ କରିଥିଲେ। ମୋଦି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ଯାଇପାରିବେ ନାହିଁ ବୋଲି ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ମିସ୍ରି କହିଛନ୍ତି। ଟ୍ରମ୍ପ ଜି୭ରୁ ଆଗୁଆ ଆମେରିକାକୁ ଫେରିଯାଇଥିବାରୁ ମୋଦିଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ତେବେ ଦୁଇନେତାଙ୍କ ଆଲୋଚନାରେ ମେ' ୭-୧୦ ଭାରତ-ପାକିସ୍ତାନ ସାମରିକ ସଂଘର୍ଷ ପ୍ରସଙ୍ଗ ପ୍ରମୁଖତାର ସହ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି ଯେ, ଭାରତ-ପାକିସ୍ତାନ ସିଜ୍‌ଫାୟାର ପାଇଁ ଭାରତ-ଆମେରିକା ଟ୍ରେଡ୍ ଡିଲ୍ ବା ମଧ୍ୟସ୍ଥତା ପ୍ରସ୍ତାବ କାମ କରିନାହିଁ। ଦୁଇଦେଶର ସଶସ୍ତ୍ର ବଳ ଭିତରେ ରହିଥିବା କମ୍ୟୁନିକେଶନ୍ ଚ୍ୟାନେଲ ଜରିଆରେ ହିଁ ସଂଘର୍ଷ ବିରାମ ନିଷ୍ପତ୍ତି ହୋଇଥିଲା। ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଏହି ବିଷୟକୁ ନେଇ ଦେଶରେ ସମ୍ପୂର୍ଣ୍ଣ ରାଜନୈତିକ ସହମତି ରହିଥିବା ମୋଦି ଦୃଢ଼ ଭାବେ ଟ୍ରମ୍ପଙ୍କୁ ଜଣାଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦ ବିରୋଧରେ ପଦକ୍ଷେପ ସମ୍ପର୍କିତ ନିଜ ପ୍ରତିଶ୍ରୁତିବଦ୍ଧତା ସାରା ବିଶ୍ୱକୁ ଜଣାଇଦେଇଛି। ପାକିସ୍ତାନ ପଟୁ କୌଣସି ଅତିକ୍ରମଣ ହେଲେ ଏହାଠୁ ବଳି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଭାରତ ସ୍ପଷ୍ଟ କରିଥିବା ନେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ସେହିପରି ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ ସମ୍ପର୍କରେ ଦୁଇନେତା ଆଲୋଚନା କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଉଭୟ ପକ୍ଷର ଆଲୋଚନା ଜରୁରୀ ବୋଲି ମୋଦି ଓ ଟ୍ରମ୍ପ ସହମତ। ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ପରବର୍ତ୍ତୀ କ୍ୱାଡ୍ ସମିଟ୍‌କୁ ନିମନ୍ତ୍ରଣ କରିଛନ୍ତି। ଟ୍ରମ୍ପ ଏହାକୁ ଗ୍ରହଣ କରି ଭାରତ ଆସିବାକୁ ଆଗ୍ରହୀ ଥିବା କହିଛନ୍ତି ବୋଲି ମିସ୍ରି ଏକ ଭିଡିଓ ମେସେଜ୍‌ରେ ଜଣାଇଛନ୍ତି।

## ଆଦିବାସୀଙ୍କ ଉନ୍ନତି ବିନା ...

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜନଜାତିଙ୍କ ସାମାଜିକବ୍ୟବସ୍ଥା, ସାଂସ୍କୃତିକବୈଭବ ଓ ମୌଳିକତା ବଜାୟ ରଖିବାକୁ ପଡ଼ିବ ବୋଲି କହିଛନ୍ତି। ଏହି ଅବସରରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଲି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ନିର୍ଦ୍ଦେଶିକା ଡ. ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ। ଜିଲାପାଳ ହେମକାନ୍ତ ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲା, ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ବିଭାଗୀୟ ବରିଷ୍ଠ ଅଧିକାରୀ, ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ୧୫ ଦିନରେ ମିଳିବ ...

ଡାକ ଯୋଗେ କାର୍ଡ ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଟ୍ରାକିଂ କରାଯାଇପାରିବ। ଏପରି କି ଭୋଟରମାନେ ପ୍ରତି ସ୍ତରରେ ନିଜ ଇପିଆଇସି ସମ୍ପର୍କରେ ମୋବାଇଲରେ ଏସ୍‌ଏମ୍‌ଏସ୍ ପାଇବେ। ଏଥି ସକାଶେ ନିର୍ବାଚନ ଆୟୋଗ ନୂଆକରି ଆରମ୍ଭ ହୋଇଥିବା ଇସିଆଇନେଟ୍ ପ୍ଲାଟ୍‌ଫର୍ମରେ ଏକ ଆଇଟି ମୋଡ୍ୟୁଲ ଆଣିଛନ୍ତି। ଭୋଟରଙ୍କୁ ଏହା ସୁବିଧାରେ ଯୋଗାଇଦେବା ଲାଗି ଡାକ ବିଭାଗର ଆପ୍ଲିକେଶନ୍ ପ୍ରୋଗ୍ରାମ ଇଣ୍ଟରଫେସ୍ (ଏପିଆଇ)କୁ ଇସିଆଇନେଟ୍ ସହ ସମନ୍ୱିତ କରାଯିବ। ଭୋଟରମାନଙ୍କ ସୁବିଧା ପାଇଁ ଗତ ୪ ମାସରେ ଇସି ଅନେକ ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି।

## ଅଗଷ୍ଟ ୧୫ରୁ ...

ଏହି ପାସ୍ କେବଳ ଅଣବ୍ୟବସାୟିକ ଘରୋଇ ଯାନବାହନ (କାର୍, ଭ୍ୟାନ୍, ଜିପ୍) ପାଇଁ ପ୍ରଯୁଜ୍ୟ ରହିବ। ବ୍ୟବସାୟିକ ଯାନବାହନ ଏଥିରେ ସାମିଲ ହେବ ନାହିଁ। ଏହି ପାସକୁ ଆକ୍ଟିଭ୍ କିମ୍ବା ରିନ୍ୟୁ କରିବା ପାଇଁ ଖୁବ୍‌ଶୀଘ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଫିସିଆଲ ୱେବ୍‌ସାଇଟ୍‌ରେ ଏକ ପୃଥକ୍ ଲିଙ୍କ୍ ଉପଲବ୍ଧ ହେବ। ଏହି ବର୍ଷିକିଆ ଫାସ୍‌ଟାଗ୍ ପାସ୍ ଦ୍ୱାରା ଟୋଲ୍‌ପ୍ଲାଜାଗୁଡ଼ିକରେ ଦେଖାଦେଉଥିବା ଭିଡ଼ କମିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇ ନେବାରେ ସମର୍ଥ ହେବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ଉଚ୍ଚଶିକ୍ଷା, ସନ୍ତାନଙ୍କ ସ୍ୱାସ୍ଥ୍ୟ, ରଚନାତ୍ମକ କାମ ସାଙ୍ଗକୁ ଋଣ ପରିଶୋଧର ଯୋଜନା କରିବେ। ବ୍ୟବସାୟରେ ଉନ୍ନତି ସାଙ୍ଗକୁ ଲୋକସମ୍ପର୍କ ବୃଦ୍ଧି ଦିଗରେ ଚେଷ୍ଟିତ ହେବେ।

**ବୃଷ** ପରିସ୍ଥିତିକୁ ଆଖିଆଗରେ ରଖି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡିପାରେ। ନଚେତ୍ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ ପ୍ରତ୍ୟେକ କାମରେ କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ** କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଥିବା କାରଣରୁ ସେହିକଥା ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗୀ ହୋଇପାରନ୍ତି।

**କର୍କଟ** ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ଅଭିଜ୍ଞତା ଓ ଦୂରଦର୍ଶିତା ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କର୍ମକ୍ଷେତ୍ରରେ ସାମୟିକ ପ୍ରତିବନ୍ଧକ କାରଣରୁ ଆଜିର କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। କର୍ମଜଞ୍ଜାଳ ବୃଦ୍ଧି ପାଉଥିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ଭଲ କଥା କହିଲେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ପରିବାରରେ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ବନ୍ଧୁମେଳରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ସନ୍ତୋଷଜନକ ରହିବ।

**କନ୍ୟା** ଅତୀତର କେତେକ ଘଟଣା ମନରେ ଆଲୋଡନ ସୃଷ୍ଟିକରିବା ଫଳରେ ସ୍ଥିର ଭାବରେ ରହିପାରିବେ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ପ୍ରତ୍ୟେକ କ୍ଷେତ୍ରରେ ବିଜାତୀୟ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ତୁଳା** ବିଭିନ୍ନ ପ୍ରତିବନ୍ଧକଜନିତ କାର୍ଯ୍ୟରେ ସଫଳତା ହାସଲ କରିବା ସହଜସାଧ୍ୟ ହୋଇ ନ ପାରେ। କିନ୍ତୁ କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଉଚ୍ଚପଦାଧିକାରୀଙ୍କ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କଥାବାର୍ତ୍ତା ନ କଲେ ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ପାଇପାରେ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ଯୋଗୁ ସାମୟିକ ଭାବରେ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ଶାନ୍ତି ପାରିବାରିକ ଜୀବନକୁ ରଶ୍ମିମନ୍ତ କରିବ। ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ଅନୁକୂଳ ସମୟ ହେତୁ ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବହୁତ ଦିନରୁ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି।

**କୁମ୍ଭ** ଆପଣଙ୍କ ସୁଚିନ୍ତିତ ବିଚାରଧାରା ଫଳରେ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ, ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ରହିଥିବା ବ୍ୟତିକ୍ରମ ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ମଧ୍ୟ ସମସ୍ୟାକୁ ସୁଧାରି ନେବେ। ପରିବହନ କ୍ଷେତ୍ରରେ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିବାରରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** ବନ୍ଧୁପରିଜନଙ୍କ ସହିତ ହସଖୁସିରେ ଆଜିର ଯାତ୍ରା, କର୍ମାରମ୍ଭ ଓ ଭ୍ରମଣ ଆନନ୍ଦଦାୟକ ରହିବ। ସାମାଜିକ ସ୍ତରରେ ଈର୍ଷାପରାୟଣ ନୀଚବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଦିଗରୁ ବହୁତ ଶୁଭଫଳ ପାଇବେ।

ଆଜି ଜୁନ୍ ୧୯ ତାରିଖ, ଆଷାଢ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ ଗତେ, ଘ.୦୬।୦୪ ମଧ୍ୟେ, ଘ.୦୯।୩୬ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୭ ଗତେ, ଘ.୦୩।୦୬ ମଧ୍ୟେ ରାହୁକାଳ।




# ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ, ସୁବ୍ରତ ସେନାପତିଙ୍କୁ ଯୁବ ପୁରସ୍କାର

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା

ଭୁବନେଶ୍ୱର, ୧୮।୬ (ସୌମ୍ୟରଞ୍ଜନ ରାଉତ/ ବନ୍ଦନା ସେଠୀ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତବର୍ଷ ପାଇଁ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ବାଲ୍ ସାହିତ୍ୟ ପୁରସ୍କାର ପାଇବା ପାଇଁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମନୋନୀତ ହୋଇଛନ୍ତି। ଶିଶୁ ପୁସ୍ତକ 'କେତେ ଫୁଲ ଫୁଟିଛି' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ସାହିତ୍ୟିକ ସୁବ୍ରତ କୁମାର ସେନାପତି ଯୁବ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ସେ ଏହି ପୁରସ୍କାର ପାଇବେ। ଉଭୟ ପୁରସ୍କାର ବାବଦକୁ ତାମ୍ର ଫଳକ ସହ ୫୦ହଜାର ଟଙ୍କାର ଅର୍ଥରାଶି ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ। ଏନେଇ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଘୋଷଣା କରାଯାଇଛି। ସେହିପରି ବୈଠକରେ ଯୁବ ପୁରସ୍କାର ବାବଦରେ ୨୩ଜଣ ଯୁବ ଲେଖକ ଓ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ୨୪ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଛି। ତେବେ ଡୋଗ୍ରୀ ଭାଷାର ଯୁବ ପୁରସ୍କାର ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

ପୁରସ୍କାର ସମ୍ପର୍କରେ ରାଜକିଶୋର କହିଛନ୍ତି, ପୁରସ୍କାର ପାଇବି ଜାଣିବା ପରେ ଅତ୍ୟନ୍ତ ଖୁସି ଲାଗୁଛି। ତେବେ ପୁରସ୍କାର ସହିତ ଦାୟିତ୍ୱ ମଧ୍ୟ ବଢି ଚାଲିଛି। 'କେତେ ଫୁଲ ଫୁଟିଛି' ପୁସ୍ତକରେ ବିଭିନ୍ନ ସମୟରେ ଲେଖାଯାଇଥିବା ୧୦୧ କବିତାର ସମାବେଶ ରହିଛି। ଏହି ପୁସ୍ତକରେ ଶିଶୁଠାରୁ କିଶୋର ବୟସର ପିଲାମାନଙ୍କ ପାଇଁ ବଛା ବଛା କବିତା ରହିଛି ବୋଲି ସେ କହିଛନ୍ତି। ସେହିପରି ପୁରସ୍କାର ପାଇବା ନେଇ ସୁବ୍ରତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରସ୍କାର ପାଇବା ଜାଣି ବହୁତ ଖୁସି ହେଲି। କାରଣ ପୁରସ୍କାର ଆମକୁ ପ୍ରେରଣା ଦେବା ସହ ଦାୟିତ୍ୱ ସମ୍ପନ୍ନ କରାଏ। ଏହି ପୁସ୍ତକରେ ମଣିଷ ମନର ବ୍ୟଥା ଓ ସମୟର ଅକୁହା କଥାକୁ ପରିପ୍ରକାଶ କରିବା ପାଇଁ ଚେଷ୍ଟା କରିଛି। ମୋର ସର୍ବଦା ପ୍ରୟାସ ରହିଛି ଯେ, ଯେଉଁ କଥା ଓଡ଼ିଆ ଭାଷାରେ କମ୍ କୁହାଯାଏ, ତାହାକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରେ। ତୃତୀୟ ଲିଙ୍ଗୀ, ସମଲିଙ୍ଗୀଙ୍କ ମନର କଥାକୁ ମୁଁ ଗପ, ଉପନ୍ୟାସ ମାଧ୍ୟମରେ ଲେଖିଥାଏ। 'କଦମ୍ବବନ'ରେ ସେହିପରି କିଛି ଅକୁହା କଥାକୁ ଉଲ୍ଲେଖ କରିଛି। ଆଗକୁ ଆହୁରି ଗପ ବହି ଲେଖୁଛି ତାହା ଶୀଘ୍ର ପ୍ରକାଶିତ ହେବ ବୋଲି ସୁବ୍ରତ କହିଛନ୍ତି।


ଡ. ରାଜକିଶୋର ପାଢ଼ୀ


ସୁବ୍ରତ କୁମାର ସେନାପତି

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ ଗିରଫ

## ଗଣବଳାତ୍କାରକୁ ନେଇ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର,୧୮।୬(ରବିନାରାୟଣ ଜେନା)

ଗଞ୍ଜାମର ଗୋପାଳପୁର, କେନ୍ଦୁଝରର ହରିଚନ୍ଦନପୁର, କଟକର ବାରଙ୍ଗ ଓ ଅନୁଗୋଳର କଣିହାଁଠରେ ହୋଇଥିବା ଗଣବଳାତ୍କାର ଘଟଣାରେ କଂଗ୍ରେସ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛି। ଏହାର ପ୍ରତିବାଦରେ ବୁଧବାର ରାଜ୍ୟ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ କଂଗ୍ରେସ କର୍ମୀ ଗିରଫ ହୋଇଛନ୍ତି।

ଏହି ଅବସରରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣବଳାତ୍କାର ଏବଂ ପାଶବିକ ଅତ୍ୟାଚାରର ଶିକାର ହେଉଛନ୍ତି। ମାତ୍ର ଡବଲ ଇଞ୍ଜିନ ଭାଜପା ସରକାର ଲୋକଙ୍କ ଅର୍ଥରେ ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗିସାରିଲାଣି। ଓଡ଼ିଶାରେ ଏବେ ନାରୀମାନେ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ହୋଇପଡ଼ିଥିବାବେଳେ ଆଇନଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହୋଇଗଲାଣି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ରାଜ୍ୟରେ ବଢ଼ିଚାଲିଥିବା ମହିଳା ନିର୍ଯାତନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବିଧାୟକ ତାରା କହିଥିଲେ, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ଏବର ଘଟଣାକୁ ନେଇ ଆଗାମୀ ଦିନରେ ବିଧାନସଭା ଭିତରେ ପୁନର୍ବାର ଲଢ଼େଇ କରାଯିବ।

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ରାଜ୍ୟ କଂଗ୍ରେସ ପକ୍ଷରୁ ଶତାଧିକ କର୍ମୀ ଓ ନେତା ସରକାର ବିରୋଧୀ ସ୍ଲୋଗାନ୍ ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଧସେଇ ପଶିଥିଲେ। ଏହି ସମୟରେ ବାରିକେଡ୍ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରାଜ୍ୟ ପ୍ରଭାରୀ ଲଲ୍ଲୁ ଓ ଅନ୍ୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଧାରଣାରେ ବସିଥିଲେ। ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ ଲଲ୍ଲୁଙ୍କ ସମେତ ଶତାଧିକ ନେତା ଓ କର୍ମୀଙ୍କୁ ଗିରଫକରି ପରେ ଛାଡ଼ିଦେଇଥିଲା।

ଏହି ଘେରାଉ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋସଙ୍କ ସହିତ ମୀନାକ୍ଷୀ ବାହିନୀପତି, ରଣଜିତ ପାତ୍ର, ୟାସିର ନୱାଜ୍, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



କଂଗ୍ରେସ ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

# ଗୋପାଳପୁର ବଳାତ୍କାର ଘଟଣାକୁ ପ୍ରିୟଙ୍କାଙ୍କ ନିନ୍ଦା

ଭୁବନେଶ୍ୱର,୧୮।୬(ରବିନାରାୟଣ ଜେନା)

ଗୋପାଳପୁର ଗଣବଳାତ୍କାର ଘଟଣାକୁ ନେଇ ଏଆଇସିସି ସମ୍ପାଦକ ତଥା ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କରି ନିନ୍ଦା କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ୧୦ ଜଣ ଯେଉଁଭଳି ଭାବେ ବଳାତ୍କାର କଲେ ତାହାକୁ ଯେତେ କଡ଼ାଶବ୍ଦରେ ନିନ୍ଦାକଲେ ମଧ୍ୟ ତାହା ଯଥେଷ୍ଟ ହେବନାହିଁ। ଓଡ଼ିଶାରେ ଦିନକୁ ଦିନ ମହିଳାବିରୋଧୀ ହିଂସା ବୃଦ୍ଧି ପାଉଛି। ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ, ଗତ ପାଞ୍ଚବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଛନ୍ତି। ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ବିରୋଧରେ ଏକ ଅତ୍ୟାଚାର ବୋଲି ପ୍ରିୟଙ୍କା କହିଛନ୍ତି।

# ଜୁନ୍ ୨୮ରେ ଏସ୍ଆଇଟି ବୈଠକ

କଟକ,୧୮।୬(କାର୍ତ୍ତିକ ସାହୁ)

ଦେଶରେ କଳାଧନ କାରବାର ରୋକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍(ଏସ୍ଆଇଟି)ର ପରବର୍ତ୍ତୀ ବୈଠକ ଆସନ୍ତା ଜୁନ୍ ୨୮ରେ ହେବ। ଏହି ବୈଠକରେ ରାଜ୍ୟ ତଥା ଦେଶର କଳାଧନ ରୋକିବାକୁ କାର୍ଯ୍ୟ କରୁଥିବା ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଏସ୍ଆଇଟି ଅଧ୍ୟକ୍ଷ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଉକ୍ତ ଦିନ ପୂର୍ବାହ୍ନ ୧୧ଟା ସମୟରେ ବୈଠକ ଅନୁଷ୍ଠିତ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

# ୨୦ରେ ଭୁବନେଶ୍ୱର, କଟକରେ ସ୍କୁଲ ଛୁଟି

ଭୁବନେଶ୍ୱର,୧୮।୬(ସୁଚିସ୍ମିତା ସାହୁ)

ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱର ଓ କଟକର ସମସ୍ତ ସ୍କୁଲ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜନତା ମଇଦାନରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯାଉଛି। ଏହି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ଉକ୍ତଦିନ ଦୁଇ ସହରର ସମସ୍ତ ସ୍କୁଲ ଛୁଟି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ବୁଧବାର ଖୋର୍ଦ୍ଧା ଓ କଟକ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛନ୍ତି। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏବେ ଗ୍ରୀଷ୍ମଛୁଟି ପାଇଁ ସ୍କୁଲ ବନ୍ଦ ରହିଛି। ଆସନ୍ତା ୨୦ ତାରିଖରୁ ସ୍କୁଲ ଖୋଲିବ ବୋଲି ବିଭାଗ ପକ୍ଷରୁ ପୂର୍ବରୁ ଚିଠି କରାଯାଇଥିଲା।

# ନିଅଣ୍ଟିଆ ବର୍ଷା ଭରଣା କରୁଛି ମୌସୁମୀ

## ୨ ଜିଲାକୁ ରେଡ୍ ୱାର୍ନିଂ

ଭୁବନେଶ୍ୱର,୧୮।୬
(ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ସକ୍ରିୟ ହୋଇଥିବାବେଳେ ସାରା ଓଡ଼ିଶାରେ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ। ତେବେ ୨ ଦିନ ଧରି କେତେକ ଜିଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ବର୍ଷା ରାଜ୍ୟର ନିଅଣ୍ଟିଆ ବର୍ଷାକୁ ଭରଣା କରିବାରେ ସହାୟକ ହେଉଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶଙ୍କ ସୂଚନାନୁସାରେ, ରାଜ୍ୟରେ ମୌସୁମୀ ଋତୁରେ ହାରାହାରି ବର୍ଷା ସ୍ୱାଭାବିକ ସ୍ଥିତିକୁ ଫେରିଛି। ଗତ ୧୫ ତାରିଖ ସୁଦ୍ଧା ହାରାହାରି ୪୨.୯ ମିମି ବର୍ଷା ହୋଇଥିବାବେଳେ ୪୨% ନିଅଣ୍ଟିଆ ରହିଥିଲା। ମାତ୍ର ୩ ଦିନରେ ଘୂର୍ଣ୍ଣିବଳୟ, ସକ୍ରିୟ ମୌସୁମୀ ଏବଂ ଲଘୁଚାପ ପ୍ରଭାବରେ ୨୯% ନିଅଣ୍ଟିଆ ଭରଣା ହୋଇଛି। ବର୍ତ୍ତମାନ ରାଜ୍ୟରେ ହାରାହାରି ବର୍ଷାର ମାତ୍ରା ୮୬.୬ମିମିକୁ ପହଞ୍ଚିବା ସହ ସ୍ୱାଭାବିକ ତୁଳନାରେ ମାତ୍ର ୧୩% କମ୍ ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷାର ପରିସରଭୁକ୍ତ ବୋଲି ଉମାଶଙ୍କର କହିଛନ୍ତି।

ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ସୂଚନାନୁସାରେ, ବୁଧବାର ରାଉରକେଲାରେ ୨୭.୮ ମିମି, ହୀରାକୁଦରେ ୨୫.୯ ମିମି, ଢେଙ୍କାନାଳରେ ୧୫.୨ ମିମି, ତାଳଚେରରେ ୧୨.୬ ମିମି, ସମ୍ବଲପୁରରେ ୧୨.୩ ମିମି, ବାଲେଶ୍ୱରରେ ୧୧.୬ ମିମି, ଝାରସୁଗୁଡ଼ାରେ ୧୦.୮ ମିମି ଓ ଅନୁଗୋଳରେ ୧୦.୦ମିମି ବର୍ଷା ହେବ। ଏଥିସହ ଅନ୍ୟ କିଛି ଜିଲାରେ ମଧ୍ୟ ହାଲୁକାରୁ ମଧ୍ୟମଧରଣର ବର୍ଷା ରେକର୍ଡ କରାଯାଉଛି। ଗୁରୁବାର ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉଭୟ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ବାଲେଶ୍ୱର ଆଦି ଜିଲାରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ଢେଙ୍କାନାଳ, ଯାଜପୁର ଏବଂ ଭଦ୍ରକ ଆଦି ଜିଲାରେ ପ୍ରବଳ ବର୍ଷା ଆଶଙ୍କାରେ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ନେତା ଉଦୟଙ୍କ ସମେତ ୩ ମୃତ

ମାଲକାନଗିରି,୧୮।୬ (ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ଓ ଆନ୍ଧ୍ର ପୋଲିସର ନିଦ ହଜାଇ ଦେଇଥିବା ମୋଷ୍ଟ ୱାଣ୍ଟେଡ୍ ନେତା ଉଦୟଙ୍କ ସହ ୩ ମାଓବାଦୀଙ୍କର ଏନ୍‌କାଉଣ୍ଟରରେ ବୁଧବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗର୍ଜଲା ରବି ଓରଫ ଉଦୟ, ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁ।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ସୀତାରାମାରାଜୁ ଜିଲା ମାରେଡିମେଲ୍ଲି ଜଙ୍ଗଲରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଜର୍ଲା ରବି ଓରଫ ଉଦୟ, ପୂର୍ବତନ ମାଓବାଦୀ ନେତା ଚଲପତିଙ୍କ ସ୍ତ୍ରୀ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟା ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କ ସହ ଅନ୍ୟ କେତେଜଣ ଟପ୍ କ୍ୟାଡର ମାଓବାଦୀ ଥିବା ବିଶେଷ ସୂତ୍ରରୁ ଖବର ପାଇ ଗ୍ରେହାଉଣ୍ଡ ବାହିନୀ କୋମ୍ବିଂରେ ବାହାରିଥିଲେ। ଅପରେଶନ ସମୟରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨୫ ଲକ୍ଷ ପୁରସ୍କାର ଘୋଷିତ ଗର୍ଜଲା ରବି ଓରଫ ଉଦୟ, ଚଲପତିଙ୍କ ସ୍ତ୍ରୀ ୨୦ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କର ମୃତ୍ୟୁ ହୋଇଛି। ପରେ ଏମାନଙ୍କ ମୃତଦେହ ଜବତ କରାଯାଇଛି। ଏଥିସହ ଘଟଣାସ୍ଥଳରୁ ୩ଟି ଏକେ ୪୭ ରାଇଫଲ ମଧ୍ୟ ଉଦ୍ଧାର ହୋଇଛି।

ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଛି। ମୃତ ଉଦୟ ଓ ଅରୁଣା ଆନ୍ଧ୍ର-ଓଡ଼ିଶାର ବଡ଼ ଧରଣର ହିଂସା ଘଟଣାର ମାଷ୍ଟରମାଇଣ୍ଡ ଥିଲେ। ୨୦୧୮ରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଆରୁକୁ ଡୁମୁରିଗୁଡା ନିକଟରେ ସେହି ଅଞ୍ଚଳର ବିଧାୟକ କିଡାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ସିବେରୀ ସୋମାଙ୍କ ହତ୍ୟାରେ ଅରୁଣାଙ୍କ ସମ୍ପୃକ୍ତି ଥିଲା। ସେହିପରି ଚିତ୍ରକୋଣ୍ଡା ଜଳଭଣ୍ଡାରର ଆଲମପେଟା ନିକଟ ଲଞ୍ଚ ଉପରେ ଆକ୍ରମଣକରି ୩୬ ସୁରକ୍ଷା କର୍ମୀ ଶହୀଦ ଘଟଣାରେ ଉଦୟଙ୍କ ହାତ ରହିଥିବା ଜଣାପଡ଼ିଛି।


ଉଦୟ


ଅରୁଣା

# ଚିକିତ୍ସା ପାଇଁ ୨୦ରେ ମୁମ୍ବାଇ ଯିବେ ନବୀନ

## ନବୀନଙ୍କ ଆଶୁ ଆରୋଗ୍ୟ କାମନାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ। ୨୨ ତାରିଖରେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯିବ। ନବୀନଙ୍କ ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ତାଙ୍କର ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ। ନବୀନ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହା ପୋଷ୍ଟକରି ସୂଚନା ଦେଇଛନ୍ତି। ସେ ସେଥିରେ ଆହୁରି ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସର୍ଭିକାଲ ଅର୍ଥ୍ରୋସିସ୍ ଚିକିତ୍ସା ଲାଗି ସେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଯିବେ। ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାର ଭଉଣୀଭାଇଙ୍କ ସଦିଚ୍ଛା ତାଙ୍କ ସାଙ୍ଗରେ ରହିଛି। ତୁରନ୍ତ ଭଲ ହୋଇ ସମସ୍ତଙ୍କ ପାଇଁ ସେ ତାଙ୍କ ସେବା କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତାବ୍ୟକ୍ତ କରିଛନ୍ତି। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଏବଂ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭକରନ୍ତୁ ବୋଲି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ବୋଲି ସେ ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି।

ଚିକିତ୍ସା ସମୟରେ ତାଙ୍କ ଅନୁପସ୍ଥିତିରେ ଦଳର ଦୈନନ୍ଦିନ କାର୍ଯ୍ୟକ୍ରମ ରାଜନୈତିକ ପରିଚାଳନା କମିଟି(ପିଏସି) ଦ୍ୱାରା ପରିଚାଳିତ ହେବ। ବରିଷ୍ଠ ଉପସଭାପତି(ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଦଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂଯୋଜନା ରଖିବେ।

DSPL - 129

# ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0207/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **–ଶ୍ରୀଅରବିନ୍ଦ**



# ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ




ଦେବଦତ୍ତ ପଟ୍ଟନାୟକ

ଭାରତର ପ୍ରତ୍ୟେକ ରାଜ୍ୟର ଏକ ରାଜ୍ୟ ବୃକ୍ଷ ଅଛି। କିନ୍ତୁ ଦୁର୍ଭାଗ୍ୟ ଯେ, ଯେତେବେଳେ କୌଣସି ରାଜ୍ୟର ରାଜଧାନୀର ବିଭିନ୍ନ ରେଳ ଷ୍ଟେଶନ ଓ ବିମାନବନ୍ଦରକୁ ଯିବେ ସେତେବେଳେ ସେହି ରାଜ୍ୟର ରାଜ୍ୟବୃକ୍ଷ ଦେଖିବାକୁ ପାଇବେ ନାହିଁ। ଏହା ପରିବର୍ତ୍ତେ ସେଠାରେ ଆପଣ ବିଭିନ୍ନ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ଦେଖିବେ । ଏହି କାରଣରୁ ସମୟକ୍ରମେ ଆମ ରାଜ୍ୟ ବୃକ୍ଷକୁ ଭୁଲିଯାଉଛେ। ଏହା ସହ ଆମେ କେବେ ବି ରାଜ୍ୟବୃକ୍ଷର ସାଂସ୍କୃତିକ ମହତ୍ତ୍ୱ ବିଷୟରେ ଚିନ୍ତା କରୁନାହୁଁ। ବର୍ତ୍ତମାନ ଯଦି ମୁଁ ପଚାରିବି ଆମ ଦେଶର ଜାତୀୟ ବୃକ୍ଷ ବା ଗଛ କିଏ। ସରଳରେ ଏହାର ଉତ୍ତର ମିଳିଯିବ ଏବଂ ସମସ୍ତେ କହିବେ ବରଗଛ। ହିନ୍ଦୁ ଓ ବୌଦ୍ଧଧର୍ମରେ(ଏହାର ସମ୍ପର୍କ ୨୨ତମ ତୀର୍ଥଙ୍କର କଶ୍ୟପ ବୁଦ୍ଧ ସହ ରହିଛି) ଏହାକୁ ଏକ ପବିତ୍ର ବୃକ୍ଷ ବୋଲି ବିବେଚନା କରାଯାଏ। ଏହି ଜାତୀୟ ବୃକ୍ଷ ମଧ୍ୟ ଗୁଜରାଟ ଓ ମଧ୍ୟପ୍ରଦେଶର ରାଜ୍ୟ ବୃକ୍ଷ। କିନ୍ତୁ ହରିୟାଣା, ବିହାର ଏବଂ ଓଡ଼ିଶାର ରାଜ୍ୟ ବୃକ୍ଷ ହେଉଛି ଅଶ୍ୱତ୍ଥ। ଏହି ଗଛ ତଳେ ଗୌତମ ବୁଦ୍ଧ ଜ୍ଞାନ ତଥା ନିର୍ବାଣ ପ୍ରାପ୍ତି ହୋଇଥିଲେ। ସେହିପରି ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥ ମଧ୍ୟ ଏହି ଗଛମୂଳରେ ଜ୍ଞାନ ଲାଭ କରିଥିଲେ, ଯିଏ ମହାବୀରଙ୍କ ପୂର୍ବରୁ ରହିଥିଲେ।

ଛତିଶଗଡ଼ ଓ ଝାଡ଼ଖଣ୍ଡର ରାଜ୍ୟ ବୃକ୍ଷ ଶାଳ। ରାମାୟଣର କିଷ୍କିନ୍ଧା କାଣ୍ଡରେ ରାମ ୭ଟି ଶାଳଗଛରେ ତୀର ବିଦ୍ଧକରିଥିଲେ। ଶାଳଗଛର ମଧ୍ୟ ବୌଦ୍ଧଧର୍ମ ସହ ସମ୍ପର୍କ ଅଛି। ବୁଦ୍ଧ ଯେତେବେଳେ ଜନ୍ମହୋଇଥିଲେ ସେତେବେଳେ ତାଙ୍କ ମା' ଶାଳଗଛ ଶାଖାକୁ ଧରିଥିଲେ। ଏହାସହ ଦୁଇଟି ଶାଳଗଛ ମଧ୍ୟରେ ବୁଦ୍ଧଙ୍କର ମୃତ୍ୟୁ ଘଟିଥିଲା। ୨୦ତମ ତୀର୍ଥଙ୍କର ମୁନିସୁରବର୍ତ୍ତ, ଯିଏ କି ରାମଙ୍କ ସମୟରେ ଥିଲେ, ତାଙ୍କର ଶାଳଗଛ ସହ ସମ୍ପର୍କ ରହିଥିଲା।

ଅଶୋକ ଗଛ ଉତ୍ତରପ୍ରଦେଶର ରାଜ୍ୟବୃକ୍ଷ ହୋଇଥିବାବେଳେ ଏହାର ଫୁଲ ଓଡ଼ିଶାର ରାଜ୍ୟ ଫୁଲ। କମଳାରଙ୍ଗର ଫୁଲରେ ସୁଶୋଭିତ ଅଶୋକ ଗଛ ସମ୍ପର୍କରେ ରାମାୟଣରେ ବର୍ଣ୍ଣନା ରହିଛି । କାରଣ ରାବଣ ଲଙ୍କାର



ଅଶୋକ ବାଟିକା ବା ଅଶୋକ ଉଦ୍ୟାନରେ ସୀତାଙ୍କୁ ରଖିଥିଲେ। ଖେଜ୍ରି ବା ଶମି ବୃକ୍ଷ ତେଲଙ୍ଗାନା ଓ ରାଜସ୍ଥାନର ରାଜ୍ୟ ବୃକ୍ଷ ଭାବେ ସ୍ୱୀକୃତ। ଏହା କମ୍ ବର୍ଷା ହେଉଥିବା ଶୁଷ୍କ ଅଞ୍ଚଳରେ ବଢ଼ିଥାଏ। ଏହି ଗଛ ଯୋଦ୍ଧା ସମ୍ପ୍ରଦାୟ ସହ ଜଡ଼ିତ। ଖେଜ୍ରିଗଛ ମଧ୍ୟ ହରପ୍ପା ସଭ୍ୟତାର ସିଲ୍ ବା ମୋହରରେ ଦେଖିବାକୁ ମିଳେ। ସାମାନ୍ୟ କଣ୍ଟକିତ ଏହି ବୃକ୍ଷକୁ ଦଶହରା ପର୍ବ ସମୟରେ ରାଜ ପରିବାରଗୁଡ଼ିକ ଶ୍ରଦ୍ଧାର ସହ ପୂଜା କରିଥାନ୍ତି। ମହାଭାରତରେ ବର୍ଣ୍ଣନା ରହିଛି ଯେ, ଅଜ୍ଞାତବାସ ସମୟରେ ପାଣ୍ଡବମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଶମି ଗଛରେ ଲୁଚାଇ ରଖିଥିଲେ।

କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ଓ ମହାରାଷ୍ଟ୍ରର ରାଜ୍ୟ ବୃକ୍ଷ ଭାବେ ଆମ୍ବଗଛ ମାନ୍ୟତା ପାଇଛି। ଧର୍ମୀୟ ପର୍ବପର୍ବାଣିରେ ଆମ୍ବପତ୍ର ବ୍ୟବହାର କରାଯାଏ ଏବଂ ଘରର ପ୍ରବେଶପଥକୁ ଏହି ପତ୍ରରେ ସଜାଯାଇଥାଏ। କୌତୂହଳର ବିଷୟ ହେଉଛି, ୨୦୦ରୁ କମ୍ ବର୍ଷ ମଧ୍ୟରେ ଭାରତକୁ ପ୍ରଥମେ କୃଷ୍ଣଚୂଡ଼ା ଗଛ ଆସିଥିଲେ ମଧ୍ୟ ଏହାକୁ ଭାରତର ରାଜଧାନୀ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀର ରାଜ୍ୟବୃକ୍ଷ ଭାବେ ଗ୍ରହଣ କରାଯାଏ। କେରଳରେ ରହୁଥିବା ଖ୍ରୀଷ୍ଟିଆନଙ୍କ ଅନୁଯାୟୀ କୃଷ୍ଣଚୂଡ଼ା ଫୁଲ ହେଉଛି ଯିଶୁଙ୍କ ରକ୍ତ, ଯାହା କ୍ରୁଶବିଦ୍ଧ ସମୟରେ ଗଛ ଉପରେ ପଡ଼ିଥିଲା। ସେମାନେ ଏହି ଗଛକୁ କାଲଭରିପ୍ପୋ ( କାଲଭାରି ଫୁଲ) ବୋଲି କହନ୍ତି।

ଦକ୍ଷିଣ ଆଡ଼କୁ ଗଲେ ଆମେ ଅଧିକ ନିମ୍ବଗଛ ଦେଖିବାକୁ ପାଇଥାଉ। ଏହା ଆନ୍ଧ୍ରପ୍ରଦେଶ ରାଜ୍ୟବୃକ୍ଷ। ଏହା ଦେବୀଙ୍କର ପବିତ୍ର ବୃକ୍ଷ। ବେଲଗଛ ଶିବଙ୍କର ଅତି ପ୍ରିୟ ଏବଂ ପୁଡୁଚେରୀର ଏହା ରାଜ୍ୟବୃକ୍ଷ। ତାଳଗଛ ବଳରାମଙ୍କ ପାଇଁ ପବିତ୍ର ଗଛ ଏବଂ ତାମିଲନାଡୁର ରାଜ୍ୟବୃକ୍ଷ। ହିନ୍ଦୁ ପର୍ବପର୍ବାଣିରେ ନଡ଼ିଆ ଗଛର ମହତ୍ତ୍ୱ ରହିଛି। ନଡ଼ିଆ ଓ ଏହାର ପତ୍ରକୁ ବ୍ୟବହାର କରାଯାଇଥାଏ। ଏହା କେରଳ ଓ ଗୋଆର ରାଜ୍ୟବୃକ୍ଷ। ଚନ୍ଦନଗଛ କର୍ଣ୍ଣାଟକର ରାଜ୍ୟବୃକ୍ଷ। ଘୋରା ଚନ୍ଦନ ବିଷ୍ଣୁ ମନ୍ଦିରରେ ବ୍ୟବହାର କରାଯାଏ। ଏହା ଅତ୍ୟନ୍ତ ପବିତ୍ର ଓ ବିଷ୍ଣୁଙ୍କର ପ୍ରିୟ ମଧ୍ୟ। ହିମାଚଳ ପ୍ରଦେଶ, ଜମ୍ମୁ–କଶ୍ମୀର ଏବଂ ଲଦାଖର ରାଜ୍ୟବୃକ୍ଷ କୋନ୍‌ଫିର ଟ୍ରି (ସବୁବେଳେ ପତ୍ର ଭରି ରହିଥିବା ଗୋଟିଏ ଗ୍ରୁପ୍‌ର ଗଛ ଯାହା କୋନ୍ ଭଳି ଦେଖାଯାଏ)। ଦେବଦାରୁ ଶିବଙ୍କର ପ୍ରିୟ ଓ ଏହା ହିମାଚଳ ପ୍ରଦେଶର ରାଜ୍ୟବୃକ୍ଷ। ଚିନାରା ସୁଫିମାନଙ୍କ ପାଇଁ ପବିତ୍ର ଗଛ ଏବଂ ଏହା ଜମ୍ମୁ–କଶ୍ମୀରର ରାଜ୍ୟବୃକ୍ଷ। ଲଦାଖର ରାଜ୍ୟବୃକ୍ଷ ଜୁନିପର୍। ତିବ୍ବତୀୟ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଏହାର ମହତ୍ତ୍ୱ ରହିଛି। ସିକିମ୍ ଓ ଉତ୍ତରାଖଣ୍ଡର ରାଜ୍ୟବୃକ୍ଷ ହେଉଛି ରୋଡୋଡେଣ୍ଡ୍ରୋନ୍ ଟ୍ରି । ଏହାର ଗାଢ଼ ଲାଲ ରଙ୍ଗ ଫୁଲ ନନ୍ଦାଦେବୀଙ୍କୁ ଅର୍ପଣ କରାଯାଏ।

ଆମେ ଯଦି ଉତ୍ତର ପୂର୍ବ ଆଡ଼କୁ ଯିବା ତେବେ ଅନେକ ରାଜ୍ୟରେ ଅଧିକ କାଠଗଛ ଦେଖିବାକୁ ପାଇବା। ସ୍ଥାନୀୟ ଆଦିବାସୀମାନେ ଏହିସବୁ ଗଛରୁ ଅନେକକୁ ପୂଜା କରନ୍ତି। ବିଶେଷକରି ଆସାମ ଓ ଅରୁଣାଚଳ ପ୍ରଦେଶରେ ହୋଲୋଙ୍ଗ, ମେଘାଳୟରେ ଆଲ୍‌ଡେର, ମଣିପୁରରେ ଉଡ୍‌କିଙ୍ଗ୍, ମେଘାଳୟରେ ହ୍ୱାଇଟ୍ ଟିକ୍ ଏବଂ ଆଣ୍ଡାମାନରେ ରେଡ୍‌ଉଡ୍‌କୁ ସେମାନେ ପୂଜା କରିଥାନ୍ତି। ମିଜୋରାମର ଆଇରନ୍ ଟ୍ରି ବୌଦ୍ଧଧର୍ମରେ ପବିତ୍ରତା ବହନକରେ ଏବଂ ଅନେକ ବୌଦ୍ଧ ବିଚାରଧାରା ସହ ଏହାର ସମ୍ପର୍କ ରହିଛି। ଏହା ମଧ୍ୟ ଶ୍ରୀଲଙ୍କାର ଜାତୀୟ ବୃକ୍ଷ। ତ୍ରିପୁରାର ରାଜ୍ୟବୃକ୍ଷ ହେଉଛି ଅଗର। ଏହା ଏକ ସୁବାସିତ ଗଛ, ଯେଉଁଥିରୁ ଅତର ତିଆରି କରାଯାଏ। ପଶ୍ଚିମବଙ୍ଗର ରାଜ୍ୟବୃକ୍ଷ ସପ୍ତପର୍ଣ୍ଣୀ। ଏହାର ଗଣ୍ଡିରୁ ସ୍କୁଲ ବ୍ଲାକ୍‌ବୋର୍ଡ ତିଆରି ହୁଏ। ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍‌ମାନେ ସେମାନଙ୍କ ଗ୍ରାଜୁଏଶନ ସମାରୋହକୁ ଏହି ଗଛର ଏକ ଛୋଟ ଡାଳନେଇଥାନ୍ତି। ଲାକ୍ଷାଦ୍ୱୀପର ବ୍ରେଡ୍‌ଫ୍ରୁଟ୍ ଗଛ ସମୁଦ୍ରପଥର ଯାତ୍ରାକୁ ସ୍ମରଣ କରାଇଦିଏ। ଅନେକ ହଜାର ବର୍ଷ ପୂର୍ବେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ପୋଲିନେସିଆର ନାବିକମାନେ ଏହି ଗଛକୁ ପ୍ରଥମେ ଆଣିଥିଲେ। ଏହିପରି ଭାବେ ଭାରତର ରାଜ୍ୟଗୁଡ଼ିକର ରାଜ୍ୟବୃକ୍ଷସବୁ ଭାରତୀୟ ସଂସ୍କୃତି ସମ୍ପର୍କରେ ଅନେକ କାହାଣୀ କହିଥାନ୍ତି।

–devduttofficial@gmail.com

# ସଉଦା ବ୍ୟାଗ୍



ସତ୍ୟନାରାୟଣ ଦେହୁରୀ

ଆମ ନିତିଦିନିଆ ଜୀବନରେ ସମସ୍ତେ କିଛିନା କିଛି ସଉଦା ଆଣନ୍ତି । ଏହି ସଉଦା କେତେବେଳେ ପରିବା ହୋଇପାରେ ତ କେତେବେଳେ ତେଜରାତି ଜିନିଷ କିମ୍ବା ଅନ୍ୟ କିଛି ହୋଇପାରେ। ଧନୀ ହେଉ କିମ୍ବା ଗରିବ ସମସ୍ତଙ୍କର କିଛିନା କିଛି ଆବଶ୍ୟକତା ରହିଥାଏ। ତେବେ ସଉଦାର ଆକାର ବା ପରିମାଣ ଅନୁସାରେ ବ୍ୟାଗ୍‌ର ଆବଶ୍ୟକତା ହୁଏ। ଏହି ବ୍ୟାଗ ଆଜିକାଲି ଆଉ ନିଜ ଘରୁ ନେବାକୁ ପଡୁନାହିଁ। ଦୋକାନୀ ନିଜେ ଯେତେବଡ଼ ଜିନିଷ ହେଲେ ମଧ୍ୟ ତାକୁ ପ୍ୟାକ୍ କରି ଦେଇଦେଉଛି। ବହୁତ ସୁବିଧାରେ ଆମ ଜିନିଷ ଘରେ ପହଞ୍ଚି ଯାଉଛି। କିନ୍ତୁ ଆଗରୁ ଏହି ବ୍ୟବସ୍ଥା ନ ଥିଲା। ନିଜ ଜିନିଷ ପାଇଁ ନିଜେ ବ୍ୟାଗର ବ୍ୟବସ୍ଥା କରିବାକୁ ପଡୁଥିଲା। ଘରୁ ବ୍ୟାଗ ଧରି ଜିନିଷ ଆଣିବା ପାଇଁ ସମସ୍ତେ ଯାଉଥିଲେ। ସୁରକ୍ଷିତ ଭାବରେ ନିଜ ଜନିଷ ଘରକୁ ଆଣୁଥିଲେ।

ବ୍ୟାଗର ବ୍ୟବହାର ଏବେ କମିଗଲାଣି। କେହି ବ୍ୟାଗ ନେଇ ବଜାରକୁ ଯାଉନାହାନ୍ତି। ଯଦି ବି କିଏ ବ୍ୟାଗ ବ୍ୟବହାର କରୁଛି ତାହା ନିଶ୍ଚିତ ଭାବରେ ଜରି କିମ୍ବା ପଲିଥିନରେ ତିଆରି ବ୍ୟାଗ ହୋଇଥିବ। କନାରେ ତିଆରି ବ୍ୟାଗ ବହୁତ କମ ଲୋକଙ୍କ ହାତରେ ଦେଖାଯାଏ। ଆଗରୁ ବ୍ୟାଗ ସବୁ କନାରେ ସିଲାଇ ହେଉଥିଲା। କନା ତିଆରି ବ୍ୟାଗ ବହୁତ ମଜଭୁତ ଓ ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରୁଥିଲା। କନା ବ୍ୟାଗରେ ଜିନିଷ ଆଣିଲେ ବାହାରକୁ ଦେଖାଯାଏ ନାହିଁ। ବହୁତ ସୁରକ୍ଷିତ ଭାବରେ ଜିନିଷ ଘରକୁ ଆସେ। କିନ୍ତୁ ଆଜିକାଲି ରେଡିମେଡ୍ ଯୁଗରେ ସବୁ ପଲିଥିନ ବ୍ୟାଗର ବ୍ୟବହାର ହେଲା। ଖାଲି ହାତରେ ଘରୁ ବଜାରକୁ ଯାଇ ବଡ଼ ବଡ଼ ପଲିଥିନରେ ସଉଦା ଅଣାଯାଉଛି। ବାଟରେ ଲୋକେ ସବୁ ଜିନିଷ ଦେଖିପାରୁଛନ୍ତି। ହୋଟେଲରୁ ଜଳଖିଆ ନେଲେ ପଲିଥିନରେ ନେଉଛନ୍ତି। ବାଟରେ ସମସ୍ତଙ୍କ ନଜର ତାହା ଉପରେ ପଡୁଛି। ଗୋଟିଏ ବିଶ୍ୱାସ ଥିଲା,ଖାଦ୍ୟ ପଦାର୍ଥରେ କାହାର ନଜର ପଡ଼ିଲେ ତାକୁ ଖାଆନ୍ତି ନାହିଁ। ଯଦି ବି ତାକୁ ଖାଇବେ, ଯାହାର ନଜର ପଡ଼ିଥିବ ତାକୁ ଦେଇକି ଖାଇବେ। ନଚେତ ପେଟ କାଟିବ। ଅନ୍ୟର ନଜରକୁ ଏଡ଼ାଇବା ପାଇଁ ଖାଦ୍ୟ ପଦାର୍ଥକୁ ଘୋଡ଼ାଇ ରଖାଯାଉଥିଲା। କାଳେ କାହାର ନଜର ପଡ଼ିଯିବ ବୋଲି ସମସ୍ତେ ଚିନ୍ତା କରୁଥିଲେ। ଏବେ କିନ୍ତୁ ସବୁ ଖୋଲା ମେଲାରେ ଚାଲିଛି। ଦିନକୁ ଦିନ ଲୋକମାନଙ୍କର ଚଳଣିରେ ପରିବର୍ତ୍ତନ ହୋଇଯାଉଛି। ସମସ୍ତଙ୍କ ନଜର ପଡୁଥିବା ଖାଦ୍ୟ ଖାଇବାକୁ କୌଣସି ଦ୍ୱିଧା ବୋଧ ହେଉନାହିଁ। ସର୍ବସାଧାରଣ ସ୍ଥାନମାନଙ୍କରେ ଗହଳି ସ୍ଥାନରେ ଖାଦ୍ୟ ଖାଇବାକୁ ଲୋକମାନେ ବହୁତ ପସନ୍ଦ କରୁଛନ୍ତି।

ପଲିଥିନର ବ୍ୟବହାର ବଢ଼ି ଯାଇଛି। ବ୍ୟାଗର ବିକଳ୍ପ ଭାବରେ ପଲିଥିନ ବ୍ୟବହାର କରାଯାଉଥିବାରୁ କେହି ବ୍ୟାଗ ବ୍ୟବହାର କରୁନାହାନ୍ତି। ସବୁ ଜାଗାରେ ପଲିଥିନର ବ୍ୟବହାର ଚାଲିଛି। ଏପରି କି ମନ୍ଦିର ଗଲେ ମଧ୍ୟ ଆଉ ପୂର୍ବଭଳି ପୂଜା ଝୁଡ଼ି ବ୍ୟବହାର ହେଉନାହିଁ। ପଲିଥିନରେ ଭୋଗନେଇ ପୂଜକକୁ ଧରାଇଦେଲେ କାମ ଶେଷ। ଠାକୁରଙ୍କ ଭୋଗ ମଧ୍ୟ ସେହି ପଲିଥିନରେ ଆସିଯାଉଛି। ମହାଦେବଙ୍କ ପାଦୁକା ମଧ୍ୟ ପଲିଥିନରେ ଆସିଯାଉଛି। ଏହି ପଲିଥିନ ବର୍ତ୍ତମାନ ମଣିଷ ସମାଜକୁ ଗ୍ରାସ କରିସାରିଲାଣି। ଏହାର କ୍ଷତିକାରକ ଦିଗ ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ସକାଳ ପାହିଲେ ଆମ ଚାରିପାଖରେ ଦେଖିବାକୁ ମିଳୁଛି କୁଢ଼ କୁଢ଼ ପଲିଥିନ ଆବର୍ଜନା। ଜଳ ଭାଗରେ ମଧ୍ୟ ଏହା ଜଳଚର ଜୀବମାନଙ୍କୁ ପ୍ରଭାବିତ କଲାଣି। ଅନେକ ସମୟରେ ଗୋରୁ ଏହାକୁ ଖାଇ ବହୁତ ଅସୁବିଧାରେ ପଡ଼ିଯାଉଛନ୍ତି। ପଲିଥିନ ବନ୍ଦ କରିବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ଉଦ୍ୟମ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଗୋଟିଏ ନିୟମ ହେଲେ କିଛି ଦିନ କଟକଣା ରହୁଛି, ତା'ପରେ ପୁଣି ଲୋକମାନେ ତାକୁ ଭୁଲିଯାଉଛନ୍ତି। ଜନ ସଚେତନତାର ଅଭାବରୁ ଏହି ନିୟମଗୁଡ଼ିକର ସୁଫଳ ମିଳୁ ନାହିଁ।

ପ୍ଲାଷ୍ଟିକ, ପଲିଥିନର ବ୍ୟବହାରକୁ ବନ୍ଦ କରିବା ପାଇଁ କଡ଼ାକଡ଼ି ନିୟମ କରିବା ଓ ତାକୁ ପାଳନ କରିବା ଆବଶ୍ୟକ। ସମସ୍ତେ କନା ବ୍ୟାଗ ନେଇ ବଜାରକୁ ଯିବା ଅଭ୍ୟାସ କରିବା ଜରୁରୀ। ଦୋକାନୀମାନଙ୍କୁ ମଧ୍ୟ ତାଗିଦ୍ କରିବା ଦରକାର ଯେ, ସେମାନେ ଗ୍ରାହକମାନଙ୍କୁ ବ୍ୟାଗ ଆଣିବା ପାଇଁ କୁହନ୍ତୁ, ନଚେତ୍ ଜିନିଷ ଦିଅନ୍ତୁ ନାହିଁ। କରୋନା କାଳରେ ଯେମିତି ସବୁ ଦୋକାନରେ ଲେବୁଲ ମରାଯାଇଥିଲା, ମାସ୍କ ନାହିଁ ତ ଜିନିଷ ନାହିଁ। ଠିକ୍ ସେହିପରି, ବ୍ୟାଗ ନାହିଁ ତ ଜିନିଷ ନାହିଁ ଲେବୁଲ ସବୁ ଦୋକାନୀ ମାରନ୍ତୁ। ଧୀରେ ଧୀରେ ଲୋକମାନଙ୍କ ଅଭ୍ୟାସ ବଦଳାଇବାକୁ ପଡ଼ିବ, ନଚେତ ନେଡ଼ି ଗୁଡ କହୁଣିକୁ ବୋହିଯିବ।

**ରାଧାନଗର, ବୌଦ୍ଧ**
**ମୋ:୯୯୩୮୭୫୮୩୫୩**

## ଏଇ ଭାରତରେ

ଏକାକୀ ବାଇକ୍‌ରେ ୧୨ଟି ଦେଶ ବୁଲିସାରିଲେଣି ଆନ୍ଧ୍ରପ୍ରଦେଶର ଯୋଶୁଭ ଡାନିଏଲ ପୁଟି। ଏହି ଯାତ୍ରା ସମୟରେ ସେ ବିଭିନ୍ନ ସମ୍ପ୍ରଦାୟ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେଉଛନ୍ତି। ସେ ମଧ୍ୟ ବାଟରେ ଅସହାୟମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି। ଉଗାଣ୍ଡାରେ ଥିବା ସମୟରେ ସେଠାରେ ଅପପୁଷ୍ଟିର ଶିକାର ପିଲାଙ୍କୁ ଦେଖି ସେମାନଙ୍କୁ ଖାଦ୍ୟ ଦେବାଲାଗି ନିଷ୍ପତ୍ତି ନେଇଥିଲେ ଏବଂ ସେହିଠାରୁ ହିଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ ଆବଶ୍ୟକ କାଗଜପତ୍ର ଯୋଗେ ବିଭିନ୍ନ ଦେଶର ସୀମା ପାର୍ ହୋଇ ଚାଲିଛନ୍ତି। ୩୭ ବର୍ଷୀୟ ପୁଟି ୧୬୦ ଦେଶ ବାଇକ୍‌ରେ ଭ୍ରମଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସିଙ୍ଗାପୁରରେ ସେଠାକାର ଅଧିକାରୀଙ୍କ ସହଯୋଗରେ କ୍ୟାନ୍‌ସର ପୀଡ଼ିତ ପିଲାଙ୍କ ସର୍ଜରି ପାଇଁ ପାଣ୍ଠି ମଧ୍ୟ ସଂଗ୍ରହ କରିଥିଲେ। ଭାରତର ବିଭିନ୍ନ ସ୍ଥାନକୁ ଯିବା ସମୟରେ ସେ ମହିଳାମାନଙ୍କୁ ସଶକ୍ତ ହେବାଲାଗି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରୁଛନ୍ତି। 'ରାଇଡର ଯୋଶ୍ ଫାଉଣ୍ଡେଶନ' ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। କେବଳ ଏତିକି ନୁହେଁ, ସେ ହାଇଦ୍ରାବାଦରେ ୫୦୦ରୁ ଅଧିକ ଗଛଚାରା ଲଗାଇ ସାରିଲେଣି। ଏହାବ୍ୟତୀତ ଡାନିଏଲ ପୁଟି କରୋନା ସମୟରେ ମଧ୍ୟ ୧୫୦୦ ଲୋକଙ୍କୁ ପ୍ରତିଦିନ ଖାଇବାକୁ ଦେଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୭୬

- ରାଉରକେଲାଠାରେ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ୱାଇରାଲ ୱେଲ୍ଡ ପାଇପ ପ୍ଲାଣ୍ଟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।
- ଭୀଷଣ ବର୍ଷା ଓ ଝଡ଼ତୋଫାନ ଫଳରେ କଲିକତା ଅନ୍ତର୍ଗତ ରଘୁନାଥଗଞ୍ଜ ନିକଟସ୍ଥ ଭାଗୀରଥି ନଦୀରେ ନୌକା ବୁଡ଼ିଯିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।
- କୃଷି ତଥା ଶିଳ୍ପ ଉତ୍ପାଦନ ବୃଦ୍ଧିକୁ ଉତ୍ସାହିତ କରିବା ଲାଗି ୪୩ଟି ସାମଗ୍ରୀ ଉପରୁ ଅବକାରୀ ଶୁଳ୍କ ରିହାତି ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 1 | |
| 5 | | | 3 | 6 | | | | 7 |
| | | | | | | | | 5 |
| 9 | | 5 | | | | | 7 | 1 |
| | | 3 | 5 | | | 8 | | |
| 6 | | | | 7 | | | | 2 |
| 2 | | | | | 1 | 5 | | |
| | | | 6 | 9 | | | 3 | |
| | | 9 | | | 7 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 6 | 5 | 4 | 7 | 9 | 1 |
| 1 | 7 | 6 | 2 | 8 | 9 | 3 | 4 | 5 |
| 5 | 9 | 4 | 1 | 3 | 7 | 6 | 2 | 8 |
| 6 | 3 | 1 | 5 | 9 | 2 | 4 | 8 | 7 |
| 9 | 4 | 8 | 7 | 1 | 6 | 2 | 5 | 3 |
| 7 | 2 | 5 | 8 | 4 | 3 | 9 | 1 | 6 |
| 2 | 5 | 9 | 3 | 6 | 8 | 1 | 7 | 4 |
| 4 | 1 | 3 | 9 | 7 | 5 | 8 | 6 | 2 |
| 8 | 6 | 7 | 4 | 2 | 1 | 5 | 3 | 9 |

ଗତକାଲିର ଉତ୍ତର

# ସର୍ବବ୍ୟାପୀ ସରକାର



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କର ସରକାର ଯେପରି ଅତିଦୃଶ୍ୟମାନ ହେବା ପ୍ରୟାସରେ ବ୍ୟକ୍ତିର ଅନ୍ତର୍ନିହିତ ବିକାଶରେ ବାଧକ ସାଜୁଛନ୍ତି, ଜଣାପଡୁଛି ଆଉ ଅଳ୍ପ କେତେ ବର୍ଷ ଭିତରେ ଅଧିକାଂଶ ଲୋକ 'ଗଣତନ୍ତ୍ର–ପ୍ରସୂତ ଦିବ୍ୟାଙ୍ଗ'ରେ ପରିଣତ ହେବେ!

ଆଗରୁ ରାଜ୍ୟ ବା ରାଷ୍ଟ୍ରରେ ସମ୍ବଳ ନ ଥିଲା। ତେଣୁ ସରକାର ସବୁକଥାରେ ନାଗରିକମାନଙ୍କ ପାଖରେ ଠିଆ ହୋଇ ପାରୁ ନ ଥିଲେ। କିନ୍ତୁ ଏହାର ସକାରାତ୍ମକ ଦିଗଟି ଥିଲା। ମଣିଷ ତା'ର ଅନ୍ତର୍ନିହିତ ସୃଜନଶକ୍ତି ଓ ଆତ୍ମଲବ୍ଧ ଦକ୍ଷତା ପ୍ରୟୋଗ କରି ଅନେକ ଛୋଟ ଛୋଟ ସମସ୍ୟାର ସମାଧାନ କରି ଦେଉଥିଲା। ଆଉ ତା' ସାଙ୍ଗକୁ ଥିଲେ 'ଛୋଟ ସରକାର' ମାନେ। ସ୍ୱାଧୀନତା ସଂଗ୍ରାମ କାଳରେ ଯେପରି ଗାଁ ଗହଳରେ 'ଛୋଟ ଗାନ୍ଧୀ'ମାନଙ୍କ ଆବିର୍ଭାବ ଘଟିଥିଲା, ୮୦ ଦଶକ ପର୍ଯ୍ୟନ୍ତ ଗାଁର ଉନ୍ନତି ପାଇଁ ଉତ୍ସର୍ଗୀକୃତ କିଛି ଗାଁ ମୁଖିଆ ସରକାରଙ୍କ ପରିପୂରକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶିକ୍ଷା, ସାମାଜିକ ସଦ୍‌ଭାବ, ସାଂସ୍କୃତିକ ବିକାଶ, ଛୋଟ ଛୋଟ ସାମୂହିକ କାର୍ଯ୍ୟ ମାଧ୍ୟମରେ ଆତ୍ମ–ଗୁରୁତ୍ୱ ଓ ଗ୍ରାମ୍ୟପ୍ରୀତି ଜାଗ୍ରତ କରେଇ ଗାଁକୁ ଏକ ସୁସଂହତ ଏକକ ହିସାବରେ ଧରି ରଖି ପାରୁଥିଲେ।

ଧୀରେ ଧୀରେ ଭୋଟ୍ ରାଜନୀତି ପଶିଲା। ଦକ୍ଷତା, ସୃଜନଶକ୍ତି, ସାମୂହିକ ଉନ୍ନତି ପ୍ରବଣତାରେ ଭରପୂର ନାଗରିକମାନଙ୍କୁ ଭୋଟଦାତାରେ ରୂପାନ୍ତରିତ କରାଗଲା। ଉଦାରୀକରଣ ପ୍ରଭାବରେ ରାଜକୋଷ ମଧ୍ୟ ସମୃଦ୍ଧ ହେବାକୁ ଲାଗିଲା। ଆସ୍ତେ ଆସ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସରକାର ସହାୟତାର ହାତ ବଢ଼େଇଲେ। ତେବେ କାଳକ୍ରମେ ଏହା ସହାୟତା ବଦଳରେ ନଗଦ ରାଶି ପ୍ରଦାନ ମାଧ୍ୟମରେ ଭୋଟଭିକ୍ଷାର ଏକ ସୁନ୍ଦର ମାଧ୍ୟମ ପାଲଟିଲା। ଅର୍ଥାତ୍ ସରକାର ଜନସାଧାରଣଙ୍କୁ ମାଛ ଧରିବାକୁ ଜାଲ ନ ଦେଇ, ଘରେ ମାଛ ପହଞ୍ଚେଇ ଦେବାର ବ୍ୟବସ୍ଥା କଲେ। ତେଣୁ ଆକ୍ଷରିକ ଅର୍ଥରେ ଏବଂ ଭାବାର୍ଥରେ ଆଜିକାଲି କେହି ଜାଲ ବୁଣୁ ନାହାନ୍ତି, ଜାଲ ଫିଙ୍ଗି ବା ବସେଇ 'ମାଛ' ଧରୁନାହାନ୍ତି। ନିର୍ଦ୍ଦିଷ୍ଟ ଭାବରେ କିଛି ନ କରି ଯେବେଠୁ ନଗଦ ଅର୍ଥ ମିଳିବାର ବ୍ୟବସ୍ଥା କରାଗଲା, ସେବେଠୁ ଗାଁ ଓ ସହରର ଅଭାବୀ ଓ ମଧ୍ୟବିତ୍ତ ଲୋକମାନେ ସେମାନଙ୍କ ମଣିଷସୁଲଭ, ଭଗବତଦତ୍ତ ଦକ୍ଷତା, ପ୍ରତିଭା ହରାଇ ଜଣେ ଜଣେ ନିକମା ମାଂସ ପିଣ୍ଡୁଳା ପାଲଟି ଯାଇଛନ୍ତି।

କିଛି କାମ ନ କରି ନଗଦ ଅର୍ଥରାଶି ଲାଭ କରି ଓଡ଼ିଶାର ଲୋକ କିପରି ନିକମା ପାଲଟି ଯାଇଛନ୍ତି ଏବଂ ରାଜ୍ୟ ଓ ରାଜକୋଷ ପାଇଁ ବୋଝ ପାଲଟି ଯାଇଛନ୍ତି, ତାହା ଜଣାପଡ଼େ ଯେତେବେଳେ ପାର୍ଶ୍ୱବର୍ତ୍ତୀ ରାଜ୍ୟ ବା ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ଚାଷୀ, ମୂଲିଆଙ୍କ କର୍ମକୁଶଳତା ଆମେ ସାମାଜିକ ଗଣ ମାଧ୍ୟମରେ ଦେଖୁ। ବାଂଲାଦେଶ ଭାରତ ପରି ଆର୍ଥିକ ଦୃଷ୍ଟିରୁ ଉନ୍ନତ ହୋଇ ନ ଥିବାରୁ ସେଠିକାର ଚାଷୀମାନେ ସରକାରୀ ଅନୁଦାନର ଅନୁପସ୍ଥିତିରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ଅନ୍ୟାନ୍ୟ ଶିଳ୍ପକଳାରେ ଏତେ କୁଶଳୀ, ଦକ୍ଷ ଓ ପାରଙ୍ଗମ ଯେ ସେମାନେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା



ସହ ରାଷ୍ଟ୍ର ପାଇଁ ଯଥେଷ୍ଟ ବୈଦେଶିକ ମୁଦ୍ରା ଅର୍ଜନ କରି ପାରୁଛନ୍ତି, ଯାହା ଓଡ଼ିଶା କ୍ଷେତ୍ରରେ ପ୍ରାୟ ଶୂନ୍।

ବିଶିଷ୍ଟ ଚିନ୍ତାନାୟକ ନୋଆମ୍ ଚମ୍‌ସ୍କି ବିଶ୍ୱର ରାଜନେତାଙ୍କର ନାଗରିକ ମାନଙ୍କୁ ସରକାର–ନିର୍ଭରଶୀଳ ଅବା ନେତା–ନିର୍ଭରଶୀଳ କରେଇବା ନିଜ ପଦ ସୁରକ୍ଷିତ ରଖିବାର ଏକ ଚତୁର ଚାଲ୍ ବୋଲି ଅଭିହିତ କରନ୍ତି। ନେତାମାନେ ସର୍ବଦୃଶ୍ୟମାନ ହେବା କ୍ରମରେ ଧୀର ଧୀରେ ବହୁତ 'ଡେଙ୍ଗା' ହେବାକୁ ଲାଗନ୍ତି ଏବଂ ସମ ଅନୁପାତରେ ନାଗରିକମାନେ 'ଛୋଟ' ଦେଖାଯାନ୍ତି ବା 'ଛୋଟ' ହେବାକୁ ଲାଗନ୍ତି। ଏହି ଧାରାର ଏକ ପର୍ଯ୍ୟାୟରେ ରାଜନେତାମାନେ ସର୍ବଶକ୍ତିମାନ ଧାର୍ମିକ ବା ଆଧ୍ୟାତ୍ମିକ ରକ୍ଷାକର୍ତ୍ତା ହିସାବରେ ଉଭା ହୁଅନ୍ତି। ପ୍ରଖ୍ୟାତ ଇଂଲିଶ କବି ଅଲିଭର ଗୋଲ୍ଡ ସ୍ମିଥଙ୍କ 'ଭିଲେଜ ସ୍କୁଲ ମାଷ୍ଟର' କବିତାରେ ବର୍ଣ୍ଣିତ ଗ୍ରାମବାସୀମାନଙ୍କ ମାଷ୍ଟରଙ୍କ 'ଛୋଟ ମୁଣ୍ଡରେ' ଏତେ ଜ୍ଞାନ କେମିତି ରହୁଛି ଭାବିବା ଭଳି ଆଜିର 'ଦୁଗ୍ଧପୋଷ୍ୟ' ମତଦାତାମାନେ ସେମାନଙ୍କ ନେତାଙ୍କୁ ଜଣେ ଜଣେ ଭଗବାନ ବୋଲି ମଣନ୍ତି ଏବଂ ରବର୍ଟ ବ୍ରାଉନ୍‌ଙ୍କ କବିତା 'ପିପା ପାସେସ' ରେ ବ୍ରାଉନ୍‌ଙ୍କ ଉକ୍ତି–ଭଗବାନ ସ୍ୱର୍ଗରେ ଅଛନ୍ତି, ପୃଥିବୀରେ ସବୁ ଠିକ୍ ଠାକ୍ ଚାଲିଛି–ସହ ତାଳ ଦେଇ ରାଜନେତାରୁ 'ଅନ୍ନଦାତା' ଓ 'ଅର୍ଥଦାତା' ପାଲଟିଥିବା 'ଡେଙ୍ଗା' ମଣିଷମାନଙ୍କ ଗୁଣକୀର୍ତ୍ତନ କରି ସେମାନଙ୍କ ସମର୍ଥକମାନେ ଗାଆନ୍ତି– 'ରାଜଧାନୀରେ ଆମ ନେତା ଅଛନ୍ତି, ସବୁଆଡ଼େ ଠିକ୍ ଠାକ୍ ଚାଲିଛି।'

ଦୁଃଖର କଥା ନେତାମାନଙ୍କୁ ଛୋଟନେତାମାନେ ହିମାଳୟ ଭାବିଲେ ବି, ଭୋଟ ପ୍ରେକ୍ଷାପଟରେ ସେମାନେ ନିଜକୁ ଅସୁରକ୍ଷିତ ମଣନ୍ତି। ତେଣୁ ନାଗରିକମାନଙ୍କୁ ବିଭିନ୍ନ ଭାବରେ ନିର୍ଭରଶୀଳ କରେଇ, ସେମାନଙ୍କ ପ୍ରତିଭା ହରଣ କରି ସେମାନଙ୍କୁ ତଳିତଳାନ୍ତ କରି ନିଜକୁ ଅନତିକ୍ରମଣୀୟ ରୂପରେ ଉପସ୍ଥାପନ କରୁ କରୁ, ସମାନ୍ତରାଳ ଭାବରେ ଏକ କରୁଣ ଅବରୋହଣ ପ୍ରକ୍ରିୟା ଆରମ୍ଭ ହୁଏ, ଯେତେବେଳେ ନେତାମାନେ ନିଯୁକ୍ତି ପତ୍ର ବାଣ୍ଟିବାକୁ ବାହାରି ପଡ଼ନ୍ତି ଯେଉଁଗୁଡ଼ିକ ଏକ ସମୟରେ ରେଜିଷ୍ଟର୍ଡ ଡାକରେ ଡାକଘର କର୍ମଚାରୀମାନେ ବାଣ୍ଟୁଥିଲେ। ଭାରି ଦୁଃଖଲାଗେ ଭୋଟ କେଉଁ ସ୍ତରକୁ ନେତାମାନଙ୍କୁ ନେଇଯାଏ। ଖାଲି ସେତିକି ନୁହେଁ, ସେମାନଙ୍କ ସହ ତାଳ ଦେଇ ଅତିମାତ୍ରାରେ ରୁଟିନ୍ କାର୍ଯ୍ୟକ୍ରମ–ପରୀକ୍ଷା ଫଳ ପ୍ରକାଶନରେ ମନ୍ତ୍ରୀମାନଙ୍କ ପରୀକ୍ଷା ଫଳ–ପୁସ୍ତିକା ଧରି ଠିଆ ହେବାର ଫଟୋ ମଧ୍ୟ ଦେଖାଯାଏ। କି ବିଚିତ୍ର ଏ ବିପରୀତ ରାଜନୈତିକ ବିବର୍ତ୍ତନ!

ଦୁର୍ନୀତିମୁକ୍ତ ଗୁଣାତ୍ମକତାର ଅନ୍ୟ ନାମ ସରକାର ନୁହନ୍ତି ନା ନେତା ନୁହନ୍ତି, ବରଂ ଦୁର୍ନୀତିଯୁକ୍ତ ମୋଟାମୋଟି କାମ ଚଳେଇ ନେବା ହେଉଛି ସରକାରଙ୍କ ଅନ୍ୟ ନାମ। ସରକାରଙ୍କ 'ପାଣି–ପବନ' ରେ ବଢ଼ି ବଢ଼ି ଭୋଟଦାତାମାନେ ଆଉ ନାଗରିକ ପର୍ଯ୍ୟାୟକୁ ଯାଇପାରନ୍ତି ନାହିଁ। ଆବିଷ୍କାରୀ, ଉଦ୍‌ଭାବନୀ ଏବଂ ସୃଜନଶୀଳ ମନଗୁଡ଼ିକ ଆସ୍ତେ ଆସ୍ତେ ଜୀବାଶ୍ମରେ ପରିଣତ ହୁଏ, ଯାହାର କରୁଣ ପରିଣତି କରୋନା ପରି ଭୟାବହ ମହାମାରୀ ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଦେଖାଯାଏ, ଯେତେବେଳେ ସରକାରଙ୍କ 'ହାତଟେକା'ରେ ପ୍ରତିପାଳିତ ମଣିଷମାନେ ସଂକଟବେଳେ ଆବଶ୍ୟକ ଶାରୀରିକ ସକ୍ରିୟତା, ଦକ୍ଷତା, ବୁଦ୍ଧିମତ୍ତା ଓ ଜୀବନରକ୍ଷା କୌଶଳ ପ୍ରଦର୍ଶନ କରି ନ ପାରି ଅକାଳରେ ମୃତ୍ୟୁବରଣ କରନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦେଶର ନାଗରିକମାନଙ୍କ ଅନ୍ତର୍ନିହିତ ଗୁଣ, ଦକ୍ଷତା, ପ୍ରତିଭାର ବିକାଶ କରେଇବାର ସର୍ବଶ୍ରେଷ୍ଠ ବ୍ୟବସ୍ଥା। ଆଜି କିନ୍ତୁ ଭୋଟ ସଂଗ୍ରହ ପାଇଁ ନାଗରିକମାନଙ୍କୁ ଭୋଟଦାତାରେ ପରିଣତ କରି ଅମୂଲ୍ୟ ମାନବସମ୍ବଳକୁ ନର୍ଦ୍ଦମାର ପାଣିଭଳି ବୋହି ଦିଆଯାଉଛି।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ : ୯୪୩୭୩ ୭୬୨୧୯**

## ପାଠକ ଶ୍ରେଷ୍ଠ ବିଚାରକ

### ନିରପେକ୍ଷ ସାମ୍ବାଦିକତା ସମାଜର କାମ୍ୟ

ମହାଶୟ,

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଶକ୍ତୀକରଣ ନିମନ୍ତେ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର ବିଶେଷ ଆବଶ୍ୟକ ରହିଥିବା ବେଳେ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହ ଜନସାଧାରଣଙ୍କୁ ବାସ୍ତବ ତଥ୍ୟ ପ୍ରଦାନ କରିବା ନିମନ୍ତେ ଗଣମାଧ୍ୟମର ମଧ୍ୟ ଭୂମିକା ରହିଛି । ସ୍ୱାଧୀନ ଭାରତରେ ଗଣତନ୍ତ୍ରକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ସମ୍ବିଧାନର ମୁଖବନ୍ଧରେ ଭାରତକୁ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରୂପେ ଗଢ଼ିତୋଳିବା ପାଇଁ ସଂକଳ୍ପ ନିଆଯାଇଛି। ଗଣମାଧ୍ୟମକୁ ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ଜାଗ୍ରତପ୍ରହରି ଭାବେ ବର୍ଣ୍ଣନା କରାଯାଇଛି। ସମାଜରେ ରାଜନୀତିର ପ୍ରଭାବ ପରିଲକ୍ଷିତ ହୋଇଥିବା ବେଳେ ଗଣମାଧ୍ୟମ ସେଥିରୁ ଦୂରେଇ ରହିବା ସମ୍ଭବ ନୁହେଁ। କିନ୍ତୁ ଅଧିକାଂଶ ଗଣମାଧ୍ୟମ ବିଭିନ୍ନ କାରଣ ଯୋଗୁ ରାଜନୀତିକୁ ଅତ୍ୟଧିକ ପ୍ରାଧାନ୍ୟ ଦେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣମାଧ୍ୟମର ଶୈଳୀରେ ଏମିତି କିଛି ଘଟିଚାଲିଛି, ଯାହାକୁ ନେଇ ଲୋକଙ୍କର ଏହା ଉପରୁ ବିଶ୍ୱାସ କମିଯାଉଛି। ଏହା ନିୟମିତ ପାଠକ ବା ଗ୍ରାହକମାନଙ୍କ ପାଇଁ ଅସନ୍ତୋଷର କାରଣ ହୋଇଛି। ତେଣୁ ନିରପେକ୍ଷ ସାମ୍ବାଦିକତା ହିଁ ସମାଜର କାମ୍ୟ।

**–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜାଗ୍ରତ ସଂସ୍କାର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ଶ୍ରଦ୍ଧା ନମସ୍କାର।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୫୦୦ ବିଚାରାଧୀନ ପେନ୍‌ସନ ଉପରେ ସମୀକ୍ଷା

କୋରାପୁଟ,୧୮।୬( ଅମିତାଭ ବେହେରା)

**ପେନ୍‌ସନ ଅଦାଲତ**

**କୋରାପୁଟ,ମାଲକାନଗିରି ଜିଲାର ୮୧ ପେନ୍‌ସନଧାରୀ ପଞ୍ଜୀକୃତ**

କୋରାପୁଟ ଓ ମାଲକାନଗିରି ଜିଲାବାସୀଙ୍କ ରହିଥିବା ବିଭିନ୍ନ ପେନ୍‌ସନ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ପେନ୍‌ସନ ଅଦାଲତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପ୍ରଶାସନ, ଅଭିଯୋଗ ଏବଂ ପ୍ରଧାନ ମହାଲେଖାଗାରର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପେନ୍‌ସନ ଅଭିଯୋଗ ନିର୍ଦ୍ଦେଶକ ତଥା ସାଧାରଣ ପ୍ରଶାସନର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ପେନ୍‌ସନ ମଞ୍ଜୁରୀ ଅଧିକାରୀମାନଙ୍କୁ ସମୀକ୍ଷା କରାଯାଇଥିଲା। ୨ ଜିଲାର ୫୦୦ ବିଚାରାଧୀନ ପେନ୍‌ସନ ଉପରେ ସମୀକ୍ଷା ହୋଇଥିବା ସେ କହିଛନ୍ତି। ତୁରନ୍ତ ନିଷ୍ପତ୍ତି ନେବାକୁ ମଞ୍ଜୁରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି। ଏହି ପେନ୍‌ସନ ଅଦାଲତରେ କୋରାପୁଟ ଜିଲାର ୭୨ ଏବଂ ମାଲକାନଗିରିର ୯ ମୋଟ ୮୧ ପେନ୍‌ସନଧାରୀଙ୍କ ସହ ଆଲୋଚନାକରି ସମାଧାନ କରାଯାଇଛି। ଅବସର ଦିନ ଫାଇନାଲ ପେନ୍‌ସନ ପ୍ରଦାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନଙ୍କ ନାଁରେ ବିଭିନ୍ନ କେସ୍ ରହିଛି ସେମାନଙ୍କ ଅବସର ପୂର୍ବରୁ ସମାଧାନ କରାଯାଇ ଫାଇନାଲ ପେନ୍‌ସନ ଦେବାକୁ ଚେଷ୍ଟା କରାଯିବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସାଧାରଣ ଲୋକଙ୍କ ଆପତ୍ତି ଓ ଅଭିଯୋଗ ମିଳିତ ଜନଶୁଣାଣିରେ କିଭଳି ସମାଧାନ କରାଯାଉଛି ଏବଂ ଆଇନଗତ ବାଧକ ପାଇଁ ସମାଧାନ ହୋଇ ପାରୁ ନ ଥିବା ଆଦି ବିଭିନ୍ନ କେସ୍‌ର ସମୀକ୍ଷା କରାଯାଇଥିଲା। ଲୋକଙ୍କ ଅଭିଯୋଗ ଜନଶୁଣାଣିରେ ସମାଧାନ କରାଯିବା ନେଇ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ, ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ସଞ୍ଜୟ କୁମାର, ସାଧାରଣ ପ୍ରଶାସନ ଓ ପେନ୍‌ସନ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ରଶ୍ମିରଞ୍ଜନ ସାହୁ, ଉପସଚିବ ଅସିତ କୁମାର ପାଣି, ଜୟପୁର ଉପଜିଲାପାଳ ଏ. ଶସ୍ୟା ରେଡ୍ଡୀ, ଆଇଏଏସ୍ ପ୍ରୋବେସନେରି ସନ୍ତୋଷ କୁମାର ପାତ୍ର, ମାଲକାନଗିରି ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ,କୋରାପୁଟ ଅତିରିକ୍ତ ଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ ଓ ଡେପୁଟି କଲେକ୍ଟର ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପେନ୍‌ସନ ଅଭିଯୋଗ ନିର୍ଦ୍ଦେଶକ ନିହାର ରଞ୍ଜନ ଦାଶ ଓ ଅନ୍ୟ ଅଧିକାରୀମାନେ।

## କରାଟେ ପ୍ରତିଯୋଗିତାରେ ସେମିଳିଗୁଡ଼ାର ୨ ଛାତ୍ରୀଙ୍କୁ ପଦକ

ସେମିଳିଗୁଡ଼ା,୧୮।୬(ବାସୁଦେବ ବରାଡ଼)

ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଆୟୋଜିତ ୪ର୍ଥ କେଆଇଓ ଜାତୀୟ କ୍ୟାଡେଟ୍, ଜୁନିୟର ଓ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ସେମିଳିଗୁଡ଼ାରୁ ୨ ଜଣ ଖେଳାଳି ଓଡ଼ିଶା ପାଇଁ ପଦକ ଜିତିଛନ୍ତି। ଉତ୍କଳ କରାଟେ ସ୍କୁଲର ଅକାଂକ୍ଷା ମହାନ୍ତି ୯ ବର୍ଷୀୟ ସବ୍‌ଜୁନିୟର ବିଭାଗରେ ରୌପ୍ୟ ପଦକ ଓ ତପସ୍ୱିନୀ ନାୟକ କ୍ୟାଡେଟ୍ ବିଭାଗର କୁମିତେ(ଫାଇଟ୍)ରେ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ଟିମ୍ ୩୬ଟି ପଦକ ଜିତିଛି। ଏଥିରୁ ୮ଟି ସୁନା, ୧୩ଟି ରୌପ୍ୟ ଓ ୧୫ଟି କାଂସ୍ୟ ପଦକ ରହିଛି। ମୋଟ ପଦକ ତାଲିକାରେ ଓଡ଼ିଶା ୪ର୍ଥ ସ୍ଥାନରେ ରହିଛି। କିନ୍ତୁ ମୋଟ ପଦକ ହିସାବରେ ପ୍ରଥମ ସ୍ଥାନରେ ଅଛି। ଓଡ଼ିଶା ରାଜ୍ୟ କାରାଟେ ଡୋ ସଂଘର ଅଧ୍ୟକ୍ଷ ହାନ୍ସି ଡ. ହରିପ୍ରସାଦ ପଟ୍ଟନାୟକ, ସଚିବ ଡ. ଗୌରୀ ମହାନ୍ତି, କୋରାପୁଟ ଜିଲା କାରାଟେ ସଂଘର ସଚିବ ସେନ୍ସେଇ ଦୁର୍ଗାପ୍ରସାଦ ରଥ, ଉତ୍କଳ କରାଟେ ସ୍କୁଲ ପ୍ରଶିକ୍ଷକ ରାଜେନ୍ଦ୍ର ସାମଲ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଦେଶୀମଦ ଚାଲାଣ, ୨ ଗିରଫ

ଜୟପୁର,୧୮।୬(ପବନ ପାଣିଗ୍ରାହୀ)– ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରି ୨ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଦାମାପୁଟର ବିଦ୍ୟା ହରିଜନ(୨୬) ଓ ଏକଟାଗୁଡାର ଭଗବାନ କୁଲଦୀପ (୩୧)। ସୂଚନା ଅନୁଯାୟୀ,ଦେଶୀମଦ ଚାଲାଣ ହେଉଥିବା ବେଳେ ଦାମାପୁଟ ଓ ଏକଟାଗୁଡାରେ ଚଢାଉକରି ୨୯ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ୨ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଅନ୍ୟ ଜଣେ ଗୁରୁତର

କୋଟପାଡ଼,୧୮।୬(କେ.ରାଜଶେଖର ରାଓ)–କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ବୁଧବାର ୨ଟି ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ରହିଛନ୍ତି। ମୃତକ ହେଲେ ଫୁପୁଗାଁର ନୀଳାମ୍ବର ନାୟକ(୫୦)। ଗୁରୁତର ହେଲେ ବୋରିଗୁମ୍ମା ବ୍ଲକ ଡେଙ୍ଗପଦର ପଞ୍ଚାୟତ କେରକେଣ୍ଡା ଗ୍ରାମର ସନପତି ପୂଜାରୀ(୫୦)। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୩ଟାରେ ନୀଳାମ୍ବର କୋଟପାଡ଼ କୁସୁମୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ବୋବେୟା ପଞ୍ଚାୟତ ଚିଲିଗୁଡା ରାସ୍ତାରେ କୌଣସି କାମକୁ ନେଇ ବାଇକ୍ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ସେ ରାସ୍ତା ପାର୍ଶ୍ୱ ଏକ ନାଳକୁ ଛିଟିକି ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ସ୍ଥାନୀୟ ଲୋକେ କୋଟପାଡ଼ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରୁଛି। ଏକ ଟ୍ରକ ନୀଳାମ୍ବରଙ୍କୁ ଧକ୍କା ଦେଇଥିବା କେତେକ ଲୋକ କହୁଛନ୍ତି। ସେହିପରି ଅପରାହ୍ନ ୫ଟାରେ କୋଟପାଡ଼ରୁ ଜୟପୁର ଯାଉଥିବା ଗୁପ୍ତା ଘରୋଇ ବସ ସର୍ଗୀଗୁଡା ଛକରେ ବଡାଶନା ଗ୍ରାମ ପାର୍ଶ୍ୱରୁ ସନପତି ରାସ୍ତା ପାର କରୁଥିବା ବେଳେ ତାଙ୍କ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କ ଏକ ଅଟୋରେ କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ହିତାଧିକାରୀଙ୍କୁ କାର୍ଯ୍ୟାଦେଶ,କାର୍ଡ ବଣ୍ଟନ



କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ କାର୍ଡ ଦିଆଯାଉଛି।

କୁନ୍ଦୁରା,୧୮।୬(ସନ୍ତୋଷ ପ୍ରହରାଜ)

**ବିକାଶ ବାହନକୁ ସ୍ୱାଗତ**

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଡ଼ଙ୍ଗର ପାଉଁସି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ରଥକୁ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଥିଲା। ଯୋଗାଣ ବିଭାଗ ପକ୍ଷରୁ ନୂତନ ଭାବେ ହିତାଧିକାରୀଙ୍କୁ ଖାଉଟି କାର୍ଡ ଓ ଜଣେ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୨ଜଣ ହିତାଧିକାରୀଙ୍କୁ ନୂତନ ଭାବେ ପେନ୍‌ସନ୍ ପ୍ରଦାନ କରାଯାଇଛି। ଜୟପୁର ଶ୍ରମ ବିଭାଗ ପକ୍ଷରୁ ୩ଜଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ଦିଆଯାଇଛି। ନିର୍ବାଚନ ପୂର୍ବରୁ ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ ବର୍ଷେ ଭିତରେ ୧୦ଟି ପ୍ରତିଶ୍ରୁତି କାର୍ଯ୍ୟରେ କରି ଦେଖେଇଥିବା ନେଇ ପ୍ରତି ପଞ୍ଚାୟତକୁ ବିକାଶ ବାହନ ପରିଭ୍ରମଣ କରି ଲୋକଙ୍କୁ ସଚେତନ କରିବା ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ବିଡିଓଙ୍କ ସହ ଆଲୋଚନା କରି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବେ ବୋଲି ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ ଓ ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର କହିଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ ବୋଲି ପ୍ରତିନିଧିମାନେ କହିଥିଲେ। ସରପଞ୍ଚ ଘାସି ଭତ୍ରା,ଗ୍ରାମ ପଞ୍ଚାୟତ ଅଧିକାରୀ, ଫରେଷ୍ଟର, ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରମ ଅଧିକାରୀ, ସମସ୍ତ ଅଙ୍ଗନୱାଡ଼ି, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ସିଆରପି ଓ ଏମ୍‌ବିକେ ଉପସ୍ଥିତ ଥିଲେ।

## ଏନ୍‌କେଟି ରୋଡ୍ ସମ୍ପ୍ରସାରଣ ପ୍ରସଙ୍ଗ
## ଉପଜିଲାପାଳଙ୍କୁ ଭେଟି କ୍ଷତିପୂରଣ ଦାବି

ଜୟପୁର,୧୮।୬(ପବନ ପାଣିଗ୍ରାହୀ)– ଜୟପୁର ଏନ୍‌କେଟି ରୋଡ୍ ସମ୍ପ୍ରସାରଣକୁ ନେଇ ପ୍ରଶାସନ ପକ୍ଷରୁ ମାପଚୁପ ସରିବା ପରେ ସାହିବାସିନ୍ଦା ଉପଜିଲାପାଳ ଏ.ଶସ୍ୟା ରେଡ୍ଡୀଙ୍କୁ ଭେଟି ଉଚ୍ଛେଦ ପ୍ରକ୍ରିୟାକୁ ରୋକିବାକୁ ଦାବି କରିଛନ୍ତି। ବିନା ନୋଟିସରେ ସେମାନଙ୍କ ଘର ଭାଙ୍ଗିବାକୁ ଚିହ୍ନଟ କରାଯାଇଛି। ଏ ନେଇ ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କୁ ଜଣାଇଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସାହି ବାସିନ୍ଦାଙ୍କ ପାଖରେ ସରକାରୀ ପଟ୍ଟା ମଧ ରହିଛି। ପ୍ରଶାସନ ପକ୍ଷରୁ ରାସ୍ତା ମଝିରୁ ଉଭୟ ପଟେ ୧୫ ଫୁଟ ଲେଖାଏ ମାପଚୁପ କରିବା ବଦଳରେ ସେମାନେ ରାଜାଘର କାନ୍ଥକୁ ଧରି ୩୦ ଫୁଟ କରାଯିବାରୁ ଅନେକଙ୍କ ଘର ଭାଙ୍ଗିଯିବା ସମ୍ଭାବନା ରହିଛି। ଏନେଇ ଜୁନ୍ ୨ରେ ଉପଜିଲାପାଳ ରେଡ୍ଡୀଙ୍କୁ ଅବଗତ କରାଯାଇଥିଲା। ପଟ୍ଟାଧାରୀଙ୍କୁ ଘର ଦିଆଯିବ ଓ ଷ୍ଟଲ ଥିବା ଲୋକଙ୍କୁ ଷ୍ଟଲ ପ୍ରଦାନ କରାଯିବ ବୋଲି ଉପଜିଲାପାଳ କହିଥିଲେ। କିନ୍ତୁ ବର୍ତ୍ତମାନ ମନା କରୁଥିବାରୁ ସାହି ବାସିନ୍ଦା ଚିନ୍ତାରେ ରହିଛନ୍ତି। ବର୍ଷାଦିନ ଆସୁଥିବାରୁ ପ୍ରଶାସନ ଘର ଭାଙ୍ଗି ଦେଲେ ଲୋକେ ରହିବାରେ ବାଧା ହୋଇପାରେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ଭରତ ବେହେରା, କେ.ଶ୍ରୀକାନ୍ତ, ରାଜେଶ ବେହେରା, ତିଳୋତମା ବେହେରା, ସୁନୀଲ କୁମାର ବେହେରା ଓ କାର୍ତ୍ତିକ ବେହେରା ଓ ଅନ୍ୟ ସାହିବାସିନ୍ଦା ଉପସ୍ଥିତ ଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି ବୈଠକ

କୋରାପୁଟ,୧୮।୬(ଅମିତାଭ ବେହେରା)

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ପୌରପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବର୍ଷା ଋତୁକୁ ଦୃଷ୍ଟିରେ ରଖି ପୌର ପ୍ରଶାସନ ଏହାର ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବା ନେଇ ଆଲୋଚନା ହୋଇଥିଲା। ବର୍ଷା ପୂର୍ବରୁ ସହରର ବିଭିନ୍ନ ୱାର୍ଡରେ ନାଳ ସଫା ଏବଂ ଖୋଲା ନାଳ ଉପରେ ସିମେଣ୍ଟ ପ୍ଲେଟ ପକାଇବା। ସହରର ତଳିଆ ବସ୍ତି ଅଞ୍ଚଳ ଲୋକଙ୍କୁ ବିଭିନ୍ନ କଲ୍ୟାଣ ମଣ୍ଡପରେ ଆଣି ରଖିବା, ଗଛ ପଡିବା ଓ ବିଦ୍ୟୁତ ବିଭ୍ରାଟକୁ ତୁରନ୍ତ ସଜାଡ଼ିବା ନେଇ ଅଗ୍ନିଶମ ବିଭାଗ ଏବଂ ବିଦ୍ୟୁତ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ନିର୍ବାହୀ ଅଧିକାରୀ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଇଥିଲେ। ସହରରେ ଥିବା ଅଚଳ ନଳକୂପକୁ ସଜାଡ଼ିବା, ପାନୀୟ ଜଳକୁ ଶୁଦ୍ଧ ରଖିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଥିଲା। ଦୁର୍ବିପାକ ସମୟରେ ତଳିଆ ଅଞ୍ଚଳବାସୀଙ୍କ ଘରେ ପାଣି ପଶିଲେ ସେମାନଙ୍କୁ ଉଦ୍ଧାର କରିବା, ଘର ଭାଙ୍ଗିଥିବା ବ୍ୟକ୍ତିଙ୍କୁ ପଲିଥିନ ଯୋଗାଇବା ଓ ଜରୁରୀକାଳୀନ ସହାୟତା ପ୍ରଦାନ କରିବା ନେଇ କର୍ମଚାରୀମାନଙ୍କୁ ବୁଝାଇଥିଲେ। କମ୍ୟୁନିଟି ଅଧିକାରୀମାନେ ସେମାନଙ୍କ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସଚେତନ କରି ବିପର୍ଯ୍ୟୟ ବେଳେ ତୁରନ୍ତ ସୂଚନା ଦେବାକୁ ପରାମର୍ଶ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, ଯନ୍ତ୍ରୀ ନର୍ମଦା ସାହୁ, ମୁଖ୍ୟ କିରାଣୀ ନାଗେଶ୍ୱର ରାଓ, ଅଶୋକ କୁମାର ସାହା, ସିମାଞ୍ଚଳ ପଡ଼ିଆରୀ ଓ ଆରତି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ପୌର ଅଧିକାରୀ ଓ ଅନ୍ୟମାନେ।

## ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଦ୍ୱାରସ୍ଥ ହେଲେ ପ୍ରଧାନଶିକ୍ଷକ

ସୁନାବେଡ଼ା/ସେମିଳିଗୁଡା, ୧୮।୬ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଚିକାପାର ସେବାଶ୍ରମ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଜେନା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବିରୋଧରେ ଜିଲା ଦୁର୍ନୀତି ନିବାରଣ ବିଭାଗରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହରପ୍ରସାଦ ଦାସ ଦୀର୍ଘ ଦିନ ହେବ ଚିକାପାର ସେବାଶ୍ରମର ମେସ୍ ବାବଦ ୧ ଲକ୍ଷ ୩୬ ହଜାର ୬୫ ଟଙ୍କା ଦେଇ ନ ଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏ ନେଇ ବାରମ୍ବାର ତାଙ୍କୁ କହିବା ପରେ ଅଧିକାରୀ ଜଣେ ଶିକ୍ଷୟତ୍ରୀଙ୍କ ଦ୍ୱାରା ୧୦ ହଜାର ଟଙ୍କା ଦେଲେ ଯାଇ ମେସ୍ ଟଙ୍କା ମିଳିବ ବୋଲି ଖବର ଦେଇଥିବା ଅଭିଯୋଗ ଆଣିଛନ୍ତି। ଏହା ବ୍ୟତୀତ ଜାନୁୟାରୀରେ ନେଇଥିବା ୨୫ ଦିନର ଛୁଟିକୁ ଜିଲା ମଙ୍ଗଳ ଅଧିକାରୀ ଦାସ ମଞ୍ଜୁର କରୁନଥିବାରୁ ତାଙ୍କୁ ପେନସନ୍ ମଧ ମିଳୁ ନ ଥିବା ରମେଶ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଚଳିତବର୍ଷ ଜାନୁୟାରୀ ୩୧ରେ ରମେଶ ଅବସର ନେଇଥିଲେ। ଏ ସମ୍ପର୍କରେ ସେମିଳିଗୁଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲ୍ୟୁଇଓ) ଦାସଙ୍କ ମୋବାଇଲ ନଂ ୭୫୦୪୧୯୦୯୬୮ରେ ବାରମ୍ବାର ଫୋନ କରିଥିଲେ ସୁଦ୍ଧା ସେ କଲ୍ ଗ୍ରହଣ କରିନଥିଲେ। ଅପରପକ୍ଷେ ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ) ସୁନୀଲ ତାଣ୍ଡିଙ୍କୁ ପଚାରିବାରୁ ସେ ଲାଞ୍ଚ କଥାକୁ ଖଣ୍ଡନ କରିବା ସହ ରମେଶଙ୍କ କୌଣସି କାଗଜପତ୍ର ମୋ ପାଖକୁ ଆସିନାହିଁ। ସମସ୍ତ କାଗଜ ପହଞ୍ଚିବା ପରେ କ’ଣ ହୋଇଛି ଅବା ନାହିଁ ଦେଖିବେ ବୋଲି କହିଛନ୍ତି। ସମସ୍ୟା ନେଇ କୋରାପୁଟ ଜିଲାପାଳ ଭି.କିର୍ତ୍ତୀଭାସନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ମଧ ଦିଆଯାଇଛି ବୋଲି କହିଛନ୍ତି।

## ପେନ୍‌ସନ ପାଇଁ ସଚିବଙ୍କ ସହାୟତା ଲୋଡ଼ିଲେ ପୂର୍ବତନ ବିଧାୟକଙ୍କ ସ୍ତ୍ରୀ

କୋରାପୁଟ,୧୮।୬ (ଅମିତାଭ ବେହେରା)

କୋରାପୁଟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ପେନସନ ଅଦାଲତରେ କୋଟପାଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ସଦନ ନାୟକଙ୍କ ସ୍ତ୍ରୀ ତିଳୋତ୍ତମା ନାୟକ ପେନସନ ଟଙ୍କା ପାଇବା ପାଇଁ ସଚିବଙ୍କ ସହାୟତା ଲୋଡ଼ିଛନ୍ତି। ପେନସନ ଅଭିଯୋଗ ନିର୍ଦ୍ଦେଶକ ତଥା ସାଧାରଣ ପ୍ରଶାସନର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶଙ୍କ ନିକଟରେ ନିବେଦନ କରିଛନ୍ତି। ସ୍ୱର୍ଗତ ନାୟକ ୧୯୯୦ରୁ ୯୫ରେ ବିଧାୟକ ଥିଲେ। କିଛି ମାସ ଅସୁସ୍ଥ ରହି ଜାନୁଆରୀ ୮ରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ପେନସନ ଟଙ୍କା ପାଇବା ପାଇଁ ସ୍ତ୍ରୀ ତିଳୋତ୍ତମା ବୁଧବାର ଝିଅଙ୍କ ସହ କାର୍ଯ୍ୟକ୍ରମରେ ପହଞ୍ଚି ଗୁହାରି କରିଥିଲେ।



ଝିଅଙ୍କ ସହ ତିଳୋତ୍ତମା ନାୟକ।

## ତ୍ରିପତିଗୁରୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୁନ୍ଦୁରା,୧୮।୬(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ସ୍ୱର୍ଗତ ତ୍ରିପତି ଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ଖେଳ ପଡିଆରେ ତ୍ରିପତି ଗୁରୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା ଅନାମ ଦିଆନ, କୋଟପାଡ଼ ଏନଏସି ଅଧ୍ୟକ୍ଷ ଶଙ୍କର ରାଓ, ମନୋହର ବିଶୋଇ, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା,ବ୍ଲକ କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ,ସମ୍ପାଦକ ଦୈତାରୀ ମଲ୍ଲିକ,ପିସିସି ସଭ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ,ସରପଞ୍ଚ ଶିବ ପ୍ରଧାନୀ,ଲବ ପରଜା,ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପରଜା,ଡା.ଗଣେଶ ପ୍ରସାଦ ଦାସ,ରାଜେଶ ଗୁରୁ ଓ ରାକେଶ ଗୁରୁ ପ୍ରମୁଖ ଯୋଗଦେଇଥିଲେ। ବାରିଆଗୁଡା ଓ ଜୟପୁର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ବାରିଆଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଜୟପୁର ଦଳ ୯ ଓଭର ୩ଟି ବଲରେ ୧୨୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ୧୬ ଦଳକୁ ନେଇ ଆରମ୍ଭ ହୋଇଥିଲା। ଅତିଥି ବିଜୟୀ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୨୦ ହଜାର ଟଙ୍କା,ସିଲ୍ଡ ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି, ବୋଲର, ବ୍ୟଟ୍ସମ୍ୟାନ, କ୍ଷେତ୍ର ରକ୍ଷକଙ୍କୁ ମଧ ପୁରସ୍କୃତ କରାଯାଇଥିଲା। କୁନ୍ଦୁରା କ୍ରିକେଟ ସଂଘର ଆଶୁତୋଷ ପଟ୍ଟନାୟକ,ସବୁଜ ଦାସ,ନବୀନ ବିଷୋୟୀ,ଖେଳ ଶିକ୍ଷକ ଦେବେନ୍ଦ୍ର ସେନାପତି, ରାମସିଂ ହରିଜନ, ବିଶ୍ୱଜିତ ସାହୁ ଧନୁ,ଜଗା,ସୁଭମ,ଜିତୁ ଓ ସିଲୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ବିଜୟୀ ଦଳ।

## କ୍ୟାନ୍‌ସର ପୀଡ଼ିତାଙ୍କ ଚିକିତ୍ସାରେ ଅର୍ଥ ବାଧକ

ନନ୍ଦପୁର,୧୮।୬(ତୁଷାରକାନ୍ତ ମହାନ୍ତି)

**ପଡ଼ିକାର୍ଡ ଅଛି, ମିଳିନି ସ୍ୱାସ୍ଥ୍ୟକାର୍ଡ**

ଯୋଗାଣ ବିଭାଗ ପକ୍ଷରୁ ଗୋଟିଏ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାର ପଡ଼ିକାର୍ଡ ମିଳିଛି। କିନ୍ତୁ ପୂର୍ବ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ(ବିଏସ୍‌କେୱାଇ) କିମ୍ବା କେନ୍ଦ୍ରୀୟ ଆୟୁଷ୍ମାନ କାର୍ଡ ମିଳି ନ ଥିବାରୁ ଜଣେ କ୍ୟାନ୍‌ସର ପୀଡ଼ିତା ନାବାଳିକାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ କୁଲାବୀର ପଞ୍ଚାୟତ ସଦର ମହକୁମାର ବୁଦ୍ଧୁରାମ ଡଙ୍ଗାୟତଙ୍କ ଝିଅ ପ୍ରିୟଙ୍କା(୧୫) କ୍ୟାନ୍‌ସରରେ ପୀଡ଼ିତ ଥିବା ବେଳେ ଉକ୍ତ ଚିକିତ୍ସା ପାଇଁ ପରିବାର ହଇରାଣ ହେଉଛନ୍ତି। ବୁଦ୍ଧୁରାମ ଝିଅର ଚିକିତ୍ସା ପାଇଁ ୨ ଗାଇ, ୨ ମଇଁଷି ଓ ସୁନା ଅଳଙ୍କାର ବିକ୍ରି କରିବା ସହ ଧାରଉଧାର ମଧ କରିଛନ୍ତି। ବର୍ତ୍ତମାନ ପ୍ରିୟଙ୍କାଙ୍କ ଚିକିତ୍ସା ନେଇ ତାଙ୍କ ନିକଟରେ ଅନ୍ୟ କୌଣସି ସମ୍ବଳ ନ ଥିବା ମା’ ବିଜୟଲକ୍ଷ୍ମୀ କହିଛନ୍ତି। ପ୍ରିୟଙ୍କା ବିଶାଖାପାଟଣା ଏଚ୍‌ସିଜି କ୍ୟାନ୍‌ସର ସେଣ୍ଟର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସପ୍ତାହକୁ ପ୍ରାୟ ୧୨ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସ୍ୱାସ୍ଥ୍ୟ କାର୍ଡ ଥିଲେ ଚିକିତ୍ସାରେ ସହାୟକ ହୋଇଥାନ୍ତା ବୋଲି ବୁଦ୍ଧୁରାମ କହିଛନ୍ତି। କିନ୍ତୁ ଏଯାଏ ତାଙ୍କୁ ବିଏସ୍‌କେୱାଇ କିମ୍ବା ଆୟୁଷ୍ମାନ୍ କାର୍ଡ ମିଳିନାହିଁ। ବ୍ଲକ ଜିଲା ଓ ରାଜ୍ୟ ପ୍ରଶାସନ ସେମାନଙ୍କ ଅସୁବିଧା ବୁଝି ଝିଅଙ୍କ ଚିକିତ୍ସାରେ ସହାୟତା ଦେବାକୁ ସେ କହିଛନ୍ତି। ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବାକୁ ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ, ନନ୍ଦପୁର ବ୍ଲକ୍ ଯୋଗାଣ ବିଭାଗ ପକ୍ଷରୁ ବୁଦ୍ଧୁରାମ ଓ ତାଙ୍କ ପରିବାରକୁ ସମସ୍ତ ସଦସ୍ୟଙ୍କ ନାଁ ଥାଇ ୨୦୧୧୧୩୧୧୦୯୪ କ୍ରମାଙ୍କ ବିଶିଷ୍ଟ ପଡିକାର୍ଡ ପ୍ରଦାନ କରାଯାଇଛି। କିନ୍ତୁ କୌଣସି ମଧ ସ୍ୱାସ୍ଥ୍ୟକାର୍ଡ ନ ଥିବାରୁ ପ୍ରିୟଙ୍କାଙ୍କ ବ୍ୟୟବହୁଳ ଚିକିତ୍ସାରେ ସରକାରୀ ସୁବିଧା ପାଇପାରୁ ନାହାନ୍ତି। ବୁଦ୍ଧୁରାମଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ବ୍ଲକ୍ ସାମାଜିକ ସମୀକ୍ଷା ବିଭାଗ ପାଇଁ କୁଲାବୀର ପଞ୍ଚାୟତର ବିଆର୍‌ପି ଭାବେ କାର୍ଯ୍ୟ କରନ୍ତି। ବୁଦ୍ଧୁରାମ ଗାଇ ମଇଁଷି ରଖି କ୍ଷୀର ବିକ୍ରି କରନ୍ତି। ଉଭୟଙ୍କ ରୋଜଗାର ସ୍ୱଳ୍ପ ଥିବା ବେଳେ ଝିଅ ପ୍ରିୟଙ୍କାଙ୍କ ଚିକିତ୍ସା କରାଇବା ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିବା କହିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା, ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକ ଜନସନ ବୁରୁ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଦୁବରାଜ ମୁର୍ମୁ ପ୍ରମୁଖଙ୍କୁ ପଚାରିବାରୁ ରାଶନକାର୍ଡ ଥାଇ ପୁରୁଣା ସ୍ୱାସ୍ଥ୍ୟକାର୍ଡ ନ ମିଳିବା ଘଟଣାର ତଦନ୍ତ କରାଯିବ। ପରିବାରକୁ ନୂତନ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ। ଅଧିକ ସହାୟତା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି।



ମା’ ବାପାଙ୍କ ସହ ପ୍ରିୟଙ୍କା।

# ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟ ସାକାର ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ

## ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ୧୮ ।୬
(ସଦାଶିବ ପ୍ରହରାଜ)


ବୈଠକରେ ଜିଲାପାଳଙ୍କ ସହ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ନବରଙ୍ଗପୁର ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ବୁଧବାର ପୂର୍ବାହ୍ନ ୧୦ଟାରେ ଟେବୁଲ ଟପ୍ ଏକ୍ସର୍‌ସାଇଜ ଏବଂ ମକ୍‌ଡ୍ରିଲ୍ ବୈଠକ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଜିଲାସ୍ତରୀୟ ଏବଂ ଅପରାହ୍ନରେ ଜିଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳସ୍ତରରେ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିଲା । ଗୁରୁବାର ଜିଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବନ୍ୟା, ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷାକରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦାସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷକରି ବଜ୍ରପାତଜନିତ ଦୁର୍ଘଟଣାରୁ ରକ୍ଷାପାଇବା ପାଇଁ ବିଭିନ୍ନ ପଦକ୍ଷେପ, ବିଷାକ୍ତ ସାପ କାମୁଡ଼ାରେ ତ୍ୱରିତ ପଦକ୍ଷେପ, ବନ୍ୟା ସମୟରେ ପୂର୍ବରୁ ଓ ପରେ ବିଭିନ୍ନ ବିଭାଗୀୟ ପଦକ୍ଷେପ, ଅଗ୍ନିଶମ, ପୋଲିସ, ସ୍ୱାସ୍ଥ୍ୟ, ତହସିଲଦାର, ବିଡିଓ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆର୍‌ଡି, ଶିକ୍ଷା ବିଭାଗର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା । ସମସ୍ତ ଅଧିକାରୀ ଦାୟିତ୍ୱବାନ୍ ହେବା ସହ କିଭଳି ଧନଜନକୁ ରକ୍ଷା କରିବାରେ ଉଚିତ ପରିଚାଳନା କରିବେ ଓ କର୍ତ୍ତୃପକ୍ଷଙ୍କୁ ତତ୍କ୍ଷଣାତ ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଯଦୁମଣି ନାୟକ, ସମସ୍ତ ଜିଲା ଅତିରିକ୍ତ କୃଷି ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଉମରକୋଟ ପୌରପାଳିକା ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଜିଲା ଜରୁରିକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜିଲା କ୍ରୀଡ଼ା ଅଧିକାରୀ ସମୀର ପାତ୍ର, ଜିଲା ଜରୁରିକାଳୀନ ବିଭାଗର ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଉପଖଣ୍ଡୀୟ ଆରକ୍ଷୀ ଅଧୀକ୍ଷକ ବିନୋଦ ଲାକ୍ରା, ଅବକାରୀ ଅଧୀକ୍ଷକ ପ୍ରଭାସ କୁମାର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଅଗ୍ନିଶମ ଅଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଏଡିଏମ୍‌ଓ ( ପିଏଚ୍) ଡା. ମଳୟ କୁମାର ତ୍ରିପାଠୀ ଏବଂ ଡା. ନବକିଶୋର ବେହେରା, ସିଏସ୍‌ଓଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସୋସିଆଲ ମିଡ଼ିଆରେ ଖବରଦାତାଙ୍କୁ ସମାଲୋଚନା, ଥାନାରେ ଏତଲା


ଖବରଦାତାମାନେ ଥାନାରେ ଅଭିଯୋଗ କରୁଛନ୍ତି ।

ପାପଡାହାଣ୍ଡି, ୧୮ ।୬(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ସୋସିଆଲ ମିଡ଼ିଆରେ ଖବରଦାତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟକୁ ନେଇ ବୁଧବାର ପାପଡାହାଣ୍ଡି ବ୍ଲକ ସାମ୍ବାଦିକ ସଂଘ ତରଫରୁ ଥାନାରେ ଏତଲା ଦିଆଯାଇଛି । ଏଭଳି ପୋଷ୍ଟ ଯୋଗୁ ଖବରଦାତାମାନଙ୍କ ମାନହାନି ହେବା ସହ ସମାଜରେ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେଉଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

ସୂଚନାଯୋଗ୍ୟ, ମୈଦଲପୁର ଲ୍ୟାମ୍ପସରେ ହେରଫେର ଓ ଅନିୟମିତତା ହେବା ନେଇ ଲ୍ୟାମ୍ପସର ୫ ଜଣ ଡାଇରେକ୍ଟର ଗତ ୧୬ ତାରିଖରେ ଖବରଦାତାଙ୍କୁ କୌଣସି ଲିଖିତ ଭାବେ ନ ଜଣାଇ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଅନୁରୋଧ ରକ୍ଷା କରି ସମସ୍ତ ସାମ୍ବାଦିକ ଖବର ସଂଗ୍ରହ କରିବା ପାଇଁ ଉକ୍ତ ସମ୍ମିଳନୀରେ ଉପସ୍ଥିତ ରହିଥିଲେ । କିଛି ଗଣମଧ୍ୟମ ଉକ୍ତ ଖବର ପ୍ରକାଶ କରିଥିବାବେଳେ ଅନ୍ୟମାନେ ଖବର ପ୍ରକାଶ କରି ନ ଥିବାରୁ ଡାଇରେକ୍ଟର ତଥା ସମ୍ପୃକ୍ତ ବ୍ୟକ୍ତି ମହେଶ୍ୱର ହରିଜନ ସୋସିଆଲ ମିଡ଼ିଆରେ ଖବରଦାତାଙ୍କୁ ଆପତ୍ତିଜନକ ମନ୍ତବ୍ୟ ଦେବା ସହ ସମାଲୋଚନା କରିବା ଓ ଅଶାଳୀନ ମନ୍ତବ୍ୟ ତାଙ୍କ ଫେସବୁକ ପେଜ୍‌ରେ ପୋଷ୍ଟ କରି ଖବରଦାତାଙ୍କୁ ତାଚ୍ଛଲ୍ୟ କରିଥିଲେ । ଏନେଇ ବୁଧବାର ପାପଡାହାଣ୍ଡି ବ୍ଲକ ସାମ୍ବାଦିକ ସଂଘ ସଭାପତି ଏନ ଜନାର୍ଦ୍ଦନ ରାଓଙ୍କ ନେତୃତ୍ୱରେ ପାପଡାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କୁ ଏକ ଲିଖିତ ଏତଲା ଦିଆଯାଇଛି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖବରଦାତା ସ୍ୱପ୍ନଜିତ ପଟ୍ଟନାୟକ , ସୁଜିତ୍ ନାୟକ, ଆକାଶ ବିଷୋୟୀ, କୈଳାସ ଚନ୍ଦ୍ର ବିଷୋୟୀ, ପ୍ରବୀଣ ସତନାମି, ଗୌତମ ଅଗ୍ରୱାଲ, ସନ୍ତୋଷ ସାହୁ, ନିର୍ମଳ ବିଷୋୟୀ, ଅନିଲ ଭତ୍ରା, ସନ୍ତୋଷ ପାଣିଗ୍ରାହୀ, ଏମଡି ଗୁଫରାନ, କିଶୋର ବିଷୋୟୀ, ବିଜୟ ବିଷୋୟୀ,ସୀତାକାନ୍ତ ବିଷୋୟୀ, ରାମ ପ୍ରସାଦ ଦାସ, ସୁଶାନ୍ତ ସାହୁ , ନନ୍ଦ କୁମାର ବିଷୋୟୀ , ରବୀନ୍ଦ୍ର ପାଳ, ଏମଡି ମୁସ୍ତାକ, ଏ ଶ୍ରୀନିବାସ ପ୍ରମୁଖ ଦାବି କରିଛନ୍ତି ।

# ଶ୍ରମିକଙ୍କ ଆତ୍ମହତ୍ୟା ଅଭିଯୋଗ

ନବରଙ୍ଗପୁର, ୧୮ ।୬(ସଦାଶିବ ପ୍ରହରାଜ)

ସ୍ଥାନୀୟ କୃଷକ ବଜାର ଓ ଶିଶୁ ଉଦ୍ୟାନ ପାଚେରୀ କଡ଼ରେ ଥିବା ଏକ ବରଗଛର ଓହଳରେ ଝୁଲି ଜଣେ ଶ୍ରମିକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ ଶ୍ରମିକ ହେଲେ ନବରଙ୍ଗପୁର ବ୍ଲକ ବାସିନୀ ଗାଁର ଡମ୍ବୁ ଗୌଡଙ୍କ ପୁଅ ସମରଥ ଗୌଡ଼(୨୮) । ସମରଥ ଗଜପତି ଜିଲା ପାରଳାଖେମୁଣ୍ଡି କୁଲି କାମ କରିବାକୁ ଯାଇଥିଲେ । ସେଠାରେ ତାଙ୍କର ମାନସିକ ସନ୍ତୁଳନ ଠିକ ନ ରହିବାରୁ ସେଠାରେ କାମରେ ଲଗାଇଥିବା ମାଲିକ ତାଙ୍କୁ ଗାଁକୁ ଯିବାକୁ କହିଥିଲେ । ଫଳରେ ପାରଳାଖେମୁଣ୍ଡିରୁ ସମରଥଙ୍କ ସହିତ ଆଉ ଜଣେ ଶ୍ରମିକ ସାଥିରେ ଆସିଥିଲେ । ହେଲେ ନବରଙ୍ଗପୁର ବସ୍‌ଷ୍ଟାଣ୍ଡ ନିକଟରେ ସମରଥ କିଛି ସମୟ ରହିବା ପରେ କୁଆଡ଼େ ଚାଲିଗଲେ ଆଉ ତାଙ୍କର ପତ୍ତା ମିଳିଲାନି । ବୁଧବାର ସକାଳୁ କୃଷକ ବଜାରର ଏକ ଷ୍ଟଲ କଡ ତଥା ଶିଶୁ ଉଦ୍ୟାନ ପାଚେରୀ କଡ଼ରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ନବରଙ୍ଗପୁର ପୋଲିସକୁ ଜଣାଇଥିଲେ । ସମରଥଙ୍କ ବେକରେ ବରଓହଳ ଲାଗି ରହିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ୧୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଏସ୍‌ଆଇ ଗଣେଶ ପଟ୍ଟନାୟକ ଘଟଣାର ତଦନ୍ତ କରୁଛନ୍ତି ।

# ମଣ୍ଡେଇ ପଡ଼ିଆରେ ଯୁବ ସମାବେଶ


ସମାବେଶରେ ଯୋଗଦେଇଥିବା ଯୁବଗୋଷ୍ଠୀ ।

ନବରଙ୍ଗପୁର, ୧୮ ।୬(ସଦାଶିବ ପ୍ରହରାଜ)

ସ୍ଥାନୀୟ ନୂତନ ମଣ୍ଡେଇ ପଡ଼ିଆଠାରେ ବୁଧବାର ଏକ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିକାଶମେଳା-୨୦୨୫ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ସମଗ୍ର ଶିକ୍ଷା, ନିପୁଣ ଓଡ଼ିଶା ଏବଂ ଦକ୍ଷତା ବିକାଶ ବିଭାଗ ତରଫରୁ ବିଭାଗୀୟ ବିଭିନ୍ନ ଯୋଜନା ବିଷୟରେ ଏକ ତଥ୍ୟଭିତ୍ତିକ ସୂଚନା ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ନନ୍ଦାହାଣ୍ଡି ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁରଜ କୁମାର ପାତ୍ର ନିପୁଣ ଓଡ଼ିଶା ଉପରେ ବିଭିନ୍ନ ସରକାରୀ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ୧୦ଟି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆର୍‌ସିସି, ଶିକ୍ଷୟିତ୍ରୀ, ଶିକ୍ଷକ ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଏକଲବ୍ୟ ବିଦ୍ୟାଳୟ, ମଡେଲ ଡିଗ୍ରୀ ମହାବିଦ୍ୟାଳୟ ଓ ପଲିଟେକ୍ନିକ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ଶିକ୍ଷା ବିଭାଗର ବିଗତ ବର୍ଷର ଉପଲବ୍ଧି ଉପସ୍ଥାପନ କରାଯାଇଥିଲା । ଜିଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଲେଇଙ୍କ ଦ୍ୱାରା ନିୟୋଜନ ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା ।

# ହତ୍ୟା ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର, ୧୮ ।୬
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ଏକ ହତ୍ୟା ଓ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅଭିଯୁକ୍ତ ଅବଦାନ ହରିଜନଙ୍କ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ୧ ବର୍ଷ ଅଧିକ କାରାଦଣ୍ଡ ଭୋଗିବାକୁ ରାୟ ପ୍ରକାଶ କରିଛନ୍ତି । ସେହିପରି ହତ୍ୟା ଉଦ୍ୟମ ଘଟଣାରେ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଓ ଅନାଦେୟ ୫ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ଆଦେଶ ଦେଇଛନ୍ତି । ୧୦ ବର୍ଷ ମଧ୍ୟରେ ସମସ୍ତ କାରାଦଣ୍ଡ ଭୋଗିବାକୁ ଥିବା ବେଳେ ଜରିମାନା ଭିନ୍ନ ଭିନ୍ନ ଭାବେ ଅଭିଯୁକ୍ତଙ୍କୁ ଦେବାକୁ ପଡ଼ିବ ବୋଲି କୁହାଯାଇଛି । ୨୨ ଜଣ ସାକ୍ଷୀ ଓ ୨୨ଟି ଦାସ୍ତାବେଜକୁ ଆଧାର କରି ଜିଲା ଜଜ୍ ସୁବ୍ରତ ମହାନ୍ତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ।

ପବ୍ଲିକ ପ୍ରୋସିକ୍ୟୁଟର ମନୋଜ କୁମାର ଏକ୍କାଙ୍କ ସୂଚନା ଅନୁଯାୟୀ, ୨୦୨୩ ନଭେମ୍ବର ୮ ତାରିଖ ସନ୍ଧ୍ୟାରେ ପାପଡ଼ାହାଣ୍ଡି ଥାନା ଅଧୀନ ବାବାଜିଗୁଡ଼ା ଗାଁର ଅଭିଯୁକ୍ତ ଅବଦାନ ମା’ କନକଦେଈ ହରିଜନଙ୍କୁ ମୋବାଇଲ କିଣିବାକୁ ପଇସା ମାଗିଥିଲେ । ମା’ କନକଦେଈ ମନା କରିବାରୁ ସେ ଆଣିଥିବା ଠେଙ୍ଗାରେ ମା’ ମୁଣ୍ଡକୁ ପଟି ଦେବାରୁ ତାଙ୍କ ମୁଣ୍ଡ ଫାଟିଯିବା ସହ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଜେଜେ ମା’ ଦୁତି ହରିଜନ ଛଡାଇବାକୁ ଚେଷ୍ଟା କରିବାରୁ ସେହି ଠେଙ୍ଗାରେ ବାରମ୍ବାର ପ୍ରହାର କରିବାରୁ ତାଙ୍କର ମୁଣ୍ଡ ଫାଟିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା । ପରେ ଅଭିଯୁକ୍ତ ଅବଦାନ ଠେଙ୍ଗା ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ୨ଆହତଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତିକରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଜେଜେମା’ ଦୁତି ହରିଜନଙ୍କ ମୃତ୍ୟୁ ହୋଇଥିଲା । ଏନେଇ ପାପଡ଼ାହାଣ୍ଡି ପୋଲିସ ୧୯୩/୨୩ରେ ମାମଲା ରୁଜୁ କରି କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ମାମଲାଟି କୋର୍ଟରେ ବିଚାରାଧୀନ ରହିଥିଲା ।

# ବାରିଗୁଡ଼ାରେ ଅବକାରୀ ଧରପଗଡ଼

ପାପଡାହାଣ୍ଡି, ୧୮ ।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧୀନ ବାରିଗୁଡା ଗ୍ରାମରେ ବୁଧବାର ପାପଡାହାଣ୍ଡି ପୋଲିସ ଓ ଅବକାରୀ ବିଭାଗ ମିଳିତ ଚଢାଉ କରି ୧୧୫ ଲିଟର ଦେଶୀ ମଦ ଜବତ କରିବା ସହ ୧୧୫୦ ଲିଟର ମହୁଲ ପୋଚ ଜବତ କରିଛନ୍ତି । ଏଥିରେ ସମ୍ପୃକ୍ତ ଗ୍ରାମର ମହେନ୍ଦ୍ର ବିଶୋଇ, ଭଗବାନ ବିଶୋଇ ଓ ଜଗଦୀଶ ବିଶୋଇଙ୍କ ନାଁରେ ମାମଲା ରୁଜୁ କରାଯାଇଛି ।ମହେନ୍ଦ୍ର ଅଟକ ଥିବା ବେଳେ ୨ ଜଣ ଫେରାର ଅଛନ୍ତି । ଏ ନେଇ ପାପଡାହାଣ୍ଡି ଥାନାରେ ୩ ଟି ମାମଲା ରୁଜୁ କରାଯାଇଛି ।ଏହି ଚଢାଉରେ ଥାନା ଆଇଆଇସି ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

# ଜାତୀୟ କିକ୍ ବକ୍ସିଂରେ ଉବେଦଙ୍କୁ ମିଳିଲା ରୌପ୍ୟ ପଦକ

ଉମରକୋଟ, ୧୮ ।୬ (ସନ୍ତୋଷ ଶତପଥୀ)




ହରିୟାଣାର ରୋହତକ ଏମଡି ବିଶ୍ୱବିଦ୍ୟାଳୟରେ ୬ଷ୍ଠ ଜାତୀୟସ୍ତର କିକ୍ ବକ୍ସିଂ (ମଇଥାଇ) ପ୍ରତିଯୋଗିତାରେ ଉମରକୋଟର ୧୭ ବର୍ଷ ଯୁବକ ମହମ୍ମଦ ଉବେଦ ହିଙ୍ଗୋରା ରୌପ୍ୟ ପଦକ ହାସଲ କରିଛନ୍ତି । ୨୩ ବର୍ଷରୁ କମ୍ ବୟସ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାରେ ଭାରତରୁ ୮୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଏବଂ ଓଡ଼ିଶାରୁ ୧୭ ଜଣ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ଉବେଦଙ୍କ ସହ ୫ ଜଣ ରୌପ୍ୟ ପଦକ ହାସଲ କରଛନ୍ତି । ଉମରକୋଟ ପୌରାଞ୍ଚଳ ଅଧୀନ ସନ୍ତୋଷୀ ନଗରର ମହମ୍ମଦ ଆନିସ ହିଙ୍ଗୋରା ଓ ୟାସମିନ ବାନୋଙ୍କ ପୁଅ ଉବେଦ । ସେ ଉମରକୋଟ ଗୁରୁକୃପା ପବ୍ଲିକ ସ୍କୁଲରେ ଯୁକ୍ତ ଦୁଇ ପାଠ ପଢୁଥିଲେ । ଏହି ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ ଆନ୍ତର୍ଜାତିକ ସ୍ତରର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ପାଇଥାନ୍ତେ ବୋଲି କହିଛନ୍ତି । ତେଣୁ ଆଗାମୀ ଦିନରେ ଆହୁରି ଅଧିକ ପରିଶ୍ରମ କରି ସ୍ୱର୍ଣ୍ଣ ପଦକ ହାସଲ କରି ଆନ୍ତର୍ଜାତିକସ୍ତରରେ ଅଂଶ ଗ୍ରହଣ କରିବା ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି ଉବେଦ । ତେବେ ଉମରକୋଟରେ କିକ୍‌ବକ୍ସିଂରେ କେହି କୋଚ ନ ଥିବାରୁ ସେ ୟୁଟ୍ୟୁବ୍‌ରେ ଶିଖି ଆଜି ଜାତୀୟସ୍ତରରେ ଜଣେ କ୍ରୀଡାବିତ ହେବାରେ ସଫଳ ହୋଇଛନ୍ତି । ଉବେଦଙ୍କୁ ଯଦି ସରକାର କିମ୍ବା ଜିଲା ପ୍ରଶାସନ ସହଯୋଗ କରିଥାନ୍ତେ ତେବେ ସେ ଆହୁରି ଅଧିକ ଉଚ୍ଚ ସ୍ଥାନକୁ ଯାଇ ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଥାନ୍ତେ ବୋଲି ସହରବାସୀ କହିଛନ୍ତି ।

# ବୋରିଗାଁରେ ବିକାଶ ବାହନ ଯାତ୍ରା

ଡାବୁଗାଁ, ୧୮ ।୬ (ପ୍ରଜ୍ଞାରଞ୍ଜନ ପରିଡା)


ବିକାଶ ବାହନକୁ ସ୍ୱାଗତ କରାଯାଉଛି ।

ଡାବୁଗାଁ ବ୍ଲକ୍ ବୋରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ବିକାଶ ବାହନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରକାରଙ୍କ ବିଭିନ୍ନ ବିଭାଗରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ବିଷୟରେ ଲୋକଙ୍କୁ ଏଲଇଡି ମାଧ୍ୟମରେ ଅବଗତ କରାଯାଇଥିଲା । ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ଚାଲିଥିବା ସରକାରଙ୍କ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ । ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା, ସରପଞ୍ଚ ଶୁକ୍ରୁ ଭତ୍ରା, ଭାଜପା ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ପ୍ରତାପ ଚନ୍ଦ୍ର ପଣ୍ଡା, ସତମନ ପୂଜାରୀ, କ୍ଷେମରାଜ ବିଶୋଇ, ସିଡିପିଓ ମିନତୀ ଦାସ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, ଅଙ୍ଗନୱାଡି ସୁପରଭାଇଜର ରୋଜାଲିନୀ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିବ୍ୟଶଙ୍କର ପୂଜାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧକାରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ଏଥିରେ ଜଙ୍ଗଲ ଜମି ଯୋଜନା ଓ ବସୁନ୍ଧରା ଯୋଜନାରେ ୨୦୦ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା ।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରସ୍ତୁତି

ନବରଙ୍ଗପୁର, ୧୮ ।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଆସନ୍ତା ୨୧ ତାରିଖରେ ନୂତନ ମଣ୍ଡେଇ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସ -୨୦୨୫ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା କ୍ରୀଡ଼ା ଅଧିକାରୀ ସମୀର ପାତ୍ରଙ୍କ ସୂଚନା ଅନୁସାରେ ୨୧ ତାରିଖ ସକାଳ ୭ରୁ ୮ ପର୍ଯ୍ୟନ୍ତ ଯୋଗ କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ଜଣ ଭାଗ ନେବେ । ସହରର ସମସ୍ତ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ, ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଇଚ୍ଛୁକ ଜନ ସାଧାରଣ, ଜନ ପ୍ରତିନିଧି ସମସ୍ତେ ଏହି କାର୍ଯ୍ୟକ୍ରମ ରେ ଭାଗ ନେବାକୁ ଅନୁରୋଧ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଛି ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

ଉମରକୋଟ,ଡାବୁଗାଁ ୧୮ ।୬ (ସନ୍ତୋଷ ଶତପଥୀ/ ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଉମରକୋଟ ଏବଂ ଡାବୁଗାଁ ବ୍ଲକ ସଭାଗୃହଠାରେ ବ୍ଲକ୍ ଓ ପୌର ପରିଷଦରର ମିଳିତ ଆନୁକୁଲ୍ୟରେ ଟେବୁଲ ଟପ ଏକ୍ସରସାଇଜ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉମରକୋଟ ବିଡିଓ ମନୋଜ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିପିଓ ପାଣ୍ଡିଆ ପାପୁଲୁଙ୍କ ସଭାପତିତ୍ୱ କରିଥିଲେ । ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ କିଭଳି ପରିସ୍ଥିତିର ମୁକାବିଲା କରାଯିବ, ଗର୍ଭବତୀ ଏବଂ ଶିଶୁଙ୍କୁ କିଭଳି ସୁରକ୍ଷିତ ସ୍ଥାନକୁ ନେଇ ସେମାନଙ୍କର ଯତ୍ନ ନିଆଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ତହସିଲଦାର ମେଘବାନ ବାଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ, ଅଗ୍ନିଶମ ବିଭାଗର ଅଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ, ପୌର ପରିଷଦ ପକ୍ଷରୁ ଡମ୍ବରୁଧର ମାଝୀ ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଓ ଉମରକୋଟ ପୌର ପରିଷଦ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ କୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଡାବୁଗାଁ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ତହସିଲଦାର ଗୀତା ମୁର୍ମୁ, ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଏଲ.ଲୋକନାଥ ରେଡ୍ଡୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପାରାଣୀ ସାମଲ, ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବନପାଳ ଉମାକାନ୍ତ ପଟ୍ଟନାୟକ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କୁମାର କିଶାନ, ଥାନା ସବଇନିସ୍ପେକ୍ଟର ବିକ୍ରମ କିଶୋର ସାହୁ, ଭାରପ୍ରାପ୍ତ ଅଗ୍ନିସମ କେନ୍ଦ୍ର ଅଧିକାରୀ ଲକ୍ଷ୍ମୀଧର ଜାନୀ, ବନରକ୍ଷୀ ଅନିତା କୁମାରୀ ହିଆଲ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜଳଛାୟା ପ୍ରକଳ୍ପର ୨୩ ଲକ୍ଷ ଟଙ୍କା ହଡ଼ପ ଘଟଣା, ପୁଣି ୮ ଗିରଫ

ଉମରକୋଟ, ୧୮ ।୬ (ସନ୍ତୋଷ ଶତପଥୀ)


ଗିରଫ ଅଭିଯୁକ୍ତ ।

ନବରଙ୍ଗପୁର ଜିଲା ଝରିଗାଁ ଜଳଛାୟା ପ୍ରକଳ୍ପର ଉମରକୋଟ ସହରରେ ଥିବା ୟୁନିୟନ ବ୍ୟାଙ୍କ ଶାଖାରୁ ୨୩ ଲକ୍ଷ ଟଙ୍କା ହଡପ ଘଟଣାରେ ପୋଲିସ ବୁଧବାର ଆଉ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୂର୍ବରୁ ପୋଲିସ ମାଷ୍ଟର ମାଇଣ୍ଡ ଶ୍ରୀଧର ବେହେରାଙ୍କ ସହ ୩ଜଣଙ୍କୁ ଗିରଫ କରିଥିଲା । ଫଳରେ ଏବେ ଗିରଫ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି । ବୁଧବାର ଗିରଫ ଅଭିଯୁକ୍ତ ହେଲେ ଝରିଗାଁ ଥାନା ଅନ୍ତର୍ଗତ ମହଣ୍ଡି ଗ୍ରାମର ରାମଧର ଭତ୍ରା, କର୍ମରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ର ଗଣ୍ଡ, ଚିକିଲି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜାନୀ, ଚିକିଲି ଗ୍ରାମର ନନ୍ଦ ଜାନୀ, କଲେଗାଁ ଗ୍ରାମର ଚମରା ପ୍ରଧାନୀ, କଲେଗାଁ ଗ୍ରାମର ତିରୁପତି ମାଝି, ଗୋମିଓଡା ଗ୍ରାମର ଗୋପବନ୍ଧୁ ମାଝୀ ଓ କଲେଗାଁ ଗ୍ରାମର ଆଶାରାମ ଗଣ୍ଡ । ଗିରଫ ସମସ୍ତ ବ୍ୟକ୍ତିଙ୍କ ଘର ଝରିଗାଁ ଥାନାରେ ଆସୁଥିବା ବେଳେ ସମସ୍ତେ ଜଳଛାୟା ପ୍ରକଳ୍ପର ସଦସ୍ୟ ଥିବା ଜଣାପଡ଼ିଛି ।

ଉଲ୍ଲେଖ ଯୋଗ୍ୟ, ଦୀର୍ଘ ବର୍ଷ ଧରି ଝରିଗାଁ ଜଳଛାୟା ପ୍ରକଳ୍ପର ଟଙ୍କା ଉମରକୋଟ ୟୁନିୟନ ବ୍ୟାଙ୍କରେ ଜମା ହୋଇଥିଲା । ଏହାର ଫାଇଦା

## ଗିରଫ ସଂଖ୍ୟା ୧୧କୁ ବୃଦ୍ଧି

ନେଇଥିଲେ ଶ୍ରୀଧର ବେହେରା । ଶ୍ରୀଧର ଏଥିପୂର୍ବରୁ କଳାହାଣ୍ଡି ଜିଲାରେ ଜଳଛାୟା ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ । ତେଣୁ ସେ ପ୍ରକଳ୍ପରେ ଟଙ୍କା ଜମାଥିବା ଭଲ ଭାବରେ ଅବଗତ ଥିଲେ । ତେଣୁ ମିଛ ଅଧିକାରୀ ସାଜି ବ୍ୟାଙ୍କରୁ ୨୩ ଲକ୍ଷ ଟଙ୍କା ଜାଲିଆତି କରି ହଡପ କରିବାରେ ସଫଳ ହେଇଥିଲେ । ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ ଓ କନଷ୍ଟେବଳ ନରେନ୍ଦ୍ର ନାୟକ ଓ ପୋଲିସ ଫୋର୍ସ ଝରିଗାଁ ଥାନା କର୍ମଚାରୀଙ୍କ ସହାୟତାରେ ମଙ୍ଗଳବାର ବିଳମ୍ବିତ ରାତି ରେ ଏହି ସବୁ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି ।

## ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଶିଶୁ ରୋଗ ବିଶେଷଜ୍ଞ ନିଯୁକ୍ତ

ଗୁଣପୁର,( ପ୍ରଦୀପ କୁମାର ପାଢ଼ୀ): ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣେ ଶିଶୁ ରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି । ମଙ୍ଗଳବାର ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଡା. ଶାନ୍ତନୁ କୁମାର ରାଉତଙ୍କୁ ଗୁଣପୁର ଶିଶୁ ରୋଗ ବିଶେଷଜ୍ଞ ଭାବେ ନିଯୁକ୍ତି ମିଳିଛି । ଦୀର୍ଘ ବର୍ଷ ହେବ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଜନ୍ମଜାତ ସହ ଶିଶୁ ରୋଗୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ଅଭିଭାବକମାନେ ବାହାରକୁ ଚିକିତ୍ସା ପାଇଁ ଯାଇ ଅନେକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା ।

# ଖଣିଜ ପଦାର୍ଥର ସଦ୍ ବିନିଯୋଗ ହେଲେ ରାୟଗଡ଼ା ଜିଲାର ବିକାଶ ହେବ

## ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଉପରେ କର୍ମଶାଳା

ରାୟଗଡ଼ା,୧୮।୬(ଆଶିଷ ରଞ୍ଜନ ପଣ୍ଡା)



କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ପାରୁଲ ପଟୱାରିଙ୍କ ସହ ଅନ୍ୟ ଅତିଥିମାନେ ।

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଉପରେ ଦିନିକିଆ କର୍ମଶାଳା ବୁଧବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରାୟଗଡ଼ା ଜିଲାର ବିକାଶ ହେଲେ ଓଡ଼ିଶାର ବିକାଶ ହେବ ଏବଂ ଓଡ଼ିଶାର ବିକାଶ ହେଲେ ଯାଇ ବିକଶିତ ଭାରତର ସ୍ୱପ୍ନ ସାକାର ହେବ ବୋଲି ମାଛ ପ୍ରକାଶ କରିଛନ୍ତି । ରାୟଗଡ଼ା ଖଣି ଖାଦାନ ଓ ଶିଳ୍ପ ସମୃଦ୍ଧ ଜିଲା । ଏହାର ସଦ୍ ବିନିଯୋଗ କଲେ ରାୟଗଡ଼ା ଜିଲା ଅନ୍ୟ ଜିଲାଠାରୁ ଦ୍ରୁତ ବିକାଶ ହେବ । ଏଥିପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ । ଏଥିସହ ରାୟଗଡ଼ ଜିଲା ଏକ ଆଦିବାସୀ ବହୁଳ ଜିଲା ହୋଇଥିବାରୁ ସେମାନଙ୍କ ବିକାଶ ପାଇଁ ଆନ୍ତରିକତା ସହିତ କାମ କଲେ ନିଶ୍ଚିତ ଭାବେ ଏହି ଜିଲା ବିକଶିତ ହେବ ବୋଲି ଜିଲାପାଳ ପାରୁଲ କହିଛନ୍ତି । ଜିଲାରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବେଶି । ପିଲାଙ୍କ ଭବିଷ୍ୟତ ଗଠନ କରିବାରେ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ ।

ଆଲୋଚନାଚକ୍ରରେ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ଗନ୍ତାୟତ, ମହିଳା ମହାବିଦ୍ୟାଳୟର ଅଧ୍ୟାପକ ରୌମ୍ୟରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଓ ସମ୍ଭାବ୍ୟ ଦିଗ ଉପରେ ଉପସ୍ଥାପନ କରିଥିଲେ । ସେହିପରି ବାଣିଜ୍ୟ କାରବାର ଓ ଶିଳ୍ପ ଉପରେ ଉତ୍କଳ ଆଲୁମିନଲାର ସିଏସ୍‌ଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଉଦ୍ୟୋଗୀ ନରେନ କୁମୁଦନ, ଜେକେ କାଗଜକଳର ସାଧାରଣ ପରିଚାଳକ ସନ୍ଦୀପ ପାଣ୍ଡେ, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିଜୟ କୁମାର ସାହୁ ପ୍ରମୁଖ ଜିଲାର ସମ୍ଭାବ୍ୟ ଭବିଷ୍ୟତ ଉପରେ ମତବ୍ୟକ୍ତ କରିଥିଲେ । ସେହିଭଳି ସାମାଜିକ ଗଣମାଧ୍ୟମ ପ୍ରଭାବୀ, ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀ ଉପରେ ଜିଲା କର୍ମ ନିୟୋଜନ ଅଧିକାରୀ ସ୍ୱର୍ଣ୍ଣଲତା ରାଉତ, କୋରାପୁଟ ଜିଲା ସେମିଳିଗୁଡ଼ା ସଫଳ ଉଦ୍ୟୋଗୀ ସନ୍ତୋଷ କୁମାର ଖେମୁଣ୍ଡୁ, ଗୁଣପୁର ଆକ୍ସିପ୍ରୋର ସଫଳ ଉଦ୍ୟୋଗୀ ଆଦିତ୍ୟ ନାରାୟଣ ମିଶ୍ର ଆଦି ଯୋଗଦାନ କରି ନିଜ ସଫଳତାର କାହାଣୀ ଉପସ୍ଥାପନା କରିଥିଲେ । ଏହି କର୍ମଶାଳାକୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଈଶ୍ୱର ନାୟକ ପରିଚାଳନା କରିଥିଲେ । ଜିଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଏହି କର୍ମଶାଳାରେ ଚାଟିକଣାର ସଫଳ ଉଦ୍ୟଗୀ ନିୟମ ରାଜା ଅଗ୍ର ପ୍ରତ୍ୟୁଷର କମ୍ପାନୀ, କେଜେପୁରର ବନା ସୁଧୀପ କୁମାର ଚିରାୟୁ, ବିକ୍ରପୁର ଗୁଣପୁର ଆକ୍ସି ଭେଦା କିମୱାରମା ଉଦ୍ୟୋଗର ସୁରଜିତ ହୋତା, ଶିରିଡି ସାଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ସହ ମହିଳାଙ୍କ ଆପତ୍ତିଜନକ ମର୍ଫଡ ଭିଡିଓ ଭାଇରାଲ

## ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର/ରାୟଗଡା,୧୮।୬
(ସତ୍ୟଜିତ୍ ରାଉତ/ଆଶିଷ ରଞ୍ଜନ ପଣ୍ଡା)


ଅଭିଯୁକ୍ତ କିଶୋର କୌଶଲ୍ୟ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଜଣେ ମହିଳାଙ୍କ ଆପତ୍ତିଜନକ ମର୍ଫଡ ଭିଡିଓ ପ୍ରସ୍ତୁତ କରି ଭାଇରାଲ କରିବା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ବୁଧବାର ରାୟଗଡ଼ାରୁ ଗିରଫ କରିଛି । ସେ ହେଲେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ କେଉଟଗୁଡ଼ ଷ୍ଟେଶନ ସାହିର କିଶୋର କୌଶଲ୍ୟ । ସେ ଟିକିରି ଅଞ୍ଚଳର ଏକ କନ୍‌ଷ୍ଟ୍ରକ୍ସନ କମ୍ପାନୀରେ କାମ କରନ୍ତି । ଅଭିଯୁକ୍ତ କିଶୋରଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ପୀଡ଼ିତା ମହିଳାଙ୍କ ଏଲତାକୁ ଆଧାର କରି ସାଇବର ଥାନା ପକ୍ଷରୁ ମଙ୍ଗଳବାର ଏକ ମାମଲା (ନଂ.୧୮/୨୦୨୫) ରୁଜୁ କରାଯାଇଥିଲା । ଅଭିଯୁକ୍ତ କିଶୋର ଫେସ୍‌ବୁକରେ କୌଶଲ୍ୟ କୁମାର ନାଁରେ ଏକ ପେଜ୍ ଖୋଲିବା ସହ ଇନ୍‌ଷ୍ଟାଗ୍ରାମରେ ଆକାଉଣ୍ଟ କରିଥିଲେ । ସୋସିଆଲ ମିଡିଆରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର ବିଭିନ୍ନ ଭିଡିଓ ପୋଷ୍ଟ କରୁଥିଲେ । ତାଙ୍କର ୨୪ ହଜାର ଫଲୋର୍ସ ଥିବାବେଳେ ଏଥିପାଇଁ ସେ ସୋସିଆଲ ମିଡିଆରୁ ଟଙ୍କା ମଧ୍ୟ ପାଉଥିଲେ । ତେବେ କିଛିଦିନ ତଳେ ପୀଡ଼ିତା ମହିଳା ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ଏଆଇ ଦ୍ୱାରା ମର୍ଫଡ ଭିଡିଓ ପ୍ରସ୍ତୁତ କରି ଫେସବୁକ୍ ପେଜରେ ଛାଡ଼ିଥିଲେ । ଏହାଦ୍ୱାରା ପୀଡ଼ିତା ମହିଳା ଓ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନହାନୀ ହୋଇଥିବା ଅଭିଯୋଗ ହୋଇଥିଲା । କ୍ରାଇମ୍‌ବ୍ରାଞ୍ଚ ମେଟା ପ୍ଲାଟଫର୍ମକୁ ରିପୋର୍ଟ ମାଗିବା ପରେ କିଶୋର ହିଁ ଏସବୁ କରିଥିବା ଜଣାପଡ଼ିଥିଲା । ତେବେ ଏଭଳି ଭିଡିଓ ସୋସିଆଲ ମିଡିଆରେ ଛାଡୁଥିବା ବ୍ୟକ୍ତିଙ୍କୁ କ୍ରାଇମ୍‌ବ୍ରାଞ୍ଚ ସତର୍କ କରିବା ସହ ଏନେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛି ।

## ଝିଅଘରକୁ ଯାଇ ଫେରିବାବେଳେ ଦୁର୍ଘଟଣା, ବାପା ମୃତ

କଲ୍ୟାଣସିଂପୁର, ୧୮।୬ (ଦୀପକ କୁମାର ପରିଡ଼ା):ଝିଅର ଶାଶୁଘରକୁ ଯାଇ ଫେରିବା ସମୟରେ ବାଇକ୍ ଦୁର୍ଘଟଣାରେ ଜଣେ ବାପାଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କାଶୀପୁର ବ୍ଲକ କଲ୍ୟାଣସିହପୁର ସୀମାନ୍ତ ମାଣ୍ଡିବିସି ପଞ୍ଚାୟତରର ଭିତରଚରା ଗାଁରେ । ମୃତକ ହେଲେ ଭିତରଚରା ଗ୍ରାମର ରାମ ମାଝି (୬୩) । ସୂଚନା ମୁତାବକ, ରାମ ମାଝି ମଙ୍ଗଳବାର ତାଙ୍କ ଝିଅର ଶାଶୁଘର ବର୍ତ୍ତିବାଲି ଯାଇ ଫେରିବା ସମୟରେ ପଛପଟୁ ଏକ ବାଇକ୍ ଧକ୍କାଦେଇଥିଲା । ଖବରପାଇ ପରିବାର ଲୋକେ ତାଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ବାଟରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା । ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।

## ଜଙ୍ଗଲ ଜମିରେ ଲାଲ ପତାକା ପୋତିଲେ ଆଦିବାସୀ

କୋଲନାରା, ୧୮।୬ (ମାନସ ରଞ୍ଜନ ମିଶ୍ର)


ଜମିରେ ଆଦିବାସୀ ଲାଲ ପତାକା ମାରୁଛନ୍ତି ।

ରାୟଗଡ଼ା ଜିଲାର କୋଲନରା ବ୍ଲକ ଅନ୍ତର୍ଗତ ଜରେଡି ପଞ୍ଚାୟତ ତଳ ସିକାବାଡି ଗାଁରେ ପୂର୍ବ କାଳରୁ ଆଦିବାସୀଙ୍କ ଦଖଲରେ ଥିବା ଜମି ଉପରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଲାଲ ପତାକା ପୋତାଯାଇଛି । ସରକାର ବର୍ଷ ବର୍ଷ ଧରି ଆଦିବାସୀଙ୍କୁ ଅବହେଳା କରିଆସୁଥିବାରୁ ଆଦିବାସୀ ନିଜ ଜମି ଅକ୍ତିଆରକୁ ନେଇଥିବା କହିଛନ୍ତି । ଆଦିବାସୀ ଅଞ୍ଚଳରେ ସରକାର କର୍ପୋରେଟମାନଙ୍କୁ ଜମି ଦେଉଥିବା ବେଳେ ଆଦିବାସୀଙ୍କୁ ଅଣଦେଖା କରୁଛନ୍ତି । ସରକାର ଓ ପ୍ରଶାସନ ପକ୍ଷରୁ ଆଦିବାସୀଙ୍କ ଅଧିକାର ପାଇଁ ଦୃଷ୍ଟି ଦେବାକୁ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ସର୍ବ ଭାରତୀୟ ନେତା ତ୍ରିପତି ଗମାଙ୍ଗ ଓ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ନିଶିକା, ୱାର୍ଡ ମେମ୍ବର କ୍ରିଷ୍ଟା ପଦକା ଦାବି କରିଛନ୍ତି ।

ସୂଚନାଯୋଗ୍ୟ, କୋଲନରା ବ୍ଲକ ଅନ୍ତର୍ଗତ ତଳ ସିକାବାଡି ଏକ ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ ଘେରା ଅଞ୍ଚଳ । ଉକ୍ତ ଗାଁର ଦୁଇ ପାର୍ଶ୍ୱରେ ପାହାଡ଼ ରହିଛି ଓ ମଝିରେ ଥିବା ସମତଳ ଅଞ୍ଚଳରେ ୮୦ ଆଦିବାସୀ ପରିବାର ବସବାସ କରି ଆସୁଛନ୍ତି । ସମ୍ବିଧାନର ୫ମ ଅନୁଚ୍ଛେଦ ଅନୁଯାୟୀ, ଗାଁର ଆଦିବାସୀମାନେ ଜଙ୍ଗଲ ଜମି ପାଇବାର ଅଧିକାର ଅଛି । କିନ୍ତୁ ଆଦିବାସୀଙ୍କୁ ସରକାର ଠକି ଦେଇଛନ୍ତି । ଏ ଗୋଟିଏ ଗାଁ ନୁହେଁ, ରାୟଗଡ଼ା ଜିଲାର ପ୍ରତ୍ୟେକ ଆଦିବାସୀ ଗାଁରେ ଏଭଳି ଅବସ୍ଥା । ତେଣୁ ଆଦିବାସୀ ଅଞ୍ଚଳରେ କୁମୁଟି, ଶୁଣ୍ଡି, ସୁନାରି, କ୍ୟାମ୍ପ,ବ୍ରାହ୍ମଣ ଓ ଅନାନ୍ୟ ଅଣଆଦିବାସୀଙ୍କ ଜମି ଥିଲେ ପଟା ରଦ୍ଦ କରିବା ପାଇଁ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ଦାବି କରିଛି । ଗତ ୬ତାରିଖରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା କୋଲନରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୨୧ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।

## ମାଙ୍କଡ଼ ଆକ୍ରମଣରେ ନାବାଳକ ଆହତ

ଗୁଣପୁର,୧୮।୬( ପ୍ରଦୀପ କୁମାର ପାଢ଼ୀ)– ମାଙ୍କଡ଼ ଆକ୍ରମଣରେ ରାୟଗଡା ଜିଲା ଗୁଣପୁର ବ୍ଲକ ଜଲତାର ପଞ୍ଚାୟତର ଜଣେ ନାବାଳକ ଆହତ ହୋଇଥିବା ଅଭିଯୋଗ ହୋଇଛି । ଆହତ ନାବାଳକ ହେଲେ ଜଲତାର କୁଡିଆ ଗାଁର ଅମିୟ ଶବର(୧୧) । ସ୍କୁଲ ଛୁଟି ଥିବା ଯୋଗୁ ଅମିୟ କିଛି ଦିନ ପାଇଁ ଜଲତାର କଲୋନୀକୁ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । କଲୋନୀ ସାହିର ପଦ୍ମ ଚରଣ ଶବର କିଛି ଦିନ ହେବ ମାଙ୍କଡ଼ ଆଣି ଘରେ ରଖିଛନ୍ତି । ଉକ୍ତ ମାଙ୍କଡ଼ ସାହିର ଶିଶୁଙ୍କୁ ଦେଖିଲେ ଆକ୍ରମଣ କରୁଥିବା ନେଇ ଅଭିଯୋଗ ହୋଇଛି ।

## ବିଷ ପିଇ ମହିଳା ଗୁରୁତର

ପଦ୍ମପୁର,୧୮।୬ (ପ୍ରଶାନ୍ତ କୁମାର କର) ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ନୂଆଗଡ ପଞ୍ଚାୟତର ପାଣ୍ଡରାଗୁଡା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି । ପାରିବାରିକ କଳହକୁ ନେଇ ଶାଶୁ ଓ ବୋହୂଙ୍କ ମଧ୍ୟରେ ଝଗଡ଼ାହେବାରୁ ବୋହୂ ସୁଲମି ଜଗରଙ୍ଗା ବିଷ ପିଇ ଗୁରୁତର ହୋଇଛନ୍ତି । ପରିବାର ଲୋକେ ତାଙ୍କୁ ପଦ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଡାକ୍ତର ଅମ୍ବୁଜରତ୍ନ ମୁଦୁଲି ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ମହିଳାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି । ଶାଶୁ ଓ ବୋହୂଙ୍କ ମଧ୍ୟରେ ସବୁବେଳେ ଅଶାନ୍ତି ଲାଗି ରହିଥିବାରୁ ସେ ମା' ଓ ସ୍ତ୍ରୀଙ୍କୁ ବହୁତ ବୁଝାଉଥିଲେ ମଧ୍ୟ କେହି ମଧ୍ୟ ବୁଝିବା ଭଳି ପରିସ୍ଥିତିରେ ନ ଥିଲେ ବୋଲି ସୁଲମିଙ୍କ ସ୍ୱାମୀ ସୁକାନ୍ତ ଜଗରଙ୍ଗା କହିଛନ୍ତି । ତେବେ ପଦ୍ମପୁର ମେଡିକାଲ ଡାକ୍ତର ଥାନାରେ ଏକ ମେଡିକାଲ ଲିଗାଲ କେସ୍ ଦାୟର କରିଥିବା ବେଳେ ପୋଲିସ ଘଟଣାର ଅନୁସନ୍ଧାନ କରୁଛି ।

## ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା


ଏସ୍‌ଏଚ୍‌ଜି ସଦସ୍ୟ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରୁଛନ୍ତି ।

ରାମନାଗୁଡ଼ା, ୧୮।୬(ସଞ୍ଜୟ ପ୍ରଧାନ)

ରାୟଗଡ଼ା ଜିଲା ରାମନାଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ପାରିଖିତି ପଞ୍ଚାୟତରେ ବୁଧବାର ବିକାଶ ବାହନ ରଥକୁ ସ୍ୱାଗତ କରାଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ଓ ଗ୍ରାମୀଣ ସ୍ତରରେ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବିକାର ବିକାଶ ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା । ଏଥିସହ ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ମିଳିତଭାବେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସଶକ୍ତୀକରଣ ପଞ୍ଚାୟତ ସମିତି ଗଠନରେ ଏହି କାର୍ଯ୍ୟକ୍ରମ ଏକ ଦୂରଦୃଷ୍ଟିସମ୍ପନ୍ନ ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ରୂପେ ସରପଞ୍ଚ ସୂର୍ଯ୍ୟରାଓ କୁମ୍ବିକା, ନାଏବ ସରପଞ୍ଚ ଶକୁନ୍ତଳା ମାଣ୍ଡାଙ୍ଗି, ସମିତି ସଭ୍ୟା ଲକ୍ଷ୍ମୀ କାଡ୍ରାକା, ସହକାରୀ ନିର୍ବାହୀ ଯନ୍ତ୍ରୀ ଏ. ସନ୍ମୁଖା ପାତ୍ର, ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନ ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନରହରି ଦାଶ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଅବଗତ କରିଥିଲେ । ଏଥିସହ ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ସ୍ୱାସ୍ଥ୍ୟ, ଜଙ୍ଗଲ ଓ ପରିବେଶ, ରାଜସ୍ୱ, କୃଷି, ଉଦ୍ୟାନ କୃଷି ଓ ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ ଯୋଗଦେଇ ଜନଜାତିଙ୍କ ନିମନ୍ତେ ଉପଯୋଗୀ ବିଭିନ୍ନ ଯୋଜନା ବାବଦରେ ସୂଚନା ଦେଇଥିଲେ । ଜଙ୍ଗଲ ବିଭାଗ ତରଫରୁ ମା' ପାଇଁ ଗଛଟିଏ ଅଭିଯାନରେ ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବନ ବିଭାଗର ରଞ୍ଜିତା ଗୌଡ଼,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଯନ୍ତ୍ରୀ ସୁମିତ୍ରା ଦାସ, ଆୟୁଷ ଡାକ୍ତର ପ୍ରଭାତ କୁମାର ଦାଶ, ସ୍ୱାସ୍ଥ୍ୟ ନିରୀକ୍ଷକ ହରିହର ହାଲୁଆ,ରାଜସ୍ୱ ବିଭାଗ,ମହିଳା ଶିଶୁ ବିକାଶ ବିଭାଗର ମଣ୍ଡଳ ପରିଦର୍ଶିକା ବିଜୟଲକ୍ଷ୍ମୀ ପିର୍ବାକାଙ୍କ ସମେତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଜିତ କୁମାର ଚୌଧୁରୀ, ଗ୍ରାମ୍ୟ ରୋଜଗାର ସେବକ ସଂଗ୍ରାମ ବ୍ରହ୍ମା, ଯୋଗାଣ ସହାୟକ ଅନିତା ପାତିକା ସହଯୋଗ କରିଥିଲେ । ଅକ୍ଷୟ କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ ।

## ପାଗଳା ଘୁଷୁରି କାମୁଡ଼ାରେ ୩ ବର୍ଷର ଶିଶୁ ଆହତ

ପଦ୍ମପୁର,୧୮।୬ (ପ୍ରଶାନ୍ତ କୁମାର କର) : ଏକ ପାଗଳା ଘୁଷୁରି ଆକ୍ରମଣରେ ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଗୁଲୁଗୁଡା ପଞ୍ଚାୟତର ତବଲାଗୁଡା ଗ୍ରାମର ଜଣେ ୩ ବର୍ଷର ଶିଶୁ ଗୁରୁତର ଆହତ ହୋଇଛନ୍ତି । ତବଲାଗୁଡା ଗ୍ରାମର ମୁନା କରାଡଙ୍କ ପୁଅ ଜେମ୍‌ସ କରାଡ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଏକ ପାଗଳା ଘୁଷୁରି ତାକୁ ଆକ୍ରମଣ କରିଥିଲା । ଶିଶୁଟି ତଳେ ପଡ଼ିଯିବା ପରେ ଘୁଷୁରି ଶିଶୁର କାନକୁ କାମୁଡି ଛିଣ୍ଡାଇ ଦେଇଥିଲା । ପିଲାର ଚିତ୍କାର ଶୁଣି ଲୋକମାନେ ଆସି ତାକୁ ଉଦ୍ଧାରକରି ପଦ୍ମପୁର ମେଡିକାଲରେ ଭର୍ତ୍ତିକରିଛନ୍ତି । ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି । ତେବେ ଗୋଟେ ଘୁଷୁରି ପାଗଳହୋଇ ସମସ୍ତଙ୍କୁ ଆକ୍ରମଣ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି ।

## ଗୁଡ଼ାରି ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆବେଦନ

### ଗୁଣପୁର ଉପଜିଲାପାଳଙ୍କୁ ଭେଟିଲେ ଜନ ପ୍ରତିନିଧି

ଗୁଣପୁର, ୧୮।୬( ପ୍ରଦୀପ କୁମାର ପାଢ଼ୀ )


ଅନାସ୍ଥା ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଜନ ପ୍ରତିନିଧି ।

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି । ବ୍ଲକର ଉପାଧ୍ୟକ୍ଷ ବିଶ୍ୱନାଥ ଶବରଙ୍କ ନେତୃତ୍ୱରେ ବୁଧବାର ବହୁ ଅସନ୍ତୋଷ ଜନପ୍ରତିନିଧି ଗୁଣପୁର ଉପ ଜିଲାପାଳ କିରନଦୀପ କୌର ସହୋତାଙ୍କୁ ଭେଟି ଅନାସ୍ଥା ଆବେଦନ କରିଛନ୍ତି । ନିକଟରେ ବିଜେଡି ଛାଡି କଂଗ୍ରେସରେ ମିଶିଥିବା ଗୁଡାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ପାଇଁ ଏବେ ଏହା ମୁଣ୍ଡ ବ୍ୟଥାର କାରଣ ହୋଇଛି ।

ସାଧାରଣ ନିର୍ବାଚନ ପରେ ଗତ ନଭେମ୍ବରରେ ପ୍ରଥମ କରି ଏହି ଅନାସ୍ଥା ଆବେଦନ କରାଯାଇଥିବା ବେଳେ କୌଣସି କାରଣ ପାଇଁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ଏବେ ପୁଣି ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶବରଙ୍କ ନେତୃତ୍ୱରେ ପ୍ରାୟ ୧୫ ଜଣ ଜନ ପ୍ରତିନିଧିଙ୍କ ଦସ୍ତଖତ ସମ୍ବଳିତ ଏହି ଆବେଦନପତ୍ର ଉପଜିଲାପାଳଙ୍କୁ ଦିଆଯାଇଥିବା ଜଣାପଡିଛି । ହେଲେ ନୂଆକରି କଂଗ୍ରେସରେ ସାମିଲ ପରେ ଏଭଳି ଅନାସ୍ଥା ଆବେଦନ ହୋଇଥିବାରୁ ଏହା ଏବେ ଗୁଡ଼ାରି ରାଜନୀତି ପାଣିପାଗକୁ ଗରମ କରିବା ସହ ବିଧାୟକଙ୍କ ପାଇଁ ଏହା ଏବେ ମର୍ଯ୍ୟାଦାର ପ୍ରଶ୍ନ ହୋଇ ପଡ଼ିଛି । ଏହି ଅନାସ୍ଥା ପଛରେ ବିଜେଡି ଭାଜପା ସମେତ କଂଗ୍ରେସର ଅସନ୍ତୋଷ ଗୋଷ୍ଠୀଙ୍କ ହାତ ରହିଥିବା ଶୁଣିବାକୁ ମିଳୁଛି ।

## ହୋଟେଲରେ ଚଢ଼ାଉ, ୧୭ ହଜାର ଜରିମାନା ଆଦାୟ

ଗୁଣପୁର,୧୮।୬( ପ୍ରଦୀପ କୁମାର ପାଢ଼ୀ)



ହୋଟେଲ କୁ ଯାଞ୍ଚ କରିବାକୁ ଆସିଥିବା ଅଧିକାରୀ

ରାଜ୍ୟରେ ଡାଇରିଆ ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ବ୍ୟାପି ଚାଲିଛି । ସରକାର ସବୁ ଜିଲାକୁ ସଜାଗ ରହିବା ଓ ସତର୍କମୂଳକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ପରେ ରାୟଗଡା ଜିଲା ଖାଦ୍ୟ ନିରାପତ୍ତା ବିଭାଗର ଚେତା ପଶିଛି । ଏହି କ୍ରମରେ ଗୁଣପୁର ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲରେ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀ ପଙ୍କଜିନି ଦେହୁରୀ ମିଳିତ ଭାବେ ଚଢାଉ କରିଥିଲେ । ଖାଦ୍ୟର ମାନ ଯାଞ୍ଚ କରିବା ସହ ଯେଉଁ ହୋଟେଲରେ ବାସି ଖାଦ୍ୟ ଏବଂ ନିମ୍ନମାନର ଖାଦ୍ୟ ଥିଲା ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି । ନୂଆବସ୍‌ଷ୍ଟାଣ୍ଡଠାରେ ଥିବା ବିଭିନ୍ନ ହୋଟେଲରେ ବାସି ଖାଦ୍ୟ ରଖାଯାଉଥିବା ସହ ନିମ୍ନମାନର କଲର ଦିଆ ଖାଦ୍ୟ ରଖାଯାଇଥିବାରୁ ପୌର ପରିଷଦ ନିର୍ବାହୀ ଅଧିକାରୀ ନାୟକ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ଦେହୁରୀ ପୌର କର୍ମଚାରୀଙ୍କ ଦ୍ୱାରା ଉକ୍ତ ଖାଦ୍ୟ ଫୋପାଡ଼ି ଥିଲେ । ଜରିମାନା ବାବଦରେ ୧୭,୩୦୦ ଟଙ୍କା ଆଦାୟ କରାଯାଇଥିଲା । ତେବେ ଚଢ଼ାଉ ସମୟରେ କିଛି ହୋଟେଲ ବନ୍ଦ କରି ଚାଲିଯାଇଥିବାବେଳେ ଆଉ କିଛି ହୋଟେଲରେ ଜରିମାନା ଆଦାୟ କରାଯାଇଥିଲା । ବିଳମ୍ବରେ ହେଲେ ବି ଖାଦ୍ୟ ନିରାପତ୍ତା ବିଭାଗ ତତ୍ପରତା ପ୍ରକାଶ କରିବା ପରେ ସହରବାସୀ ସ୍ୱାଗତ କରିଛନ୍ତି । ତେବେ ଚଢ଼ାଉରେ ବଡ ବଡ ହୋଟେଲଗୁଡ଼ିକ ପ୍ରତି କୌଣସି କାର୍ଯ୍ୟାନୁଷ୍ଠନ ହୋଇ ନ ଥିବାରୁ ବିଭାଗର କାର୍ଯ୍ୟକଳାପକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗକୁ ଏଭଳି ଚଢାଉ ଜାରି ରହିବ ବୋଲି ଖାଦ୍ୟ ନିରାପତ୍ତା ଅଧିକାରୀ ଓ ପୌର ପରିଷଦ ନିର୍ବାହି ଅଧିକାରୀଙ୍କ ପକ୍ଷରୁ ସତର୍କ କରଯୋଇଛି ।

## ବିପର୍ଯ୍ୟୟ ସମୟରେ ଅଧିକାରୀମାନେ ସଜାଗ ରହିବାକୁ ନିର୍ଦ୍ଦେଶ

### ବିପର୍ଯ୍ୟୟ ପ୍ରଶମନ ପାଇଁ ଟେବୁଲ ଟପ୍ ଅଭ୍ୟାସ

ରାୟଗଡ଼ା,୧୮।୬(ଆଶିଷ ରଞ୍ଜନ ପଣ୍ଡା)



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ରାୟଗଡା ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ ଶିବିର ବୁଧବାର ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ପ୍ରକଳ୍ପ ଅଧିକାରୀ ସଙ୍ଗୀତା ଦାଶ ଉପସ୍ଥିତ ରହି ଜିଲାର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଯୋଜନା ବିଷୟରେ ଆଲୋଚନା କରିଥିଲେ । ବନ୍ୟା, ବାତ୍ୟା, ବଜ୍ରପାତ, ସାପ କାମୁଡା, ଅଦିନିଆ ବର୍ଷା, ଭୂସ୍ଖଳନ, ପାଣିରେ ବୁଡ଼ି ମୃତ୍ୟୁବରଣ ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ବିଭାଗର ଭୂମିକା ତଥା ପୂର୍ବ, ପର ଓ ବିପର୍ଯ୍ୟୟ ସମୟରେ ସଜାଗ, ସାବଧାନତା ଓ ବିହିତ ପଦକ୍ଷେପ ବିଷୟରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥାପନ କରିଥିଲେ । ଜିଲା ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହକ, ଓସ୍‌ଡମାର ଜିଲା ପ୍ରକଳ୍ପ ଅଧିକାରୀ ପଦୋଶ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ରାୟଗଡ଼ା ବ୍ଲକ୍‌ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ ଶିବିର ବ୍ଲକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଓସଡମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ସଙ୍ଗୀତା ଦାଶ, ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହକ, ଓସ୍‌ଡମାର ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଶ ରଞ୍ଜନ ଜେନା, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ବିଡିଓ ସୁଜିତ କୁମାର ମିଶ୍ର, ସହକାରୀ ଜିଲାପାଳ ଏନ୍ ରବୀନ୍ଦ୍ର, ସିଡିପିଓ ମିନାକ୍ଷୀ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, ଶିକ୍ଷା ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ସାମାଜିକ ସୁରକ୍ଷା, ପଶୁପାଳନ, ମହିଳା ଓ ଶିଶୁ ବିକାଶ ଆଦି ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଉପସ୍ଥିତ ଥିଲେ । ବିଡିଓ ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ସହ ବ୍ଲକର ବିପର୍ଯ୍ୟୟ ପରିଚାଳନା ଯୋଜନା ଉପସ୍ଥାପନ କରିଥିଲେ । ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ଗୋପାଳ ପଣ୍ଡା ବନ୍ୟା ପ୍ରପୀଡିତ ଅଞ୍ଚଳ ନିମନ୍ତେ ଯୋଜନା, ପୂର୍ବ ପ୍ରସ୍ତୁତି ଓ ଗ୍ରାମ ପଞ୍ଚାୟତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଥାନା ଅଧିକାରୀଙ୍କ ତାଲିକା ଉପସ୍ଥାପନ କରିଥିଲେ । ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩ ଜଣଙ୍କୁ ହତ୍ୟା, ୧୨ଙ୍କୁ ଅପହରଣକଲେ ମାଓବାଦୀ

ମାଲକାନଗିରି,୧୮।୬(ଦୁର୍ଯ୍ୟୋଧନ ପାତ୍ର)–ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ୩ ଗ୍ରାମବାସୀଙ୍କୁ ହତ୍ୟାକରିବା ସହ ୧୨ ଜଣଙ୍କୁ ଅପହରଣ କରି ନେଇଛନ୍ତି। ପେଡ଼ାକୋର୍ମା ଗ୍ରାମରେ ମଙ୍ଗଳବାର କେତେଜଣ ମାଓବାଦୀ ଜଣେ ଛାତ୍ରଙ୍କ ସହ ୩ ଜଣଙ୍କୁ ହତ୍ୟା କରିଛନ୍ତି। ମୃତକମାନେ ହେଲେ ଝିଙ୍କୁ ମୋଡ଼ିୟମ, ସୋମା ମୋଡ଼ିୟମ ଓ ଅନିଲ ମାଡବୀ। ଏହି ୩ ଜଣ ପୂର୍ବରୁ ଆତ୍ମସମର୍ପଣ କରିଥିବା ଜଣେ ମାଓବାଦୀଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ଏଥିସହ ଗ୍ରାମର ୭ ଜଣଙ୍କୁ ନିର୍ଘୃମ୍ ମାଡ଼ ମାରିବା ସହ ଅନ୍ୟ ୧୨ ଜଣଙ୍କୁ ଅପହରଣକରି ନେଇଛନ୍ତି। ଦିନେଶ ମୋଡ଼ିୟମ ନାମକ ଜଣେ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ତାଙ୍କ ସମ୍ପର୍କୀୟଙ୍କୁ ଏହି ମାଓବାଦୀମାନେ ହତ୍ୟା କରିଥିବା ଜଣାପଡ଼ିଛି। ମାଓବାଦୀ ନେତା ଭେଲା ଓ ତାଙ୍କ ଦଳ ଏପରି କାଣ୍ଡ ଘଟାଇଥିବା ଜଣାପଡ଼ିଛି।

# ଦୁଇ ଦିବ୍ୟାଙ୍ଗ ଜାତୀୟ ଜୁଡୋ ଚାମ୍ପିୟନଶିପ୍ ପାଇଁ ମନୋନୀତ

ମାଲକାନଗିରି, ୧୮।୬(ଦୁର୍ଯ୍ୟୋଧନ ପାତ୍ର)

ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଦୁଇ ଦିବ୍ୟାଙ୍ଗ ନାବାଳକ ଜିଲା ପାଇଁ ଗର୍ବ ଓ ଉଦାହରଣ ପାଲଟିଛନ୍ତି। ଚିତ୍ରକୋଣ୍ଡା ବ୍ଲକ ବଡପଦର ପଞ୍ଚାୟତ ସ୍ୱାଭିମାନ ଅଞ୍ଚଳ ଲାମ୍ବାସିଙ୍ଗ ଗ୍ରାମ ନିକଟ ନାୟକଗୁଡା ଇର୍ମାବାକା ବିଦ୍ୟାଳୟର ପୂର୍ବତନ ଦୁଇ ଆଦିବାସୀ ଛାତ୍ର ରୁକୁନାଥ ଶିଶା ଓ ରବିନାଥ ଜିଗିଡି ଆସନ୍ତା ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ କାନପୁରରେ ହେବାକୁ ଥିବା ରାଷ୍ଟ୍ରୀୟ ବଧିର କ୍ରୀଡା ଚାମ୍ପିୟନଶିପ୍ ପାଇଁ ମନୋନୀତ ହୋଇଛନ୍ତି। ସାରା ଓଡିଶାରୁ କେବଳ ୪ ଜଣ ଖେଳାଳୀ ମନୋନୀତ ହୋଇଥିବା ବେଳେ ସେଥିରୁ ୨ ଜଣ ମାଲାକନଗିରି ଜିଲାର ରହିଛନ୍ତି। ଏହି ଦୁଇଜଣ ମାନସିକ ଓ ଶାରୀରିକ ବାଧକ


ଜିଲାପାଳଙ୍କ ନିକଟରେ ଜୁଡୋ ଚାମ୍ପିୟନ୍‌ଶିପ୍ ପାଇଁ ମନୋନୀତ ହୋଇଥିବା ୨ ନାବାଳକ ।

ସହିତ ସଂଘର୍ଷ କରି ଅନନ୍ୟ ପ୍ରତିଭା ଓ ଦୃଢ ସଂକଳ୍ପ ଦ୍ୱାରା ଖେଳ କ୍ଷେତ୍ରରେ ଏକ ନିଆରା ପରିଚୟ ସୃଷ୍ଟି କରିଛନ୍ତି। ମାଲକାନଗିରି ଜିଲାର ଆଓମା ଗୁରକୂଳ ଓ ଜୁଡୋ ଆସୋସିଏଶନର ମିଳିତ ପ୍ରୟାସ, ଜିଲା ପ୍ରଶାସନର ସାହାଯ୍ୟ ଏବଂ ସହଯୋଗ ଦ୍ୱାରା ଏହା ସମ୍ଭବ ହୋଇ ପାରିଛି ବୋଲି ଅନୁଷ୍ଠାନ ମୁଖ୍ୟ ବିନାଶ କୁମାର ମିଶ୍ର କହିଛନ୍ତି। ତେବେ ଏହି ଦୁଇଜଣଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଯାତ୍ରା, ରହଣି, ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଅସମର୍ଥ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସେମାନଙ୍କୁ ଜିଲା ରେଡକ୍ରସ୍ ତରଫରୁ ଆବଶ୍ୟକ ସାହାଯ୍ୟ ସହଯୋଗ କରିଛନ୍ତି। ଏହି ଅବସରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଏପିଡି ଫାଇନାନ୍ସ ମାନସ ମିଶ୍ର, ପୂର୍ବତନ ସହକାରୀ ଜିଲାପାଳ ସସ୍ମିତା ସ୍ୱାଇଁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲା କ୍ରୀଡା ଅଧିକାରୀ ଅଜୟ ମଣ୍ଡଙ୍ଗି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଖେଳାଳୀଙ୍କୁ ପ୍ରଶଂସା କରିଛନ୍ତି।

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ, ଟେବୁଲ ଟପ୍ ଅଭ୍ୟାସ ପ୍ରସ୍ତୁତି ବୈଠକ


ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଆଲୋଚନା କରାଯାଉଛି।

ମାଲକାନଗିରି, ୧୮।୬ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲାରେ ଆସନ୍ତା ୧୯ ତାରିଖ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଏହାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ଏକ ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲା ସବୁ ସମୟରେ ବିପର୍ଯ୍ୟୟର ମୁକାବିଲା କରି ଜନଜୀବନ ସୁରକ୍ଷା ଦେଇ ଆସୁଛି। ବିପର୍ଯ୍ୟୟ କେତେବେଳେ ଆସିବ କେହି କହିପାରିବେ ନାହିଁ। କିନ୍ତୁ ପୂର୍ବ ସୂଚନା ପାଇବା ପରେ ଯଦି ସେଗୁଡିକର ପରିଚାଳନା ଠିକ୍ କରିବା ତେବେ ବିପର୍ଯ୍ୟୟ ମୁକାବିଲା କରିପାରିବା। ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଜିଲାରେ ହେବାକୁ ଥିବା କାର୍ଯ୍ୟ ଖସଡା ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି, ଜିଲା ଜରୁରିକାଳୀନ ଅଧିକାରୀ ପ୍ରଫୁଲ୍ଲ ବେହେରା, ପିଏ ଆଇଟିଡିଏ ହଳଧର ଶବର ଏବଂ ଓସ୍‌ଡମା ରାଜ୍ୟସ୍ତରୀୟ ଅବଜରଭର ଅରୁଣ କୁମାର ପ୍ରଧାନ ମଞ୍ଚାସୀନ ଥିଲେ।

# ଗାଁ ଗାଁରେ ବୁଲିବ ବିକାଶ ବାହନ

## କୋଡ଼ିଏ ପଞ୍ଚାୟତରେ ଯୋଜନା ସଚେତନତା ଅଭିଯାନ

ମାଥିଲି, ୧୮।୬(ସୁବାଷ ଚନ୍ଦ୍ର ଖୁଦୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକର ୨୦ ପଞ୍ଚାୟତରେ ୧୨ ରୁ ୨୧ ଜୁନ୍, ପର୍ଯ୍ୟନ୍ତ ବିକାଶ ଯୋଜନା ଉପରେ ସଚେତନତା ଉଦ୍ଦେଶ୍ୟରେ ବିକାଶ ବାହନ ଯାତ୍ରା ଆୟୋଜିତ ହେଉଛି। ବିଡିଓ ପ୍ରମୋଦ କୁମାର ବେହେରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ବାହନ ବୁଧବାର ଧୁଙ୍ଗିଆପୁଟ ଓ କୁଟୁଣିପାଲି ପଞ୍ଚାୟତର ଗାଁ ଗାଁ ବୁଲି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରୁଛି। ବାହନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଦିଲ୍ଲୀପ କୁମାର ଡାକୁଆ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଯଥା ମୋ ସେବା କେନ୍ଦ୍ର, ସ୍ୱାସ୍ଥ୍ୟ, ଖାଦ୍ୟ, ଶ୍ରମ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଓ କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଧୁଙ୍ଗିଆପୁଟ ସରପଞ୍ଚ ମୁଧୁସୂଦନ ନାୟକ, କୁଟୁଣିପାଲି ସରପଞ୍ଚ ଲଛମା ନାୟକ, ଚେଡେଙ୍ଗା ପଞ୍ଚାୟତ ପୂର୍ବତନ ସରପଞ୍ଚ ନରସିଂହ ନାୟକ, ଏବିଡ଼ିଓ ସରୋଜ ପ୍ରଧାନ, ଏଇ ହୃଦୟ ବାଘ, ଜେଇ ଦଶରଥି ହେମ୍ବ୍ରମ୍, କୁନାଲ ମିଶ୍ର, ସତ୍ୟା ରାଓ, ହଳଧର ପୂଜାରୀ, ଜଳନ୍ଧର ନାୟକ ସମେତ ଅଙ୍ଗନଓାଡ଼ି ଓ ଆଶା କର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥି ଓ ସ୍ଥାନୀୟ ଲୋକେ ।

# ଶିଶୁ ଶ୍ରମିକ ନିରୋଧୀ ସଚେତନତା ଶୋଭାଯାତ୍ରା



ଶିଶୁ ଶ୍ରମିକ ନିରୋଧ ଉପରେ ବାହାରିଥିବା ସଚେତନତା ରାଲି ।

ମାଲକାନଗିରି, ୧୮।୬(ଦୁର୍ଯ୍ୟୋଧନ ପାତ୍ର)

ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ଅବସରରେ ମାଲକାନଗିରି ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ବୁଧବାର ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ସୁଭାଷ ବୋଷ ଛକଠାରୁ ଡିଏନ୍‌କେ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ, ବିନି ମୁଦୁଲି, ପ୍ରିୟଙ୍କା ନାୟକ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁମାନଙ୍କୁ ଶୋଷଣରୁ ରକ୍ଷା କରିବା, ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଏବଂ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସୁଯୋଗ ସୃଷ୍ଟିକରି ଏହାକୁ ତ୍ୱରାନ୍ୱିତ କରିବା ଉପରେ ଏହି ସଚେତନତା ଶୋଭାଯାତ୍ରାରେ ବାର୍ତ୍ତା ଦିଆଯାଇଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ କୌଣସି ଶିଶୁ ଶ୍ରମିକଙ୍କୁ ନିୟୋଜିତ ନ କରିବା ପାଇଁ ସ୍ଲୋଗାନ ଦେବା ସହ ଲିଫ୍‌ଲେଟ୍ ବଣ୍ଟନ କରାଯାଇଛି। ଏହି ଅବସରରେ ସଦର ମହକୁମାର କେତେକ ପ୍ରତିଷ୍ଠାନରେ ଆମେ ଶିଶୁ ଶ୍ରମିକ ନିଯୁକ୍ତ କରୁନାହୁଁ ପୋଷ୍ଟର ଲଗାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଙ୍ଗଳ ସଂଯୋଜକ ଚିନ୍ମୟ ରାଉତରାୟ, ବିଜୟାନନ୍ଦ ପଣ୍ଡା, ରିକୁରଞ୍ଜନ ଅଧିକାରୀ ଓ ସୋନାଲି ରାୟଙ୍କ ସମେତ ପରିବର୍ତ୍ତନ ଏନ୍‌ଜିଓ, ଚାଇଲ୍ଡ ଲାଇନ ସଦସ୍ୟ, ପୋଲିସ କର୍ମଚାରୀ, ସତ୍ୟନାରାୟଣ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ବିକାଶ ମେଳାରେ ଜାତୀୟ ଶିକ୍ଷା ନୀତି ଉପରେ କର୍ମଶାଳା

ମାଲକାନଗିରି, ୧୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଡିଏନ୍‌କେ ଖେଳ ପଡିଆଠାରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ବିକାଶ ମେଳାର ବୁଧବାର ସପ୍ତମ ଦିନରେ ଜାତୀୟ ଶିକ୍ଷା ନୀତି ଉପରେ ୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୫ ବିଷୟରେ ଆଲୋଚନା କରାଯାଇଥିଲା। ଏ ସମ୍ବନ୍ଧରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ନୂତନ ଜାତୀୟ ଶିକ୍ଷାନୀତି ସମ୍ବନ୍ଧରେ ବୁଝାଇଥିଲେ। ସେହିପରି ଚିତ୍ରକୋଣ୍ଡା ଡିଆଇଇଟି ପ୍ରଶିକ୍ଷକ ହେମନ୍ତ କୁମାର ଦଳପତି ନିପୁଣ ଓଡିଶା ସମ୍ବନ୍ଧୀୟ ଆଲୋଚନା ଚକ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ସେନାପତି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଚିତ୍ରକୋଣ୍ଡା ଡିଆଇଇଟି ଅଧ୍ୟକ୍ଷା ମମତା ଝଡିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ବି–୧ ଗ୍ରେଡ୍ ହାସଲ କରିଥିବା ଦୁଇଜଣ ଦିବ୍ୟାଙ୍ଗ ଛାତ୍ରୀ ଦିତିକା ମଣ୍ଡଳ ଓ ଶ୍ରାବଣୀ ଦୋରାଙ୍କୁ ସମ୍ମାନୀତ କରାଯାଇଥିଲା।


କର୍ମଶାଳାରେ ଯୋଗଦେଇଥିବା ଅତିଥି ।

## ବାଲିମେଳା ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ ସୁବାସ ଚନ୍ଦ୍ର ମାଝୀ

କୋରୁକୋଣ୍ଡା, ୧୮।୬(ଶିବଦତ୍ତ ସାହୁ ) କୋରୁକୋଣ୍ଡା ବ୍ଲକ ନୀଳାଦ୍ରୀନଗର ସ୍ଥିତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଉଦ୍ଭିଦ ବିଜ୍ଞାନ ପ୍ରଫେସର ସୁବାସ ଚନ୍ଦ୍ର ମାଝୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ମାଝୀ ବରଗଡ଼ ଜିଲା ଗାଇସିଲଟ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଭାବରେ କାର୍ଯ୍ୟ କରୁଥିଲେ। ଗତ ମାସରେ ପ୍ରଫେସର ରବୀନ୍ଦ୍ରନାଥ ପାତ୍ର ଅବସର ଗ୍ରହଣ କରିଥିଲେ। ତାଙ୍କ ପରେ ଅଧ୍ୟକ୍ଷ ଭାବେ ମାଝୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ଭବିଷ୍ୟତ ଉଜ୍ଜ୍ୱଳ ହେବ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଅଧ୍ୟକ୍ଷ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



# ଗାଁ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜା


ଗାଁ ମଣ୍ଡପ ନିକଟରେ ଭୂମିପୂଜନ କରାଯାଉଛି।

ମାଥିଲି, ୧୮।୬(ସୁବାଷ ଚନ୍ଦ୍ର ଖୁଦୁପିଆ )–ମାଥିଲି ବ୍ଲକ ମେକ୍କା ପଞ୍ଚାୟତରେ ୨୦୨୫–୨୬ ଆର୍ଥିକ ବର୍ଷରେ ରାଜ୍ୟ, କେନ୍ଦ୍ର ସରକାରଙ୍କ ଅନୁଦାନ ଓ କାର୍ଯ୍ୟ ଖସଡ଼ା ନୂତନ ପ୍ରକଳ୍ପ ଶୁଭାରମ୍ଭ ଓ ଗାଁ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜା କରାଯାଇଥିଲା। ମେକ୍କା ପଞ୍ଚାୟତ କାଳିଆଗୁଡା, ପୁରୁଣା ଦାମାପଡା ଓ ତାଳଗୁଡାଠାରେ ଏକ ନୂତନ ଗାଁ ମଣ୍ଡପ ନିର୍ମାଣ କାମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀ ଭୂମିପୂଜନ ସହ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ସଦାଶିବ ପୁଜାରୀ, ୱାର୍ଡମେମ୍ବର ପ୍ରହ୍ଲାଦ ନାୟକ, ରାମଦାସ ନାୟକ, ଗୁରୁ ନାୟକ, ସନାଧର ନାୟକ, ଜିଲା ପରିଷଦ ସଦସ୍ୟା ତଥା ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବଜାରରେ ଏକ୍ସପାଏରି ମୃଦୁ ପାନୀୟ

## ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ

କୋରୁକୋଣ୍ଡା,୧୮।୬(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ଗ୍ରାମଗୁଡିକରେ ଥିବା ଛୋଟ ବଡ଼ ଦୋକାନରେ ମିଳୁଛି ଏକ୍ସପାଏରି ହୋଇ ଯାଇଥିବା ମୃଦୁ ପାନୀୟ। ମାର୍କେଟରେ ବହୁ ମାତ୍ରାରେ ଏହା ବିକ୍ରୀ ହେଉଛି। ପ୍ରବଳ ଖରା ଓ ଗରମରୁ ରକ୍ଷା ପାଇବା ପାଇଁ ଲୋକେ ଏହାକୁ ପିଇଥାନ୍ତି। ଏହାର ସୁଯୋଗ ନେଉଛନ୍ତି କେତେକ ମୃଦୁପାନୀୟ କମ୍ପାନୀ ଓ ଡିଲର। ବିଭିନ୍ନ ସ୍ଥାନରେ ଏଭଳି ଏକ୍ସପାଏରି ମୃଦୁପାନୀୟ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଯାଏ ପ୍ରଶାସନ ନିକଟରେ କୌଣସି ସୂଚନା ନାହିଁ। ଫଳରେ ଏହାକୁ ପିଇବା ପରେ ଲୋକେ ଅସୁସ୍ଥ ହେବା ସମ୍ଭାବନା ରହିଛି।

କୋରୁକୋଣ୍ଡା ସଦରରେ ଥିବା କେତେକ ଦୋକାନ ତଥା ଏହାର ଆଖପାଖ ଅଞ୍ଚଳ ପୋଟ୍ରେଲ ଛକ, ଏମ୍‌ଭି–୩୫ ଛକ, ଏମ୍‌ଭି–୩୪, ଏମ୍‌ଭି–୩୩, ଏମ୍‌ଭି–୩୭, ଏମ୍‌ଭି–୨୭, ଏମ୍‌ଭି–୨୩, କାମ୍ବେଡା, ଏମ୍‌ଭି–୨୯ ଓ ବାଲିମେଳା ସହର ଏପରି ବିଭିନ୍ନ ସ୍ଥାନରେ ଥିବା ଛୋଟ ବଡ଼ ଦୋକାନଗୁଡିକରେ କେତେକ ବ୍ୟବସାୟୀ ଏକ୍ସପାଏରି ହୋଇଥିବା ମୃଦୁପାନୀୟ ବିକ୍ରି କରୁଥିବା ଅଭିଯୋଗ ହେଉଛି। ତେବେ ତୁରନ୍ତ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଏବଂ ଜିଲା ଖାଦ୍ୟ ସୁରକ୍ଷା ବିଭାଗ ଦୃଷ୍ଟି ଦେବା ସହିତ ଦୋକାନଗୁଡ଼ିକରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବୀ ହେଉଛି। ଏନେଇ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀଙ୍କୁ ପଚାରିବାରୁ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ଏକ ସ୍ୱତନ୍ତ୍ର ଟିମ୍ ବିକ୍ରୀ ହେଉଥିବା ବିଭିନ୍ନ କମ୍ପାନୀର ମୃଦୁପାନୀୟଗୁଡିକୁ ଯାଞ୍ଚ କରିବେ ବୋଲି ସୂଚନା ଦେଇଛନ୍ତି।

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
QUOTATION CALL NOTICE
Sealed quotations in prescribed format are invited from eligible bidders for various repair works at NLUO Cuttack. Last date & time of receipt is 25.06.2025 at 03.00 P.M. For details please visit website: https://nluo.ac.in/tenders/.
Sd/- Registrar

OFFICE OF THE PRINCIPAL, RAJSUNAKHALA COLLEGE
RAJSUNAKHALA, DIST.: NAYAGARH - 752065
TENDER/QUOTATION CALL NOTICE
No.: 399 Date:18.06.2025
Sealed Tender/Quotations are invited from intending registered suppliers/Firms/Dealers having valid GSTIN registration,Tax Clearance of last three years, PAN Card for supply of the following items of reputed brand i.e. Desktop (6 Nos.), UPS (6 Nos.), MFM Printer (2 Nos.), LED TV – 65 inch (01 No.), Wireless Mice and Camera with MIC for virtual meeting, Internet facilities.
The supplier will submit Quotations on or before 27.06.2025 by 4:00 P.M. Quotations receives incomplete or after scheduled date and time shall be summarily rejected.
The undersigned reserves the right to accept/reject or cancel any or all quotations without assigning any reasons thereof.
PRINCIPAL
RAJSUNAKHALA COLLEGE, NAYAGARH


GOVERNMENT OF CHHATTISGARH
WATER RESOURCES DEPARTMENT
OFFICE OF THE EXECUTIVE ENGINEER,
WATER RESOURCES DIVISION No.-1, AMBIKAPUR
e-Procurement Tender Notice
Main Portal: http://cgeprocurement.gov.in
WRD Portal: http://wrd.cgeprocurement.gov.in
(FIRST CALL)
CORRIGENDUM
No. 01/SAC/2025-26 Date: 16.06.2025
The following partial modifications are made. In the tender invited vide N.I.T. No. 01/SAC/2025-26 Dated 06.06.2025 System Tender No. 169598 For DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL. Whose "G" No. 252601454 Date: 09.06.2025.

| S. No. | Amendments |
|---|---|
| 1 | In the G-Schedule Item No.-2 may be read as Qty 18571.00 cum & Rate 224.14 per Cum instead of Qty 34194.87 cum & Rate 121.73 |
| 2 | In the G-Schedule Item No.-3 may be read as Qty 162.00 cum & Rate 4292.14 per Cum instead of Qty 885.39 cum & Rate 785.34. |

Note: All other terms and conditions will be remain and unchanged.
Sd./- Executive Engineer
Water Resources Division No. 1
Ambikapur
For, Chief Engineer
Hasdeo Ganga Basin, W.R. Deptt.
Ambikapur (C.G.)
G-252601621/1

रेल पुलिस अधीक्षक का कार्यालय धनबाद
प्रेस विज्ञप्ति
गुमशुदा रौशन कुमार
सर्व साधारण को सूचित किया जाता है कि जसीडीह रेल थाना कांड सं0–29/23 दिनांक–04.05.2023 धारा 363/भा0द0वि0 में गुमशुदा रौशन कुमार दिनांक–04.05.2023 को समय करीब सुबह 04:00 बजे जसीडीह रेलवे स्टेशन के टिकट काउन्टर के पास परिवार वालो के बिच से गायब होने के संबंध में कांड दर्ज कराया गया। उक्त बच्चे का जसीडीह रेलवे स्टेशन पर काफी खोजबीन किया गया साथ ही सी0सी0टी0वी0 फुटेज भी चेक किया परन्तु गुम हुए बच्चा का कोई पता नही चल पाया है। गुमशुदा रौशन कुमार उम्र–04 वर्ष, रंग–गोरा, पहनावा–गुलाबी रंग का टी–शर्ट पहना हुआ।

गुमशुदा रौशन कुमार के बारे में किसी प्रकार की जानकारी प्राप्त हो, तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करे।
पुलिस अधीक्षक, रेल धनबाद– 9431706117
पुलिस उपाधीक्षक(द्वितीय), रेल धनबाद–7033619661
पुलिस निरीक्षक सह थाना प्रभारी, रेल थाना जसीडीह–7903174831
प्रभारी डी0सी0बी0 भाखा, रेल धनबाद–8340713828
ह0/–
पुलिस अधीक्षक, रेल, धनबाद
PR 355401 Police(25-26)#D

रेल पुलिस अधीक्षक का कार्यालय धनबाद
प्रेस विज्ञप्ति
लापता व्यक्ति राजीव कुमार सिंह उर्फ गुड्डु सिंह

सर्व साधारण को सूचित किया जाता है कि राजकीय रेल थाना चन्द्रपुरा काण्ड सं0–13/2023, दिनांक–31.10.2023 धारा–363 भा0द0वि0 में लापता व्यक्ति राजीव कुमार सिंह उर्फ गुड्डु सिंह उम्र–50 वर्श, पिता–स्व0 अर्जुन सिंह, पता–बौधी छपरा, थाना–अवतार नगर, जिला–सारण, बिहार (जो मानसिक रूप से विछिप्त थे) अपने गॉव के ही अखिलेश्वर साह के साथ दिनांक–23.11.2022 को मेन्टल अस्पताल राँची से ईलाज करा मौर्या एक्स0 ट्रेन के जनरल बोगी में सवार होकर राँची से दिघवारा तक यात्रा कर रहे थे। ट्रेन जब चन्द्रपुरा स्टेशन पर रूकी तो अखिलेश्वर साह पानी लेने ट्रेन से नीचे उतरे तथा पानी लेकर ट्रेन में चढ़े तो देखे कि राजीव कुमार सिंह उर्फ गुड्डु सिंह अपने सीट पर नहीं थे। बोगी में काफी खोजबीन किये परन्तु उनका का पता नहीं चला। लापता व्यक्ति का हुलिया–उम्र लगभग 50 वर्श, लंबाई–05 फीट 06 इंच, कद काठी मध्यम, बाल–कुछ काला तथा कुछ सफेद, मुँछ–छोटा, दाढी–सेब, पहनावा–काला रंग का पेन्ट, उजला स्वेटर, भाशा–भोजपुरी एवं हिन्दी। उक्त लापता व्यक्ति का पता नहीं चल पा रहा है।
अत: अनुरोध है कि लापता व्यक्ति के बारे में कोई जानकारी प्राप्त हो तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करेंगें।
पुलिस अधीक्षक, रेल धनबाद– 9431706117
पुलिस उपाधीक्षक(प्रथम), रेल धनबाद–7033619661
थाना प्रभारी, रेल थाना चन्द्रपुरा–8580239270
प्रभारी, डी0सी0बी0 शाखा, रेल धनबाद–8340713828
ह0/–
पुलिस अधीक्षक, रेल धनबाद
PR 355399 Police (25-26)_D

# ଘଟଣାସ୍ଥଳ ପରିଦର୍ଶନ କଲେ ମନ୍ତ୍ରୀ, କ୍ରାଇମବ୍ରାଞ୍ଚ ଆଇଜି

## ବେଳାଭୂମିରେ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣା

### ଜେଲରେ ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ଼

ଗୋପାଳପୁର/ବ୍ରହ୍ମପୁର,୧୮।୬ (ନବୀନରାଜ ଆଚାରୀ/ ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ୮ ଜଣିଆ ୨ଟି ଟିମ୍ ବ୍ରହ୍ମପୁର ପୋଲିସ ଜିଲାକୁ ଆସି ତଦନ୍ତ କରୁଛନ୍ତି। ବୁଧବାର ସେମାନେ ଘଟଣାସ୍ଥଳକୁ ଯାଇ ପ୍ରାୟ ୨ଘଣ୍ଟା ଧରି ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ତଥ୍ୟ ହାସଲ କରିଛନ୍ତି। ସେମାନେ ପୀଡ଼ିତାଙ୍କୁ ମଧ୍ୟ ଭେଟିଥିବା ସୂଚନା ମିଳିଛି। ଜେଲରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ସେଠାରେ ଟିଆଇ ପରେଡ଼ କରାଯିବ। ବୁଧବାର ସନ୍ଧ୍ୟାରେ ୩ ଜଣିଆ ଟିମ୍ ବ୍ରହ୍ମପୁର ଜିଲାଜଜ୍ କୋର୍ଟ ପରିସରରେ ଥିବା ସିଏସ୍‌ଆଇ ଅଫିସ ଯାଇଥିଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ଟିଆଇ ପରେଡ଼ ପାଇଁ ଗୁରୁବାର ଆବେଦନ କରାଯିବ ବୋଲି ଜଣାପଡ଼ିଛି। ସେହିପରି ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।



ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳରେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି(ବାମ)। କ୍ରାଇମବ୍ରାଞ୍ଚ ଆଇଜି ସାଇନି ଏସ୍. ତଦନ୍ତ କରୁଛନ୍ତି।

ସକାଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ., ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତାଗିରଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଘଟଣା କିଭଳି ଓ କେଉଁ ପରିସ୍ଥିତିରେ ଘଟିଲା ମନ୍ତ୍ରୀ ଏସ୍‌ପିଙ୍କୁ ପଚାରିଥିଲେ। ଘଟଣାକୁ ସେ ନିନ୍ଦା କରିବା ସହ ଅତି ଅମାନବୀୟ ଓ ଲଜ୍ଜାଜନକ ବୋଲି କହିଥିଲେ । ବେଳାଭୂମି ପରିସରରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ମଧ୍ୟ କହିଥିଲେ। ବେଳାଭୂମି କଡରେ ରହିଥିବା ମଦ ଦୋକାନକୁ ମନ୍ତ୍ରୀ ବିରୋଧ କରିଛନ୍ତି । ବେଳାଭୂମିର ଆଲୋକୀକରଣ ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏଭଳି ଘଟଣା ଆଗାମୀ ଦିନରେ ଯେପରି ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ବେଳାଭୂମି ଉନ୍ନତୀକରଣ ପାଇଁ ୩୦ କୋଟି ଟଙ୍କା ଅନୁଦାନ ଆସିଛି ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହ ଏହି ମାମଲାକୁ ରେଡ୍ ଫ୍ଲାଗ ଶ୍ରେଣୀଭୁକ୍ତ କରାଯାଇଛି। ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ସାଇନି ଏସ୍.ଙ୍କ ନେତୃତ୍ୱରେ ତଦନ୍ତ ଟିମ୍ ବୁଧବାର ଗୋପାଳପୁରରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ ଓ ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଇଜି ଆଲୋଚନା କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରିବା ସହ କେତେଜଣ ଲୋକଙ୍କୁ ପଚରାଉଚରା କରିଥିଲେ। ଗୋପାଳପୁର ଥାନା ପୋଲିସ କ୍ରାଇମବ୍ରାଞ୍ଚକୁ ମାମଲା ହସ୍ତାନ୍ତର କରଛି। ସନ୍ଧ୍ୟାରେ ଅନ୍ୟ ଏକ ଟିମ ଗୋପାଳପୁର ଥାନାରେ ପହଞ୍ଚି କାଗଜପତ୍ର ଯାଞ୍ଚ କରି ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛି।

ସୂଚନାଯୋଗ୍ୟ, ଗତ ରବିବାର ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିଲେ। ପାନ୍ଥ ନିବାସ ପଛପଟେ ସେମାନେ ବସିଥିବା ବେଳେ ୧୦ ଜଣ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୬/୨୫ରେ ଘଟଣାର ତଦନ୍ତ କରି ୪ ନାବାଳକଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ପାରିବାରିକ କଳହରୁ ସ୍ୱାମୀଙ୍କୁ ହତ୍ୟା

ଧରାକୋଟ,୧୮।୬(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ମଙ୍ଗଳବାର ରାତିରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। କୌଣସି କଥାକୁ ନେଇ ସ୍ତ୍ରୀ ଶ୍ୱାସରୁଦ୍ଧକରି ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମୁଣ୍ଡମରାଇର ଅମର ନାଇକ(୪୦)। ଅଭିଯୁକ୍ତା ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଗିରଫ ପରେ ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି।

ଅମର ଓ ତାଙ୍କ ସ୍ତ୍ରୀ ଅଞ୍ଜନାଙ୍କ ମଧ୍ୟରେ ପାରିବାରିକ ସମସ୍ୟାକୁ ନେଇ ସବୁବେଳେ ଝଗଡ଼ା ଲାଗିରହୁଥିଲା। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଅଞ୍ଜନା ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଅମରଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ବୁଧବାର ଅମରଙ୍କ ବଡ଼ଭାଇ ଚୁନା ନାଇକ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ

ବାରିପଦା,୧୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାରର କରାଯାଇଛି। ପୀଡ଼ିତାଙ୍କ ସ୍ୱାମୀଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୨୬/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ମହିଳା ଜଣକ ଘରେ ଶୋଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଟେକି ନେଇ ଜଣଙ୍କ ଘରେ ଗଣ ବଳାତ୍କାର କରିବା ପରେ ସେଠାରୁ ପଳାଇଥିଲେ। ମହିଳା ଜଣକ କୌଣସି ପ୍ରକାରେ ସେଠାରୁ ଘରକୁ ଆସି ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଫେରାର ଥିବାବେଳେ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ କହିଛନ୍ତି।

# ମାର୍କେଟ୍ କମ୍ପ୍ଲେକ୍ସରେ ଯୁବକଙ୍କୁ ହତ୍ୟା

## ରେଷ୍ଟୁରାଣ୍ଟ ବାହାରୁ ମୃତଦେହ ଜବତ କଲା ପୋଲିସ

କଟକ,୧୮।୬(କାର୍ତ୍ତିକ ସାହୁ)

କଟକ ବକ୍ସିବଜାରସ୍ଥିତ ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ଏକ ହତ୍ୟାକାଣ୍ଡ ଘଟିଛି। କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ବୁଧବାର ମାର୍କେଟ କମ୍ପ୍ଲେକ୍ସର ଏକ ରେଷ୍ଟୁରାଣ୍ଟ ବାହାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଶଙ୍କରପୁର ଅଞ୍ଚଳର ଅଶୋକ ବାରିକ (୫୦)। ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଅଶୋକଙ୍କୁ ହତ୍ୟା କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ବାବୁନ ଖଟୁଆ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ସୂଚନାନୁସାରେ, ଅଶୋକ ପ୍ରତିଦିନ ପରି ମଙ୍ଗଳବାର ରାତିରେ ମାର୍କେଟ କମ୍ପ୍ଲେକ୍ସରେ ଶୋଇଥିଲେ। କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ଲୋକମାନେ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳୁ ମାର୍କେଟ କମ୍ପ୍ଲେକ୍ସରେ ବ୍ୟବସାୟ କରିବାକୁ ଲୋକମାନେ ଆସିବା ପରେ ଅଶୋକଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଛାନଭିନ୍ କରିଛି। ସ୍ଥାନୀୟ ବ୍ୟବସାୟୀ ଦିଲ୍ଲୀପ କୁମାରଙ୍କ କହିବାନୁସାରେ, ଅଶୋକ ଜଣେ ଭଲ ଲୋକ। ତାଙ୍କୁ କିଏ, କେଉଁ କାରଣରୁ ହତ୍ୟା କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇଆଇସି ଯତୀନ୍ଦ୍ର ନାଥ ସେଠୀଙ୍କ କହିବାନୁସାରେ, ମୃତକଙ୍କ ସମ୍ପର୍କୀୟ ଭାଇଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡ କାରଣ ସମ୍ପର୍କରେ ଏଯାଏ କିଛି ସ୍ପଷ୍ଟ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ତନଖି ଜାରି ରଖିଛି। ସିସିଟିଭି ଯାଞ୍ଚ କରାଯାଇ ଖୁବ୍‌ଶୀଘ୍ର ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ୫ ସନ୍ଦିଗ୍ଧଙ୍କ ଫଟୋ ଛାଡ଼ିଲା ପୋଲିସ

## ବ୍ୟାଙ୍କରୁ ଡକାୟତି ଘଟଣା

### ଧରାଇବାରେ ସହଯୋଗକଲେ ୫୦ ହଜାର ଟଙ୍କା ପୁରସ୍କାର

ଯୋଡ଼ା,୧୮।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ମୁଖ୍ୟ ରାସ୍ତାକଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ତନାଘନା ଜାରି ରଖିଛି। କୌଣସି ସୁରାକ ନ ପାଇବା ପରେ ପୋଲିସ ସନ୍ଦିଗ୍ଧ ଅପରାଧୀଙ୍କୁ ଚିହ୍ନଟ ପାଇଁ ସିସିଟିଭି କ୍ୟାମେରାରେ କଏଦ ଫଟୋଚିତ୍ର ସାଧାରଣରେ ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ଧରାଇବାରେ ସହଯୋଗ କଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛି।

ପ୍ରକାଶ ଯେ, ଗତ ୧୨ ତାରିଖରେ ଯୋଡ଼ା ସହରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ପୂର୍ବାହ୍ନ ୧୦ଟାରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୧୧ ଲକ୍ଷ ଟଙ୍କା ଓ ୨ କେଜି ୭ ଗ୍ରାମ୍ ସୁନା ଲୁଟି ନେଇଯାଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ହେଁ ଲୁଟେରାଙ୍କ କୌଣସି ସୁରାକ ପାଇପାରିନାହିଁ। ଫଳରେ ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନେଇ ପୋଲିସ ୫ ଅଭିଯୁକ୍ତଙ୍କ ସିସିଟିଭିରୁ ସଂଗୃହୀତ ଫଟୋ ଜାରିକରିଛି। ଗତ କିଛିଦିନ ଭିତରେ ଯୋଡ଼ା ସହରକୁ ବିହାର, ଝାଡ଼ଖଣ୍ଡ ରାଜ୍ୟ ତଥା ଗଞ୍ଜାମ ଜିଲାରୁ ଲୋକ କାହା ଘରେ, ହୋଟେଲ, ଗ୍ୟାରେଜ ଓ ରାଜମିସ୍ତ୍ରି ଭାବେ କାମକରି ପଳାଇଯାଇଛନ୍ତି କି, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଘଟଣା ଘଟିବାର ୫ରୁ ୬ ଦିନ ମଧ୍ୟରେ ଦେଖିଛନ୍ତି କି, ଏ ନେଇ କୌଣସି ସୂଚନା ଥିଲେ ନାମ ଗୋପନରେ ରଖି ଠିକ୍ ଖବର ପ୍ରଦାନକରି ସହଯୋଗ କରିବାକୁ ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଯୋଡ଼ାରେ ବ୍ୟାଙ୍କ ଡକାୟତି ପରେ ଚମ୍ପୁଆଠାରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟ୍‌କରି ନେଇଥିଲେ। ପୋଲିସର ଦୁର୍ବଳତାର ସୁଯୋଗ ନେଇ ଯୋଡ଼ା ସହରରେ ଦିନକୁ ଦିନ ଚୋରି, ଡକାୟତି, ଲୁଟ, ରାହାଜାନି, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଅନ୍ତଃ ରାଜ୍ୟ ଗ୍ୟାଙ୍ଗ୍ ସହର ତଥା ଖଣି ଅଞ୍ଚଳରେ ସକ୍ରିୟ ହୋଇପଡ଼ିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।


ପୋଲିସ ଦ୍ୱାରା ଜାରି ସନ୍ଦିଗ୍ଧଙ୍କ ଫଟୋ।

## Business

# ଜିଏସ୍‌ଡିପିରେ ନିର୍ମାଣ କ୍ଷେତ୍ରର ଯୋଗଦାନ ୩୬%

## ଆସୋଚାମ ପକ୍ଷରୁ ଓଏମ୍‌ସିର ୨ୟ ସଂସ୍କରଣ

ଭୁବନେଶ୍ୱର,୧୮।୬: (ଅଭୟ ଦାଶ)

ଆସୋଚାମ୍ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଆୟୋଜିତ ଓଡ଼ିଶା ମାନୁଫ୍ୟାକ୍ଚରିଂ କନ୍‌କ୍ଲେଭ–୨୦୨୫ (ଓଏମ୍‌ସି)ର ୨ୟ ସଂସ୍କରଣ ବୁଧବାର ଭୁବନେଶ୍ୱରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ 'ଏଆଇ–ଡ୍ରିଭେନ ମାନୁଫ୍ୟାକ୍ଚରିଂ: ଇନୋଭେଶନ,ଏଫିସିଏନ୍ସି ଆଣ୍ଡ ସଷ୍ଟେନେବୁଲ ଗ୍ରୋଥ୍'ଶୀର୍ଷକ ବିଷୟବସ୍ତୁ ରହିଛି। ଏହି ସମ୍ମିଳନୀରେ ଏକ ଭବିଷ୍ୟତ ପ୍ରସ୍ତୁତ ଉତ୍ପାଦନ କେନ୍ଦ୍ରରେ ପରିଣତ ହେବା ପାଇଁ ଓଡ଼ିଶାର ରୋଡ୍‌ମ୍ୟାପ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ଇଣ୍ଡଷ୍ଟ୍ରି ଲିଡର, ନୀତି ନିର୍ମାତା, ବୈଷୟିକ କ୍ଷେତ୍ରରେ ପ୍ରବର୍ତ୍ତକ ଓ ଶିକ୍ଷାନୁଷ୍ଠାନଗୁଡିକ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉଲ୍ଲେଖ କରିଥିଲେ, ବର୍ତ୍ତମାନ ନିର୍ମାଣ କ୍ଷେତ୍ର ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ରେ ୩୬% ଯୋଗଦାନ ଦେଉଥିବା ବେଳେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରର ମିଳିତ ଯୋଗଦାନ ୫୩% ରହିଛି। ତେବେ ଏହି ମିଳିତ ଅଂଶକୁ ଆହୁରି ବୃଦ୍ଧି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଶୀର୍ଷ ପ୍ରାଥମିକତା ଭାବେ ବଜାୟ ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହେମନ୍ତ ଶର୍ମା ପ୍ରିମସ ପାର୍ଟନର୍ସ ସହ ସହଭାଗିତାରେ ଆସୋଚାମ ଷ୍ଟଡି ପେପରର ଉନ୍ମୋଚନ କରିଥିଲେ। ଏହି ଅବସରରେ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡୀ, ଆସୋଚାମ ଓଡ଼ିଶା ରାଜ୍ୟ ଉତ୍ପାଦନ ପରିଷଦର ଅଧ୍ୟକ୍ଷ ଶଶି ଶେଖର ମହାନ୍ତି, ଖଣି ଓ ଇସ୍ପାତ ପରିଷଦର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ସିଏସ୍‌ଆର୍ ଓ ସ୍ଥାୟିତ୍ୱ ପରିଷଦର ଅଧ୍ୟକ୍ଷ ପ୍ରଶାନ୍ତ ହୋତା ଏବଂ ପ୍ରିମସ ପାର୍ଟନର୍ସ ଇଣ୍ଡିଆର ବରିଷ୍ଠ ପରାମର୍ଶଦାତା ଭାରତ ଦୁରେଜା ପ୍ରମୁଖ ସାମିଲ ଥିଲେ।

ସେହିଭଳି ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଓଡ଼ିଶାରେ ସ୍ମାର୍ଟ ଓ ସ୍ଥାୟୀ ନିର୍ମାଣକୁ ସକ୍ଷମ କରିବା ପାଇଁ ସରକାର, ଶିଳ୍ପ ଓ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ମଜବୁତ ସହଯୋଗିତା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ବ୍ରିଟିଶ ଡେପୁଟି ହାଇକମିଶନର ଆଣ୍ଡ୍ରୁ ଫ୍ଲେମିଂ କହିଛନ୍ତି, ଭାରତ ଏବଂ ବ୍ରିଟେନ ଶିଳ୍ପାୟନ ଓ ଉଦ୍ଭାବନର ଏକ ସମୃଦ୍ଧ ଇତିହାସର ଅଂଶୀଦାର ଅଟନ୍ତି। ଏହି ଅବସରରେ ଦୁଇଟି ପ୍ରମୁଖ ପୂର୍ଣ୍ଣାଙ୍ଗ ଅଧିବେଶନର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବରିଷ୍ଠ ସରକାରୀ ଓ ଘରୋଇ ଅଧିକାରୀ, ଶିଳ୍ପର ବିଶିଷ୍ଟ ବ୍ୟକ୍ତି, ଟେକ୍ନୋଲୋଜି ଲିଡର, ଅନ୍ତର୍ଜାତୀୟ ପ୍ରତିନିଧି ଓ ଅନ୍ୟମାନେ ଯୋଗଦେଇଥିଲେ। ପରିଶେଷରେ ଆସୋଚାମ୍ ପୂର୍ବ ଓ ଉତ୍ତରପୂର୍ବର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦର ଜିତ କୌର ଧନ୍ୟବାଦ ଅର୍ପଣ କରିଥିଲେ।



# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୮।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୯ (୧୩୮.୬୪) ପଏଣ୍ଟ ହ୍ରାସ ଘଟି ୮୧,୪୪୫ (୮୧,୪୪୪.୬୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି–୫୦ ରେ ମଧ୍ୟ ୪୧ (୪୧.୩୫) ପଏଣ୍ଟ କମି ୨୪,୮୧୨ (୨୪,୮୧୨.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# କୋଲ୍ ଇଣ୍ଡିଆରେ ସ୍ୱଚ୍ଛତା ପଖୱାଡା

ଭୁବନେଶ୍ୱର,୧୮।୬

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ପରିସରରେ 'ସ୍ୱଚ୍ଛତା ପଖୱାଡା–୨୦୨୫' ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି କୋଲକାତାସ୍ଥିତ ସିଆଇଏଲ୍‌ର କର୍ପୋରେଟ୍ ମୁଖ୍ୟାଳୟଠାରେ ସ୍ୱଚ୍ଛତା ପଖୱାଡା–୨୦୨୫ର ଶୁଭାରମ୍ଭ ଅବସରରେ ସିଆଇଏଲ୍‌ର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପ୍ରତିଜ୍ଞା ପ୍ରଦାନ କରାଇଥିଲେ। ଏହି ଅବସରରେ ସିଆଇଏଲ୍‌ର ନିର୍ଦ୍ଦେଶକ(ଅର୍ଥ) ମୁକେଶ ଅଗ୍ରୱାଲ, ନିର୍ଦ୍ଦେଶକ (ବୈଷୟିକ) ଅଚ୍ୟୁତ ଘଟକଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟନିର୍ବାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମ (ସ୍ୱଚ୍ଛତା ପଖୱାଡା) ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି ସ୍ୱଚ୍ଛତା ସମସ୍ତଙ୍କର ବ୍ୟବସାୟ। ଏହି ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛତା ଏକ ସାମୂହିକ ଦାୟିତ୍ୱ ଏବଂ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ। ସେହିପରି ଏହି ଅବଧି ସମୟ ମଧ୍ୟରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଅଭିଯାନ, ରଥ ମେଳା ସ୍ଥାନରେ ଡଷ୍ଟବିନ୍ ବଣ୍ଟନ, ଆବାସିକ କଲୋନି ଏବଂ ଜଳାଶୟ ସଫା କରିବା ଭଳି ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ବିଶେଷକରି ଏହି ଅବସରକୁ ପାଳନ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା ନିମନ୍ତେ ଏକ ଇ–ଆବର୍ଜନା ସଂଗ୍ରହ କିଓସ୍କ ଏବଂ ଏକ କପଡ଼ା ଦାନ କିଓସ୍କ ସ୍ଥାପନ କରାଯାଇଛି।


ପି.ଏମ୍. ପ୍ରସାଦ

# ଟ୍ରାଇ ଡ୍ରାଇଭ ଟେଷ୍ଟରେ ଜିଓ ଅଗ୍ରଣୀ

ଭୁବନେଶ୍ୱର,୧୮।୬

ରିଲାଏନ୍ସ ଜିଓକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜିଓ ଓଡ଼ିଶା ବଜାରରେ ସର୍ବାଧିକ ହାରାହାରି ଡାଉନ୍‌ଲୋଡ୍ ସ୍ପିଡ୍ ହାସଲ କରିଛି। ବିଶେଷକରି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ଡ୍ରାଇଭ୍ ଟେଷ୍ଟରେ ଜିଓ ଅଗ୍ରଣୀ ବା ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ଟ୍ରାଇ ଦ୍ୱାରା ୨୦୨୫ ଏପ୍ରିଲ ମାସ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ ପରୀକ୍ଷଣ (ଆଇଡିଟି) ଫଳାଫଳ ଅନୁଯାୟୀ ରିଲାଏନ୍ସ ଜିଓ କଟକ ସହରରେ ବେଶ୍ ପ୍ରଭାବଶାଳୀ ନେଟ୍‌ୱର୍କ ପ୍ରଦର୍ଶନ କରିଛି। ଟ୍ରାଇର ନିୟମିତ ସେବା ଗୁଣବତ୍ତା ଅଡିଟ୍‌ର ଏକ ଅଂଶ ଭାବେ ଏହି ଡ୍ରାଇଭ୍ ପରୀକ୍ଷଣ ୨୦୨୫ ଏପ୍ରିଲ ୧୫ରୁ ୧୮ପର୍ଯ୍ୟନ୍ତ ଓଡ଼ିଶା ସେବା କ୍ଷେତ୍ରର କଟକ ସହରରେ କରାଯାଇଥିଲା, ଯେଉଁଥିରେ ମୋଟ ୩୩୧.୪ କିଲୋମିଟର ଡ୍ରାଇଭ୍ ସହିତ ରିଅଲ୍–ଟାଇମ୍ ନେଟ୍‌ୱର୍କ ପ୍ରଦର୍ଶନ ମୂଲ୍ୟାଙ୍କନ କରାଯାଇଥିଲା। ସେହିପରି କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ ଜିଓ ଏହାର ନେଟ୍‌ୱର୍କର ପ୍ରାଧାନ୍ୟ ପ୍ରମାଣିତକରି ସର୍ବାଧିକ ୨୩୩.୪୬ ଏମ୍‌ବିପିଏସ୍ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ କରିବା ସହ ୨୪.୦୪ ଏମ୍‌ବିପିଏସ୍‌ର ଦୃଢ଼ ଅପ୍‌ଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ପ୍ରାୟ ୨ଗୁଣ ଅଧିକ ରହିଥିଲାବେଳେ ବ୍ୟସ୍ତବହୁଳ ହଟ୍‌ସ୍ପଟ୍‌ଗୁଡ଼ିକରେ ମଧ୍ୟ ଜିଓର ୫ଜି ଡାଉନଲୋଡ୍ ସ୍ପିଡ୍ ୧୦୨.୦୯ ଏମ୍‌ବିପିଏସ୍ ରହିଥିଲା, ଯାହା ଷ୍ଟ୍ରିମିଂ, ଭିଡିଓ କନଫରେନ୍ସିଂ ଏବଂ ରିଅଲ୍–ଟାଇମ୍ ଆପ୍ଲିକେଶନ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ସଂଯୋଗ ସୁନିଶ୍ଚିତ କରିଥିଲା।

# ୨୦ରୁ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ

ଭୁବନେଶ୍ୱର,୧୮।୬

ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆ (ଜିଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଏକ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଚଳିତ ବର୍ଷ ଜିଏସ୍‌ଆଇର ତତ୍ତ୍ୱାବଧାନରେ ଜାତୀୟ ବାର୍ଷିକ ମଧ୍ୟକାଳୀନ ସମ୍ମିଳନୀ ଜିଏସ୍‌ଆଇସିଓନ ପୂର୍ବ ଜୋନାଲ ଏବଂ ଦ୍ୱିତୀୟ ବାର୍ଷିକ ଜିଏସ୍‌ଆଇ ଓଡ଼ିଶା ରାଜ୍ୟ ସମ୍ମିଳନୀ–୨୦୨୫ ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହେବାକୁ ଯାଉଛି। ଏହି ଅବସରରେ ଜିଏସ୍‌ଆଇ ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ଏକ ଉଲ୍ଲେଖନୀୟ ଦୃଷ୍ଟିକୋଣ ଏବଂ ସଠିକତା ସହ ଆୟୋଜିତ ହେଉଛି। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି ଜେରିଆଟ୍ରିକ୍ ଯତ୍ନ: ଗବେଷଣାରୁ ଅଭ୍ୟାସ ପର୍ଯ୍ୟନ୍ତ। ଯାହା ନିଜେ ଜ୍ଞାନକୁ ଅଭ୍ୟାସରେ ପ୍ରୟୋଗ କରିବା ଏବଂ ମୂଳ ପର୍ଯ୍ୟନ୍ତ ପହଞ୍ଚିବାର ଗୁରୁତ୍ୱ ବିଷୟରେ କହିଥାଏ। ଏହି ସମ୍ମିଳନୀ ବୟସ୍କ ଜନସଂଖ୍ୟାରେ ଦ୍ରୁତବୃଦ୍ଧି ସହ ଓଡ଼ିଶା ଏବଂ ଭାରତରେ ଜେରିଆଟ୍ରିକ୍ ଯତ୍ନର ସ୍ତରକୁ ପୁନଃ ଆକୃତି ଦେବାରେ ସାହାଯ୍ୟ କରିବ। ଏହି ସମ୍ମିଳନୀ ଗବେଷଣା କାର୍ଯ୍ୟ ଏବଂ କ୍ଲିନିକାଲ୍ ଅଭିଜ୍ଞତା ବାଣ୍ଟିବା ପାଇଁ ଏକ ପରିବର୍ତ୍ତନଶୀଳ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଯାହା ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଉଦ୍ଭାବକମାନଙ୍କୁ ଏକତ୍ର କରିବ। ସେହିଭଳି ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଅଡିଟୋରିୟମଠାରେ ୨୦୨୫ ଜୁନ୍ ୨୦ରୁ ୨୨ ଜୁନ୍ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଏହି ବୈଜ୍ଞାନିକ ଅଧିବେଶନରେ ସାରା ଭାରତରୁ ପ୍ରାୟ ୫୦୦ଜଣ ଡାକ୍ତର, ପାରାମେଡିକ୍ସ, ନର୍ସ, ଡାଏଟିସିଆନ୍ ସାମିଲ ହେବେ।

# କେଭିଆଇସି ପକ୍ଷରୁ ୯୦୬ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୧୮।୬

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପକ୍ଷରୁ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ଦେଶବ୍ୟାପୀ ୯୦୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଏହି ଋଣ ବିପକ୍ଷରେ ୧୧,୪୮୦ ସେବା କ୍ଷେତ୍ର ହିତାଧିକାରୀମାନଙ୍କୁ ୩୦୦ କୋଟି ଟଙ୍କାର ମାର୍ଜିନ୍ ମନି ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ରାଜଘାଟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ଆଭାସି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ସବ୍‌ସିଡି ଅର୍ଥ ପ୍ରଦାନ କରିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରୂପ ରାଶିଙ୍କ ସମେତ କେନ୍ଦ୍ରୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାମାନେ ଉପସ୍ଥିତ ଥିଲେ। ସେହିଭଳି ଦେଶର ସମସ୍ତ ୬ଟି ଜୋନ୍ ଏହି ବଣ୍ଟନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ଜୋନ୍ (ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରାଖଣ୍ଡ) ଅଧୀନରେ ମୋଟ ୨୪୦୩ଟି ପ୍ରକଳ୍ପ ପାଇଁ ୭୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି। ଏହା ପାଇଁ ମୋଟ ୨୧୮ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ପୂର୍ବ ଜୋନ୍ (ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ଏବଂ ନିକୋବର ଦୀପପୁଞ୍ଜ) ଅଧୀନରେ ୯୯୬ଟି ପ୍ରକଳ୍ପ ପାଇଁ ୨୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥିଲାବେଳେ ଋଣ ମଞ୍ଜୁର ପ୍ରାୟ ୭୧ କୋଟି ଟଙ୍କା ଥିଲା।



# ଶ୍ରୀଚୈତନ୍ୟଙ୍କ ବ୍ରହ୍ମଗିରି ପଦାର୍ପଣ

ପୁରରେ ପଡ଼ିତ ହୋଇ ଦାରୁଅଁ ଶ୍ରୀମନ୍ଦିର ଅଣସର ଘରେ ବିଶ୍ରାମ ନେଉଛନ୍ତି। ଏବେ ଭକ୍ତମାନେ ପଟିଦିଅଁକୁ ଦର୍ଶନ କରୁଛନ୍ତି। ବିଶ୍ୱାସ ରହିଛି, ଏହି ସମୟରେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କୁ ଦର୍ଶନ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଅଲାରନାଥଙ୍କ ଦର୍ଶନ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ବ୍ରହ୍ମଗିରି ଏକ ପବିତ୍ରତମ ସ୍ଥାନ। ପୌରାଣିକ ଯୁଗରୁ ଏହାର ଖ୍ୟାତି ରହିଛି। କିମ୍ବଦନ୍ତୀରୁ ଜଣାଯାଏ, ବିଷ୍ଣୁ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୁଷୋତ୍ତମ ନିମିତ୍ତ ମନ୍ଦିରର ପ୍ରତିଷ୍ଠା ପାଇଁ ସୃଷ୍ଟିକର୍ତ୍ତା ବ୍ରହ୍ମା ଯେଉଁ ଗିରିବେଷ୍ଟିତ ଅଞ୍ଚଳରେ ପାଦ ଦେଇଥିଲେ, ସେହି ପବିତ୍ର ଧାମ ହିଁ ବ୍ରହ୍ମଗିରି। ଏହା ଏକ ପବିତ୍ର ସ୍ଥାନ ହୋଇଥିବାରୁ ତଥା ବିଷ୍ଣୁ ଉପାସକ ଆଲଭାରମାନେ ଏଠାରେ ବସବାସ କରୁଥିବାରୁ ସେହି ଆଲଭାର ସାଧୁମାନେ ବ୍ରହ୍ମଗିରିଠାରେ 'ଅଲୋୟାରନାଥ'ଙ୍କ ବିଗ୍ରହକୁ ପ୍ରତିଷ୍ଠା କରି ପୂଜା ଉପାସନା କରୁଥିଲେ। ଏଣୁ ଅଲୋୟାରନାଥ ସ୍ଥାନୀୟ ଲୋକଙ୍କ ମୁଖରେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ନାମିତ ହେଲେ। ଶ୍ରୀଅଲାରନାଥଙ୍କ ପୂଜାପଦ୍ଧତିରେ ବୈଷ୍ଣବୀୟ ପରମ୍ପରାର ପ୍ରଭାବ ରହିଛି। ବିଷ୍ଣୁ ମନ୍ତ୍ରରେ ଶ୍ରୀଅଲାରନାଥଙ୍କ ଭୋଗପୂଜା ନୀତି ସମାହିତ ହୋଇଥାଏ। ଅଲୋୟାର ଏକ ଦ୍ରାବିଡ଼ ଶବ୍ଦ, ଯାହାର ଅର୍ଥ ହେଉଛି ଭକ୍ତ। ଅଲୋୟାରନାଥ ଅର୍ଥ 'ଭକ୍ତର ନାଥ'। ମହାପ୍ରଭୁ ଶ୍ରୀଅଲାରନାଥ ପ୍ରକୃତରେ ଭକ୍ତର ନାଥ। ପ୍ରଭୁଙ୍କ ଅଲାରନାଥ ନାମକରଣ ନେଇ ଏକ କିମ୍ବଦନ୍ତୀ ରହିଛି। ଶ୍ରୀଚୈତନ୍ୟଙ୍କ ପ୍ରଥମ ଦର୍ଶନରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀଅଲାରନାଥଙ୍କୁ ଏକ ଓ ଅଭିନ୍ନ ବୋଲି ଭାବି ତାଙ୍କ ଅନ୍ତରର ଭକ୍ତି ଅର୍ପଣ କରୁଥିଲେ। ପ୍ରାଚୀନ କବି ଗୋବିନ୍ଦ ଦାସ ବାବାଜିଙ୍କ ବିରଚିତ ଓ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଦ୍ୱାରା ସମ୍ପାଦିତ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରୁ ଜଣାଯାଏ, ଶ୍ରୀଚୈତନ୍ୟଙ୍କର ଶ୍ରୀଅଲାରନାଥଙ୍କ ପ୍ରତି ଗଭୀର ଭକ୍ତି ଥିଲା। ୧୫୧୫ ମସିହାରେ ତୀର୍ଥାଟନ ସାରି ଶ୍ରୀଚୈତନ୍ୟ ତାଙ୍କର ଦ୍ୱିତୀୟବାର ଶ୍ରୀକ୍ଷେତ୍ର ଆଗମନ କାଳରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଅନୁଗ୍ରହ ଲାଭକରି ତତ୍କାଳୀନ କାଶୀ ମିଶ୍ରଙ୍କ ଘର ବା ବର୍ତ୍ତମାନର ରାଧାକାନ୍ତ ମଠ ଭାବେ ପରିଚିତ ଗମ୍ଭୀରାରେ ଦୀର୍ଘ ଅଠରବର୍ଷ କାଳ ଅବସ୍ଥାନ କରିଥିଲେ। ସେତେବେଳେ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ପ୍ରାଚୀନ ପଞ୍ଚସଖାଙ୍କ ସହିତ ଶିଷ୍ୟବର୍ଗଙ୍କୁ ସାଙ୍ଗରେ ନେଇ ବହୁବାର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ନାମ ସଂକୀର୍ତ୍ତନ କରୁଥିଲେ।

ସୂଚନାଯୋଗ୍ୟ ୧୫୧୦ ମସିହାରେ ଶ୍ରୀଚୈତନ୍ୟ ତାଙ୍କ ଭକ୍ତିଧାରାର ପ୍ରଚାର ପାଇଁ ଶ୍ରୀକ୍ଷେତ୍ର ଆଗମନ



କରିଥିଲେ। ମାତ୍ର ତତ୍କାଳୀନ ରାଜାଗୁରୁ ପ୍ରେମ ଭକ୍ତି ପ୍ରଚାରର ଅନୁକୂଳ ବାତାବରଣ ନ ଦେଖି ଶ୍ରୀକ୍ଷେତ୍ରରେ ସ୍ୱଳ୍ପକାଳ (ଚୈତନ୍ୟ ଚରିତାମୃତ ମତରେ ୩ ମାସ, ଚୈତନ୍ୟ ଚନ୍ଦ୍ରୋଦୟ ନାଟକ ମତରେ ୧୮ ଦିନ) ଅବସ୍ଥାନ କରି ସେ ଦକ୍ଷିଣ ଭାରତ ଚାଲିଯାଇଥିଲେ। ୧୫୧୦ରୁ ୧୫୧୫ ମସିହା ପର୍ଯ୍ୟନ୍ତ ସେ ଦକ୍ଷିଣ ଭାରତ, ଉତ୍ତର ଭାରତ, ପଶ୍ଚିମ ଭାରତର ବହୁ ତୀର୍ଥ ଭ୍ରମଣ ସାରି ପୁନର୍ବାର ଶ୍ରୀକ୍ଷେତ୍ରକୁ ଫେରିଆସିଥିଲେ। ସେତେବେଳେ ଦକ୍ଷିଣରୁ ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ବର୍ତ୍ତମାନ ଭଳି ସଡ଼କପଥରେ କୌଣସି ସୁବିଧା ନ ଥିଲା। ଦକ୍ଷିଣରୁ ଆସିବାକୁ ହେଲେ ଚିଲିକା ପାରିହୋଇ ଚିଲିକା ଉପକୂଳ ରାସ୍ତା ଦେଇ ସମୁଦ୍ରକୂଳ ରାସ୍ତା ଦେଇ ମଙ୍ଗଳାଘାଟ ପାର ହୋଇ ଶ୍ରୀକ୍ଷେତ୍ରକୁ ଆସିବାକୁ ପଡୁଥିଲା। ଆସିବା ବାଟରେ ପଡୁଥିଲା ବ୍ରହ୍ମଗିରି ଓ ଶ୍ରୀଅଲାରନାଥ ମନ୍ଦିର। ୧୫୧୫ ମସିହାରେ ଶ୍ରୀଚୈତନ୍ୟ ଦକ୍ଷିଣ ଭାରତରୁ ଶ୍ରୀକ୍ଷେତ୍ର ଆସିବା ସମୟରେ ପ୍ରଥମଥର ପାଇଁ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିଥିଲେ। ତାଙ୍କ ଅଲାରନାଥ ଦର୍ଶନ ନେଇ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରେ କୁହାଯାଇଛି– 'ଉତ୍କଣ୍ଠିତ ପ୍ରଭୁ ତଥି ଘାଟିମାନ ବାଟ ଦେଇ, ବ୍ରହ୍ମଗିରି ପଥେ ତଥି ଉପସ୍ଥିତ ହୋଇ'।


–ଅଜିତ କୁମାର ମହାନ୍ତି, ପୁରୀ

# ବିଶ୍ୱସ୍ତରୀୟ ଉଦ୍ୟମର ଆବଶ୍ୟକତା ରହିଛି

ପ୍ରତିବର୍ଷ ଜୁନ୍ ୧୯ ତାରିଖକୁ 'ବିଶ୍ୱ ସିକଲ୍ ସେଲ୍ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି–'ବିଶ୍ୱସ୍ତରୀୟ ଉଦ୍ୟମ : ସ୍ଥାନୀୟ ପ୍ରଭାବ ଏବଂ ସମାଜକୁ ଏ ନେଇ ଅଧିକାର ଦେବା'। ସିକଲ୍ ସେଲ୍ ଏକ ବଂଶାନୁକ୍ରମିକ(ଜେନେଟିକ୍) ରୋଗ ହୋଇଥିବାରୁ ଏହି ସମସ୍ୟା ଭାରତର ଜନସଂଖ୍ୟାର ପାଖାପାଖି ୪ ପ୍ରତିଶତ ବ୍ୟକ୍ତିଙ୍କ ପାଖରେ ଥାଏ। ଏ ସମ୍ପର୍କରେ ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ କହନ୍ତି, ପ୍ରତିବର୍ଷ ବିଶ୍ୱରେ ପାଖାପାଖି ତିନି ଲକ୍ଷ ଶିଶୁ ହିମୋଗ୍ଲୋବିନ୍ ତ୍ରୁଟି ଥାଇ ଜନ୍ମ ନେଉଥାଆନ୍ତି। ସିକଲ୍ ସେଲ୍ ରୋଗରେ ଗୋଲ ଓ ଚେପଟା ଆକାରର ଲୋହିତ ରକ୍ତ କଣିକା ଅର୍ଦ୍ଧ ଚନ୍ଦ୍ର ପରି ହୋଇଥାଏ। ଫଳରେ ଏହା ରକ୍ତ ଶିରା ଓ ଧମନୀରେ ସ୍ୱଚ୍ଛନ୍ଦରେ ପ୍ରବାହିତ ନ ହୋଇ କମ୍ ସମୟରେ ନଷ୍ଟ ହୋଇଯାଏ। ରକ୍ତ ଧମନୀ ଓ ଶିରା ଅବରୋଧ ଦ୍ୱାରା ଯନ୍ତ୍ରଣା ହୋଇଥାଏ। ପରବର୍ତ୍ତୀ ସମୟରେ ସଂକ୍ରମଣ ହୋଇ କୋଷ ସମୂହ ନଷ୍ଟ ହୋଇଯାଏ। ଥାଲାସେମିଆ ରୋଗ ସମୂହରେ ମଧ୍ୟ ହିମୋଗ୍ଲୋବିନ୍‌ରେ ତ୍ରୁଟି ଥାଏ ଏବଂ ଆଲଫା ଓ ବିଟା ଶିକୁଳି ତ୍ରୁଟିଯୁକ୍ତ ହୋଇଥାଆନ୍ତି। ସ୍ଥଳ ବିଶେଷରେ ଏହି ହିମୋଗ୍ଲୋବିନୋପ୍ୟାଥି ସାମାନ୍ୟ ଓ ଗୁରୁତର ହୋଇଥାଏ।

ସିକଲ୍ ସେଲ ରୋଗ ସବୁ ମାତା–ପିତାଙ୍କ ଜିନ୍ (ଗୁଣସୂତ୍ର) ଦ୍ୱାରା ପିଲାମାନଙ୍କୁ ଆସିଥାଏ ଓ ଉଭୟଙ୍କର ତ୍ରୁଟି ଥିଲେ ପିଲାମାନଙ୍କୁ ଏହା ଗୁରୁତର ଭାବେ ଆକ୍ରାନ୍ତ କରିଥାଏ। ମା'ବାପାଙ୍କଠାରୁ ଶିଶୁମାନେ ଏହାଦ୍ୱାରା ଆକ୍ରାନ୍ତ ହେବା ପ୍ରାୟ ୨୫ ପ୍ରତିଶତ ଏବଂ ୫୦ ପ୍ରତିଶତ ଏହାର ବାହକ ହେବା ଆଶଙ୍କା ଥାଏ। ଏହି ରୋଗସମୂହର ହ୍ରାସ ପାଇଁ ରୋଗାକ୍ରାନ୍ତ ଶିଶୁଙ୍କର ଉପଯୁକ୍ତ ଚିକିତ୍ସା ଓ ପରିଚାଳନା ତଥା ଏହା କିପରି ନ ହେବ ସେଥିପ୍ରତି ପ୍ରତିଷେଧକ ବ୍ୟବସ୍ଥା କରାଯାଉଛି। ଏହି ରୋଗୀମାନେ ଉପଯୁକ୍ତ ତରଳ ପାନୀୟ, ସୁଷମ ଖାଦ୍ୟ, ଫଲିକ୍ ଏସିଡ୍ ବଟିକା ସେବନ, ଯନ୍ତ୍ରଣା ଲାଘବ ପାଇଁ ଔଷଧ (ସ୍ଥଳ ବିଶେଷରେ), ଅନ୍ୟ ସଂକ୍ରମଣ ନ ହେବା ପାଇଁ ଟିକା ଓ ଚିକିତ୍ସା ତଥା ଯେଉଁ ସମୟରେ କୌଣସି ଅନ୍ୟ ରୋଗ ହୁଏ ତାହାର ଆଶୁ ଚିକିତ୍ସା କରିବା ଦରକାର। ଏହା ସହିତ ଥାଲାସେମିଆ ରୋଗରେ ରକ୍ତ ସଞ୍ଚାଳନ ଦରକାର ପଡ଼େ। ଅସ୍ଥିମଜ୍ଜା ପ୍ରତିରୋପଣ ଆମ ରାଜ୍ୟରେ ଆରମ୍ଭ ହେବା ଏକ ଉଲ୍ଲେଖନୀୟ ଘଟଣା। ଏହା ସହିତ ଜିନ୍ ଥେରାପି ମଧ୍ୟ ସଫଳତାର ସହିତ କରାଯାଉଛି। ବିବାହ ପୂର୍ବରୁ ସବୁ ପରୀକ୍ଷା ସହ ସିକଲ୍ ସେଲ ପରୀକ୍ଷା କରାଇ ନେବା ଜରୁରୀ। ଶିଶୁଟି ଜନ୍ମ ହେବା ପରେ ଠିକ୍ ଭାବରେ ନ ବଢ଼ିବା, ବାରମ୍ବାର ଦେହ ଖରାପ ହେଲେ କିମ୍ବା ରକ୍ତହୀନତା ସମସ୍ୟା ଦେଖାଦେଲେ ଏହି ପରୀକ୍ଷା କରାଇ ନେବା ଆବଶ୍ୟକ।

ଆଜି ବିଶ୍ୱ ସିକଲ୍ ସେଲ୍ ଦିବସ



# ତ୍ରିପୁରା, ଅରୁଣାଚଳ ପ୍ରଦେଶରେ ଓଡ଼ିଶା ଭିଜିଲାନ୍ସ

## ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍ମାଙ୍କ ଘର, ଶ୍ୱଶୁର ଘରେ ଚଢ଼ାଉ

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ଲାଞ୍ଚ ନେବା ମାମଲାରେ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍ମାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରି ରାଜ୍ୟ ଭିଜିଲାନ୍ସ ଅଧିକ ଖୋଳତାଡ଼ ଚଳାଇଛି। ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସର ୩ଟି ଟିମ୍ ତ୍ରିପୁରା ଓ ଅରୁଣାଚଳ ପ୍ରଦେଶ ଯାଇ ଯାଞ୍ଚ କରୁଥିବା ବୁଧବାର ସୂଚନା ଦିଆଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଉତ୍ତର ତ୍ରିପୁରା ଜିଲା କାଞ୍ଚନପୁରରେ ଥିବା ଧୀମାନଙ୍କ ବାସଭବନ, ହିମାଚଳପ୍ରଦେଶର କୁଲ୍ଲୁଜିଲା ମନାଲି ଥାନା ଅନ୍ତର୍ଗତ ସମିନାଲା ଏବଂ ଲାହୋଲେ ସ୍ପିତି ଜିଲା କିଲଙ୍ଗ୍ ଥାନା ଅନ୍ତର୍ଗତ ରଙ୍ଗବେଷ୍ଟିତ ଶ୍ୱଶୁର ଘର ରହିଛି। ଭିଜିଲାନ୍ସ ଅଧିକାରୀମାନେ ବ୍ୟାଙ୍କ ଜମା ଓ ନିବେଶ ସମ୍ବନ୍ଧୀୟ ଦସ୍ତାବିଜ ଆଦିକୁ ଯାଞ୍ଚ କରୁଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଧୀମାନଙ୍କ ଘରେ ଚଢ଼ାଉ ପାଇଁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ଙ୍କ ଦ୍ୱାରା ୧୩ ତାରିଖରେ ସର୍ଚ୍ଚ ୱାରେଣ୍ଟ ଜାରି ହୋଇଥିଲା। ରବିବାର ଭିଜିଲାନ୍ସ ଟିମ୍ ଦୁଇ ରାଜ୍ୟକୁ ଯାଇ ତଦନ୍ତ ଜାରି ରଖିଛି। କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଧୀମାନଙ୍କୁ ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନିଲମ୍ବନ କରିଥିଲେ। ମଙ୍ଗଳବାର କୋର୍ଟ ଧୀମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

ସୂଚନାଯୋଗ୍ୟ, ବ୍ୟବସାୟିକ ନିୟମରେ ତ୍ରୁଟି ଦର୍ଶାଇ ଧୀମାନ ଜଣେ କ୍ରଶର ମାଲିକଙ୍କୁ କିଛିଦିନ ହେବ ଧମକାଉଥିଲେ। ୨୦ ଲକ୍ଷ ଟଙ୍କା ଟଙ୍କା ଲାଞ୍ଚ ନ ଦେଲେ ବ୍ୟବସାୟ ବନ୍ଦ କରିଦେବେ ବୋଲି ସେ ଚେତାବନୀ ଦେଉଥିଲେ। ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୁନ ୮ରେ ଭିଜିଲାନ୍ସ ଟିମ୍ ଧୀମାନଙ୍କୁ ଗିରଫ କରିଥିଲା। ଏହାପରେ ଧର୍ମଗଡ଼ସ୍ଥିତ ସରକାରୀ ଆବାସରୁ ଆଉ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା।

# ଜୁଲାଇ ୯ରେ ପରବର୍ତ୍ତୀ ଶୁଣାଣି, ପୁଣି ସମୟ ନେଲେ ସରକାର

## ହାଇକୋର୍ଟରେ ସାର୍ବଜନୀନ ପାଠାଗାର ମାମଲା

କଟକ,୧୮।୬(କାର୍ତ୍ତିକ ସାହୁ)

ସାର୍ବଜନୀନ ପାଠାଗାରକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ତଥ୍ୟର ସତ୍ୟପାଠ ଚଳିତ ଶୁଣାଣିରେ ପ୍ରଦାନ କରିପାରିନାହାନ୍ତି। ଅପରପକ୍ଷରେ ଏ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ ସରିଛି, ସତ୍ୟପାଠ ଆକାରରେ ଦାଖଲ ପାଇଁ ଅଧିକ ସମୟ ଆବଶ୍ୟକ। ତେଣୁ ଅଧିକ ସମୟ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନ ଗ୍ରହଣ କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୯ ତାରିଖକୁ ଧାର୍ଯ୍ୟ ହୋଇଥିବା ଜଣାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସାର୍ବଜନୀନ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲେ ବି ସେହି ଅନୁସାରେ କାର୍ଯ୍ୟକାରୀ ହେଉନାହିଁ। ଅଧିନିୟମର ଧାରା–୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା–୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠନ ହୋଇନାହିଁ।


**ODISHA HYDRO POWER CORPORATION LTD.**
**OHPC OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO: BARINIPUT, DIST: KORAPUT- 764006, PHONE:06854-242001, FAX-06854-242038
E-mail: sgmel.ukhep@gmail.com, CIN: U40101OR1995SGC003963

**E-Tender NOTICE No.-04/2025-26, Dated 17.06.2025**

**No.CAD-808:** The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid in double cover system** in **ONLINE MODE** only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/m to Shifting of Statue near Main Gate Power House, UKHEP, Bariniput and Signage of "UPPER KOLAB POWER HOUSE" UKHEP, Bariniput. | 5,29,462.34/- | 5,294/- | 4,720/- (Rs.40000 + 18% GST) | "C or D" Class | From 10.00 AM of Dt.23.06.2025 to 13.00 Hrs of Dt.30.06.2025 | At 12.30 Hrs. of 01.07.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

OIPR-04002/11/0099/2526 — **Sd./- Unit Head, UKHEP, Bariniput**



**IN THE COURT OF THE ADDL. DISTRICT JUDGE, KAMAKHYANAGAR**
**R.F.A. 37/2022**
**No.F-28** — **First Appeal No.155/1983**

1. Collector, Dhenkanal representing the State of Odisha
At/Po/Ps- Dhenkanal, Dist- Dhenkanal,
Others (Defendants)........................ Appeallants.
Vrs
Nityananda Panda and Others (plaintiff)........................ Respondents

**DRAFT PUBLICATION OF NOTICE**

To
1 (a) Nityananda Panda
1 (b) Niranjan Panda
1 (c) Nirakar Panda
1 (d) Prakash Panda
All are sons of Late Kirtan Panda
At/Po- Anlabereni, Ps-Tumusinga, Dist-Dhenkanal
1 (e) Basanti Panigrahi, W/o- Dibakar Panigrahi, D/o- Late Kirtan Panda, Village/Po- Chitalpur, Ps-Tumusinga, Dist-Dhenkanal (plaintiff)........................ Respondents.

Take notice that you are not appearing in the Court in spite of several summons issued to you by this Court, you are directed to appear in the undersigned Court on dt.20.06.25 At 10.30 AM failing which this Appeal shall be heard and decided in your absence.

**Sd./-Addl. District Judge Kamakhyanagar**
OIPR-24065/11/0001/2526



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES — No.CAD-809

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
**Tender Call Notice No.IDCO/H.O./P&C/ EST/E-2902/01/2025/ 17317, dated: 13.06.2025**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work:** Improvement and strengthening of road side berm and construction of balance portion drain with cover slab at I/E Angaragadia, Balasore 2025-26.
2. **Estimated Cost :** Rs.135.15 lakh (Approx.)
3. **Period of Completion:** 05 (Five) Calendar Months
4. **Other details :**

| Procurement Officer | Bid ID/ Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-17/2025-26 | 24.06.2025 at 17.00 Hrs. | 11.07.2025 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

**Sd./- Chief General Manager (P&C) IDCO, Bhubaneswar**
OIPR-14003/11/0178/2526



**ODISHA UNIVERSITY OF TECHNOLOGY AND RESEARCH**
**P.O. : MAHALAXMI VIHAR, BHUBANESWAR - 751 029**

Notice No. OUTR/Transport/2025-26/08Date:12/06/2025
**No.KK-87 : Sealed Tenders are invited** under two bid systems from reputed Registered Tour & Travel Agencies/ Experienced & financially sound Companies/ Private Individuals/ Partnership Firm for providing Light Commercial Vehicle (AC) on monthly/ daily basis to **OUTR, Bhubaneswar**.
Date of available in University Website : 12-06-2025 06:00 P.M.
Last date and time of submission of Bid : 14-07-2025 upto 03.00 P.M.
For details : Please visit : http://www.outr.ac.in
For any query please contact : Prof. Bishnu Narayan Mohapatra
Phone No- 7735430820, Email :- bnm@outr.ac.in

**OIPR-16005/11/0095/2526** — **Sd./- REGISTRAR**



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in
**INVITATION FOR BIDS (e-Procurement)**
**Bid identification no:- VI-08(06)/SERIFED/2025-26/ 747**

**No.CAD-802** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 01 (One) no of works at Boudh. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 19.06.2025 to 17.00 hours up to dt. 25.06.2025. Online bids shall be received till 17.00 hours dt. 25.06.2025 & shall be opened at 11.30 AM on Dt. 26.06.2025. Any addendum / corrigendum / cancellation of tender can also be seen in the said website.

**OIPR-39036/11/0051/2526** — **Sd./- MANAGING DIRECTOR**



**DISTRICT PROJECT MANAGEMENT UNIT PRADHAN MANTRI POSHAN SHAKTI NIRMAN (PM POSHAN)**
**DISTRICT EDUCATION OFFICE, JAJPUR**
Email- deojajpurtown13@gmail.com, dnojajpurmdm@gmail.com
**NO. 153/DPMU/DATE: 13.06.2025**

**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER PM POSHAN & MM POSHAN YOJANA**

**No.n-73** : Sealed tenders in the prescribed form are invited from the intending firms/individuals/ Companies/Corporations/Transporting Agencies having valid Transporting agent license under Odisha motor vehicles (licensing of agent) rules, 1990 for transportation of foodstuff (Rice) under PM POSHAN & MM POSHAN YOJANA of School & Mass Education Deptt. in Jajpur District during the year 2024-25. The tender papers along with details of terms and conditions of tender EMD, Capability Certificate and Statutory Requirements can be obtained by downloading from the District Website i.e. **https://jajpur.odisha.gov.in**. The cost of tender paper is Rs.10,500/- (Rupees Ten Thousand Five Hundred) only which is non-refundable and should be submitted with the tender form in shape of Demand draft made in favour of **DISTRICT EDUCATION OFFICER DPMU MDM JAJPUR** payable at **Punjab National Bank, Jajpur Town Branch**. The tender paper complete in all respect alongwith other required documents may be sent in sealed cover superscripted as **"SEALED TENDER FOR UNDERTAKING "TRANSPORTATION WORK OF FOODGRAINS(RICE) UNDER PM POSHAN & MM POSHAN YOJANA"** addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered post /Speed Post only so as to reach before **5 P.M. of 25.06.2025**. The tender shall be opened **at 11 A.M on 26.06.2025** by the Collector, Jajpur or by any officer authorized by him in presence of tenderers or their authorized representatives and tender committee members. The undersigned reserves the right to reject/ cancel any or all the tenders without assigning any reason thereof.

**Sd./- Collector & District Magistrate, Jajpur**
OIPR-27021/11/0001/2526


See Career Appointment on every Wednesday & Saturday


**OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR**
E-Mail : eebbsrrwss@gmail.com
**QUOTATION CALL NOTICE No. 08 of 2025-26**

**No.O-302** : Executive Engineer, RWS&S Division, Bhubaneswar on behalf of the Governor of Odisha invities quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (Online UPS-10 KVA & Replacement of Spray Chamber for ICP-MS) |
| 2 | No. of Item | 02(two) |
| 3 | Time for completion | 15 (fifteen) days |
| 4 | Cost of bidding document | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.20.06.2025 (10.00 A.M.) to Dt.30.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.30.06.2025 up to 4.00 P.M. |
| 7 | Date & time of opening of Quotation | Dt.01.07.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

**Sd./- Superintending Engineer, RWS&S Division, Bhubaneswar**
OIPR-25011/11/0018/2526



**OFFICE OF THE MUNICIPAL COUNCIL : KHORDHA**
H & UD Department, Govt. of Odisha, Khordha - 752055
E-Mail : khurda_municipality@yahoo.co.in, Phone No. 06755-220674
**"e" Procurement Notice**
**No.1977 / Date : 13.06.2025**

**No.C-535** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Tender Reference No. : KMPLTY/01/2025-26
2. Name of the Work : Civil Construction works as mentioned in website
3. No. of works : 2 Nos.
4. Eastimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date. **17.06.2025** at **11:00 A.M.**
8. Last date & time for receipt of bids in the portal : Date. **24.06.2025** up to **05:30 P.M.**
9. Bids received online shall be opened on : Date. **26.06.2025** from **11:00 A.M.**
10. Name and address of the Officer inviting Bid : O/o-Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

**Sd./- Executive Officer Khordha Municipality**
OIPR-13082/11/0021/2526



**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR** — No.C-534
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.13.06.2025**

1 Nos. of works : 02 Nos (Two Nos)
2 Estimate cost : Rs.364.76 Lakhs & Rs.106.36 Lakhs
3 Period of completion : 03 (Three) Months & 12 (Twelve) Months
4 Class of contractor : B & A Class
5 Date & Time of availability of bid document in the portal : From 11.00 A.M. of Dt. 18.06.25 to 5.00 P.M. of 08.07.2025
6 Last date / time of receipt of bids in the portal : 5.00 P.M. of 08.07.2025
7 Last date & time of seeking clarification : 5.00 P.M. of 23.06.2025
8 Date & time of opening of bids : At 12.30 P.M. of 09.07.2025
9 Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal "https://www.tendersorissa.gov.in".

**Sd./- GENERAL MANAGER WATCO DIVISION-II, BHUBANESWAR**
OIPR-13089/11/0022/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
Letter No.1904, — **1st Corrigendum Notice** — Date:12.06.25

**1st Corrigendum to Bid Identification No. Tender Online RCK-10/25 invited this Office Letter No.1729, Dt.30.05.2025**
**No.O-304:** The changes as detailed below are hereby made in the above N.I.T.:-
**1 Clause No.-06 of NIT modified below:-**

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-10/25 | From 09.06.2025 at 11.00 AM to 23.06.2025 upto 05.00 PM | From 21.06.2025 at 05.00 PM to 09.07.2025 upto 05.00 PM | 23.06.2025 upto 02.00 PM | 09.07.2025 upto 02.00 PM | 24.06.2025 at 11.00 AM | 10.07.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.

**Chief Construction Engineer Rural Works Circle, Kendrapara-Jajpur**
OIPR-25129/11/0054/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
Letter No.1902, — **2nd Corrigendum Notice** — Date:12.06.25

**2nd Corrigendum to Bid Identification No. Tender Online RCK-09/25 invited this Office Letter No.1575, Dt.19.05.2025**
**No.O-305:** The changes as detailed below are hereby made in the above N.I.T.:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-09/25 | From 28.05.2025 at 11.00 AM to 21.06.2025 upto 05.00 PM | From 21.06.2025 at 05.00 PM to 05.07.2025 upto 05.00 PM | 21.06.2025 upto 02.00 PM | 05.07.2025 upto 02.00 PM | 21.06.2025 at 11.00 AM | 06.07.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.

**Sd./- Chief Construction Engineer Rural Works Circle, Kendrapara-Jajpur**
OIPR-25129/11/0055/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଏଣ୍ଟ ଖାତା ଖୋଲିଲା ବ୍ଲାକ୍ ଟାଇଗର୍ସ

## ରଗ୍‌ବୀ ପ୍ରିମିୟର ଲିଗ୍

ମୁମ୍ବାଇ, ୧୮।୬

ସ୍ଥାନୀୟ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଦେଶର ସର୍ବପ୍ରଥମ ଜିଏମ୍‌ଆର ରଗ୍‌ବୀ ପ୍ରିମିୟର ଲିଗ୍‌ରେ ପଏଣ୍ଟ ଖାତା ଖୋଲିଛି ଭୁବନେଶ୍ୱର ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ। ପ୍ରଥମ ୨ଟି ମ୍ୟାଚରେ କ୍ରମାଗତ ପରାଜୟ ପରେ ଏହି ଦଳ ବୁଧବାର ଚେନ୍ନାଇ ବୁଲ୍ସ ବିପକ୍ଷ ମ୍ୟାଚକୁ ୨୬-୨୬ ପଏଣ୍ଟରେ ଡ୍ର ରଖିଛି। ଅନ୍ୟପକ୍ଷରେ ଚେନ୍ନାଇ ବୁଲ୍ସ ପ୍ରତିଯୋଗିତାରେ ଅପରାଜେୟ ଆଖ୍ୟା ବଜାୟ ରଖିଛି। ଚେନ୍ନାଇକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ବ୍ଲାକ୍ ଟାଇଗର୍ସ। ଫଳରେ ଦଳ ପାଇଁ ମ୍ୟାଚ ଡ୍ର ରଖିବା ସହଜ ହୋଇ ନ ଥିଲା। ତେବେ ଅଧିକାଂଶ ସମୟ ପଛୁଆ ରହିଥିଲେ ମଧ୍ୟ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଭାଗ କରିଥିଲା। ୪ ମ୍ୟାଚରୁ ଚେନ୍ନାଇ ବୁଲ୍ସର ପଏଣ୍ଟ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୩ ମ୍ୟାଚରୁ ୨ ପଏଣ୍ଟ ହାସଲ କରିଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଏହାର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ହାଇଦ୍ରାବାଦ ହିରୋଜଠାରୁ ୧୪-୨୪ ଓ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ନିକଟରୁ ୧୦-୩୫ ପଏଣ୍ଟରେ ହାରିଥିଲା। ତୃତୀୟ ମ୍ୟାଚରେ ଦଳ ଚମତ୍କାର ପ୍ରଦର୍ଶନ କରି ଟେବୁଲ ଟପ୍ପର ଚେନ୍ନାଇ ବୁଲ୍ସ ବିପକ୍ଷରେ ମ୍ୟାଚ ଡ୍ର ରଖିଛି। ଚେନ୍ନାଇ ଦଳ ନିଜର ପ୍ରଥମ ୩ ମ୍ୟାଚରେ ଯଥାକ୍ରମେ ମୁମ୍ବାଇ ଡ୍ରିମର୍ସକୁ ୨ଟି ମ୍ୟାଚରେ ୨୪-୫ ଓ ୩୧-୧୭ ଏବଂ ଦିଲ୍ଲୀ ରେଜ୍‌କୁ ୨୧-୭ରେ ପରାସ୍ତ କରିଥିଲା। ବୁଧବାର ଦ୍ୱିତୀୟ ମ୍ୟାଚ ମୁମ୍ବାଇ ଡ୍ରିମର୍ସ ଓ ଦିଲ୍ଲୀ ରେଜ୍ ମଧ୍ୟରେ ଅନୁଷ୍ଠିତ ହେଉଛି।




## ଜନ୍ମଦିନ ଶୁଭେଚ୍ଛା



ଶୁଭଶ୍ରୀ ପୃଷ୍ଟି(ଗୁଗୁଲୁ)
ବାଜପୁର, କାକଟପୁର
ତୋର ୨୬ତମ ଜନ୍ମ ଉତ୍ସବ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା ଶ୍ରୀରାଧା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଆଈ, ବୁବୁଲୁ, ଡୁଡୁଲୁ


# ଆଜିଠୁ ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର



ଖବରଦାତା ସମ୍ମିଳନୀ ଅବସରରେ କର୍ମକର୍ତ୍ତା ଓ ଖେଳାଳିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ନାମେଣ୍ଟ ଗୁରୁବାର ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହେବ। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍‌ଏଓ ପକ୍ଷରୁ ଏହା ହେବ ୩ୟ ଇଭେଣ୍ଟ। ୬ରେଡ୍ ଫର୍ମାଟ ଚାମ୍ପିୟନଶିପ୍‌ରେ ଏପର୍ଯ୍ୟନ୍ତ ୪୦ ଖେଳାଳି ଅଂଶଗ୍ରହଣ ପାଇଁ ସ୍ୱିକୃତି ଦେଇ ସାରିଛନ୍ତି। ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦, ରନରଅପ୍‌ଙ୍କୁ ୧୧,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲିଷ୍ଟଙ୍କୁ ୫,୦୦୦, କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୨,୫୦୦, ସର୍ବାଧିକ ବ୍ରେକ୍ ପାଇଁ ୫,୦୦୦ ଓ ସର୍ବାଧିକ (୭୫) ପଏଣ୍ଟ ପାଇଁ ୧୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ବିଏସ୍‌ଏଓ ସମ୍ପାଦକ ସମିର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭିନ୍‌ଟେଜ କ୍ଲବର ପ୍ରତିଷ୍ଠାତା ତଥା ମାଲିକ ଅମିୟ ରଞ୍ଜନ ନାୟକ, ପାର୍ଟନର ସତ୍ୟଦୀପ ଦାସ ଏବଂ ଅନ୍ୟ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିବା ଟେମ୍ବା ବାଭୁମାଙ୍କ ଦଳକୁ ବୁଧବାର ଦକ୍ଷିଣ ଆଫ୍ରିକାରେ ଭବ୍ୟ ସ୍ୱାଗତ କରାଯାଉଛି।

# ଜରୁରିକାଳୀନ ବୈଠକ ଡକାଇଲେ ଇସି ସଦସ୍ୟ

## ଏଆଇଟିଏ ବିବାଦ ଘନେଇଲା

ନୂଆଦିଲ୍ଲୀ, ୧୮।୬(ପି.ଟି.)

ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ନିର୍ବାଚନକୁ ନେଇ ଦେଖାଦେଇଥିବା ବିବାଦ ଘନେଇବାରେ ଲାଗିଛି। ଗତ ବର୍ଷ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିବା ସଭାପତି ଅନୀଲ ଜୈନ ଗତ ମେ' ୨୬ ତାରିଖରେ ଫେଡେରେଶନ ନିର୍ବାଚନକୁ ବାତିଲ କରିବା ଲାଗି ଦିଲ୍ଲୀ ହାଇକୋର୍ଟକୁ ଅନୁରୋଧ କରିଥିଲେ। ଏହାର ପ୍ରତିକ୍ରିୟାରେ ଫେଡେରେଶର କାର୍ଯ୍ୟକାରୀ କମିଟି(ଇସି) ସଦସ୍ୟମାନେ ଆସନ୍ତା ୨୭ ତାରିଖରେ ବୈଠକ ଲାଗି ଡାକରା ଦେଇଛନ୍ତି।

ଜୈନ ବ୍ୟକ୍ତିଗତ ଫାଇଦା ଲାଗି ଫେଡେରେଶନରେ ନିଜ ପଦବୀକୁ ବ୍ୟବହାର କରିଥିବା ନେଇ ଅଭିଯୋଗ ସହ ଏଆଇଟିଏର ଏକ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନ ପକ୍ଷରୁ ଅନସ୍ଥା ପ୍ରସ୍ତାବ ଅଣାଯାଇଥିଲା। ପରେ ଅନାସ୍ଥା ପ୍ରସ୍ତାବକୁ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପୂର୍ବରୁ ପ୍ରତ୍ୟାହାର କରାଯାଇଥିଲା। ଏଜିଏମ୍‌ରେ ନୂଆ କାର୍ଯ୍ୟକାରୀ କମିଟି ଲାଗି ସଦସ୍ୟ ନିର୍ବାଚିତ ହୋଇଥିଲେ। ହେଲେ ପୂର୍ବତନ ଖେଳାଳି ସୋମଦେବ ବର୍ମନ ଓ ପୁରବ ରାଜା ନିର୍ବାଚନର ବୈଧତାକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଫଳରେ ସେବେଠାରୁ ନିର୍ବାଚନର ଫଳାଫଳ ବନ୍ଦ ଲିଫାପାରେ କୋର୍ଟଙ୍କ ନିକଟରେ ରହିଛି। ଏଥିଯୋଗୁ ନବ ନିର୍ବାଚିତ ସଦସ୍ୟ ଏପର୍ଯ୍ୟନ୍ତ ନିଜ ଦାୟିତ୍ୱ ସମ୍ଭାଳି ପାରିନାହାନ୍ତି।

ବର୍ମନଙ୍କ ଆବେଦନରେ ପ୍ରତିକ୍ରିୟା ରଖି ଜୈନ ଗତ ମେ' ୨୬ ତାରିଖରେ ନିଜ ଅନୁରୋଧରେ କହିଥିଲେ ଯେ, ଏଆଇଟିଏ ନିର୍ବାଚନକୁ ବାତିଲ କରାଯିବା ଉଚିତ। କିନ୍ତୁ ଫେଡେରେଶନର ପରିଚାଳନା ପାଇଁ ପ୍ରଶାସନିକ କମିଟି (ସିଓଏ)କୁ ନିଯୁକ୍ତ ନକରିବାକୁ ଅନୁରୋଧ କରିଥିଲେ। ନହେଲେ ସିଓଏକୁ ନିଯୁକ୍ତ କରାଯିବା ଦ୍ୱାରା ଆନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଓ ଏସିଆନ ଟେନିସ ମହାସଂଘ (ଏଟିଏଫ୍) ଆପତ୍ତି ଉଠାଇବେ ଏବଂ ଏଆଇଟିଏ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି, ଯାହାକି ଫେଡେରେଶନର କାର୍ଯ୍ୟରେ ବାଧକ ସାଜିବ। ଅନ୍ୟପକ୍ଷରେ ଜୈନ କୋର୍ଟରେ ତାଙ୍କ ପ୍ରତିକ୍ରିୟା ରଖିବା ପୂର୍ବରୁ ସେମାନଙ୍କ ପରାମର୍ଶ ନେଇନଥିଲେ ବୋଲି ଇସି ସଦସ୍ୟମାନେ ଦାବି କରିଛନ୍ତି। ଏଭଳି ପ୍ରତିକ୍ରିୟା ରଖିବା ଲାଗି ଇସି ସଦସ୍ୟଙ୍କର ସହମତି ଦରକାର। ସେ ଏହାକୁ ସିଧାସଳଖ କୋର୍ଟରେ ଦାଖଲ କରିପାରିବେ ନାହିଁ। ଇସିକୁ ପ୍ରଥମେ ପ୍ରସ୍ତାବ ପାରିତ କରିବାର ଥିଲା। ତା' ପରେ କୋର୍ଟରେ ଉତ୍ତର ରଖାଯାଇପାରିବ। ଜୈନ ସମସ୍ତ ସଦସ୍ୟଙ୍କୁ ଅଯୋଗ୍ୟ କରିବାକୁ ଚେଷ୍ଟା କରୁଛନ୍ତି। ଆଜି ବି ସ୍ୱୀକୃତି ପାଇନଥିବା ବ୍ୟକ୍ତି ଫେଡେରେଶନ ପରିଚାଳନା କରୁଛନ୍ତି ବୋଲି ହିରନମୟ ଚାଟାର୍ଜୀ କହିଛନ୍ତି। ହିରମନ ଆସନ୍ତା ୨୭ ତାରିଖରେ ଇସି ବୈଠକ ଲାଗି ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ଜୈନ କହିଛନ୍ତି ଯେ, ମୁଁ ଏବେ ବି ଏଆଇଟିଏ ସଭାପତି। ସାଧାରଣ ସମ୍ପାଦକଙ୍କ ବିରୋଧରେ ରିଟ ପିଟିସନ ଦାଖଲ କଲା ବେଳେ ସେମାନେ ମୋ ପରାମର୍ଶ ନେଇନଥିଲେ। ସେମାନଙ୍କର ଲୁକାୟିତ ଉଦ୍ଦେଶ୍ୟ ରହିଛି। ମୁଁ ନିର୍ବାଚନ ପ୍ରକ୍ରିୟାରେ ଖୁସି ନଥିଲି। ଏଣୁ ମୁଁ ନାମାଙ୍କନ ଦାଖଲ କରି ନଥିଲି। ସେମାନେ ସ୍ପୋର୍ଟ୍ସ କୋର୍ଡର କାର୍ଯ୍ୟକାଳ ଗାଇଡ୍ ଲାଇନ ପାଳନ କଲେ ନାହିଁ। ଏଆଇଟିଏ ସ୍ପୋର୍ଟ୍ସ କୋଡ୍ ପାଳନ କରିବା ଉଚିତ। ସେମାନେ ଡକାଇଥିବା ଇସି ବୈଠକ ବେଆଇନ। ସାଧାରଣ ସମ୍ପାଦକ ଏହାକୁ ଡକାଇ ନାହାନ୍ତି ଏବଂ ମୋ ପରାମର୍ଶ ମଧ୍ୟ ନିଆଯାଇ ନାହିଁ। ସେମାନେ ମୋ ବିରୋଧରେ ଖରାପ ଓ ଭିତ୍ତିହୀନ ଆଧାରରେ ମୋ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଣିଥିଲେ।


# Classified Everyday

0674-2580101, 9692975378



## REAL ESTATE

### SALE

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9090746445, 7008067338.** D-76275

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**A Commercial Plot Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452** D-76467

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

Positively health benefits SPA expert female therapist homely atmosphere. 8658088274. D-974

## LOST

ମୁଁ ଓହିଦ ଶାହା, ବୟସ ୬୧ ବର୍ଷ, ପିତା- ଖଲିଲ ଶାହା ମରହୁମ, ସା- ଦହନାଶୁଣୀ (କାଜିବଜାର), ପୋଷ୍ଟ- ଗରଦପୁର, ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ, ଏକ ଘରବାଡ଼ି ବୃତ୍ତି ପାଇଁ ତୋହିଦ ଶାହାଙ୍କ ଠାରୁ ରେଜିଷ୍ଟ୍ରି ଦଲିଲ ନମ୍ବର ୩୭୩୧ ଗତ ୦୨।୧୧।୨୦୧୭ ରେ ଖରିଦ କରିଥିଲୁ। ଉକ୍ତ ଦଲିଲ ଘରୁ କଚେରି ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ଶତଚେଷ୍ଟା କରିସାରିବା ପରେ ମଧ୍ୟ ଉପରଲିଖିତ ଦଲିଲ ପାଇବାରେ ସକ୍ଷମ ହୋଇନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଫୋନ୍- 8249554228, 9776189770 D-985

## AFFIDAVIT

I, Suresh Kumar Peddina, S/o Late Pedina Ananta Rao, Resident of ward No.-5, At- Dera Sahi, Gudari, P.O./P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated- 21.05.2025, that now onwards I shall be known as Suresh Kumar Pedina for all future purposes. D-980

By virtue of affidavit sworn before the Executive Magistrate, Bhubaneswar, on dated- 17th June 2025, I Smt. Prabhati Badatya, Address: At- Baliapata Basti, GGP Colony, Bhubaneswar- 751025, Odisha, have changed my Minor son name from " Santosh Badadia (old name) to Santosh Badatya" ( new name). Henceforth my minor son shall be known as " Santosh Badatya" for all purposes. D- 972

By virtue of an affidavit sworn before the Notary Public, Sonepur, dated- 10.06.2025, I, Pinki Biswal, At/P.O.- Bhimtikira, P.S.- Binka, Dist.- Subarnapur, Odisha- 767019 declare that I have changed my name from Pinki Swain to Pinki Biswal. Henceforth, I Shall be known as Pinki Biswal for all purposes. D-977

By virtue of an affidavit No.- 1616, dated- 17.06.25, sworn before Executive Magistrate, Bhandaripokhari. I Balaram Sahoo(39) S/o Narahari Sahoo, Vill- Kaharapokhari, P.O.- Piripur, P.S.- Bhandaripokhari, Dist.- Bhadrak, declare that my real name is Balaram Sahoo as per Aadhar xxxx xxxx 2643 & SBI A/C. But in LIC pol. NO.- 586231371, wrongly mentioned as Balabhadra Sahoo. So Balaram Sahoo, Balabhadra Sahoo one & same person for future purposes. D-981

By virtue of an affidavit sworn before the Executive Magistrate, Titilagarh, No.- 413, dated- 10.06.2025, I Anita Poddar, W/o- Late Govind Poddar, R/o. At/P.O./P.S.- Titilagarh, Dist.- Balangir, Odisha, PIN- 767033, declare that I have changed my daughter's name from Krapali Poddar to Kripali Poddar. Henceforth she shall be known as Kripali Poddar for all purposes.
Anita Poddar D-979

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Executive Magistrate, Boudh No.- 938, dated- 11.06.25, I Seshadev Meher, R/o. Village- Baghapali, P.O.- Sarasara, P.S./ Dist.- Boudh, Odisha, PIN- 762026, declare that I have changed my son's name from Dipak Meher to Deepak Meher. Henceforth he shall be known as Deepak Meher for all Purposes.
Seshadev Meher D-978

By virtue of an affidavit sworn before in the Court of Executive Magistrate, Hatadihi, Keonjhar, dated- 28.05.2025, I, Shibani Mana, Address- At/P.O./Via- Hatadihi, P.S.- Nandipada, PIN- 758083, Dist.- Keonjhar, State- Odisha, declare that I have changed my name from Shibani Baitha to Shibani Mana. Henceforth, I shall be Known as Shibani Mana for all purposes. D-976

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ଜୁରିଆ ମୁଦୁଲି
ସ୍ଥାନ- ବ୍ରହ୍ମାନଗର ୩ୟ ଲାଇନ୍, ହନୁମାନ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ
ତିରୋଧାନ : ୨୯.୦୬.୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଜୀବନାଦର୍ଶକୁ ପାଥେୟ କରି ତୁମ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ। D-976


## ମାଷ୍ଟର୍ସ କପ୍ ହକି ଆରମ୍ଭ

# କର୍ଣ୍ଣାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ବିଜୟୀ

ଚେନ୍ନାଇ, ୧୮।୬

ହକି ଇଣ୍ଡିଆ ଆନୁକୂଲ୍ୟରେ ବହୁ ପ୍ରତୀକ୍ଷିତ ସର୍ବପ୍ରଥମ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ମହିଳା ବିଭାଗରେ ୮ଟି ଶ୍ରେଷ୍ଠ ଦଳ ଓଡ଼ିଶା, କର୍ଣ୍ଣାଟକ, ହରିୟାଣା, ହିମାଚଳ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ଓ କେରଳ ଦଳ ଅଂଶଗ୍ରହଣ କରିଛନ୍ତି। ସେହିପରି ପୁରୁଷ ବିଭାଗରେ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଚଣ୍ଡିଗଡ଼, ହରିୟାଣା, କର୍ଣ୍ଣାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ, କେରଳ, ପୁଡୁଚେରୀ ଓ ମଣିପୁର ଆଦି ୧୧ଟି ଦଳ ପରସ୍ପର ସହ ମୁକାବିଲା କରିବେ। ୨୭ ତାରିଖରେ ପ୍ରତିଯୋଗିତା ଶେଷ ହେବ। ପ୍ରଥମ ଦିବସରେ ମର୍ନାଟକ ଓ ମହାରାଷ୍ଟ୍ର ମହିଳା ଏବଂ ପଞ୍ଜାବ ଓ ତାମିଲନାଡୁ ପୁରୁଷ ବିଭାଗରେ ବିଜୟ ହାସଲ କରିଛନ୍ତି।

ଦିବସର ପ୍ରଥମ ମ୍ୟାଚରେ କର୍ଣ୍ଣାଟକ ମହିଳା ଦଳ ୭-୦ ଗୋଲରେ କେରଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସ୍ନେହା ସି. ୧୫, ୧୭ ଓ ୫୦ତମ ମିନିଟରେ ଗୋଲ ଦେଇ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଅଧିନାୟିକା କେ.କେ. କାର୍ତ୍ତିକ ୪୨ ଓ ୫୫ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ମହାରାଷ୍ଟ୍ର ୫-୦ ଗୋଲରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ପୁରୁଷ ବିଭାଗର ପ୍ରଥମ ମ୍ୟାଚରେ ପଞ୍ଜାବ ୩-୨ ଗୋଲରେ ପୁଡୁଚେରୀକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ପଞ୍ଜାବ ବାଜି ମାରିଛି। ଅନ୍ୟଏକ ମ୍ୟାଚରେ ତାମିଲନାଡୁ ୮-୦ ଗୋଲରେ କେରଳକୁ ହରାଇଛି। ତାମିଲନାଡୁ ପକ୍ଷରୁ ରାମାଦୋସ ଭି. ୧୪ ଓ ୪୪ତମ ମିନିଟରେ ୨ଟି ଗୋଲ ଦେଇଥିଲେ।

# ଯାହା ଭାବୁଥିଲେ ଅଭିଷେକ..


'ଭାବାନ୍ତର' ଫିଲ୍ମରେ (ବାମରୁ)ସରୋଜ, ସୂର୍ଯ୍ୟମୟୀ, ଅଭିଷେକ

**ବେ**ଳେବେଳେ ମଣିଷ ଯାହା ଚିନ୍ତା କରିଥାଏ, ତାହା ସତରେ ପରିଣତ ହୋଇଥାଏ। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ବର୍ତ୍ତମାନ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ସଫଳତାର ସହ ପ୍ରଦର୍ଶିତ ହେଉଛି ଓଡ଼ିଆ ସିନେମା 'ଭାବାନ୍ତର'। ଫିଲ୍ମଟି ହିଟ୍ ହେବ ବୋଲି ଆକଳନ କରିଥିଲେ ଏଥିରେ ନାୟକ ଭୂମିକାରେ ଅଭିନୟ କରିଥିବା ଅଭିଷେକ ଗିରି, ଯାହା ସତରେ ପରିଣତ ହୋଇଛି। ଏ ବିଷୟରେ ସେ କହନ୍ତି, ''ଶୁଟିଂ ସମୟରେ ମୋ ମନକୁ ଏକଥା ଆସିଥିଲା ଯେ ଅନନ୍ତ ମହାପାତ୍ରଙ୍କ ଭଳି ବିଶିଷ୍ଟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନା ବଡ ପରଦାରେ ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଆଉ ଫିଲ୍ମଟି ରିଲିଜ ହେବା ପରେ ତାହା ସତ ହୋଇଛି। ତାଙ୍କ ଭଳି ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ।'' ଏହାର ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ।

# ଭୁଲନ୍ତି ନାହିଁ ବାଣୀ


ବାଣୀ

**ବା**ଣୀ କପୁର ଏବେ ଅଭିନୟ ସହ ଜଡିତ। ହେଲେ ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କଥା ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ବାସ୍କେଟବଲ ଖେଳିବା। ପାଠ ପଢ଼ିବା ସମୟରେ ସେ ଏହି ଖେଳ ସହ ଜଡିତ ଥିଲେ। ଏପରି କି ସେ ଜଣେ ଜାତୀୟ ସ୍ତରୀୟ ବାସ୍କେଟବଲ ଖେଳାଳି। ଏ ବିଷୟରେ ବାଣୀ କହନ୍ତି, ''ପାଠ ପଢ଼ିବା ବେଳେ ମୁଁ ବାସ୍କେଟବଲ୍ ପ୍ରତି ଆକର୍ଷିତ ହୋଇଥିଲି। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଅଭ୍ୟାସ କରିବାର ସୁଫଳ ମୋତେ ମିଳିଥିଲା। କାରଣ ମୁଁ ଜାତୀୟ ସ୍ତରରେ ବାସ୍କେଟବଲ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲି। ଏବେ ସମୟ ମିଳିଲେ ମୁଁ ନିଜକୁ ଏହା ସହ ନିୟୋଜିତ ରଖିଥାଏ।'' ଅଭିନୟ ପୂର୍ବରୁ ସେ ମଧ୍ୟ ମଡେଲିଂ ସହ ଜଡିତ ଥିଲେ। ଛୋଟ ପରଦାରେ ମୁହଁ ଦେଖାଇବା ପରେ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ, ଯାହାଙ୍କ ଅପୋଜିଟ୍‌ରେ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହିଥାଆନ୍ତି।

# ଦିଲ୍ ନା ଲଗେ...

**ବ**ଲିଉଡ୍‌ର ଲୋକପ୍ରିୟ ଟାଇମ୍ସ ଅଡିଓରେ ନିକଟରେ ମୁକ୍ତିଲାଭ କରିଛି ହିନ୍ଦୀ ମ୍ୟୁଜିକ ଭିଡିଓ 'ଦିଲ୍ ନା ଲଗେ..'। ଏଥିରେ ଓଡ଼ିଆ ଅଭିନେତା ରାକେଶ ଦେଓ ଓ ଅଭିନେତ୍ରୀ ସ୍ୱପ୍ନା ପତି ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ମଧ୍ୟ ଓଡ଼ିଆ। ଏଥିରେ ଉଭୟ ବଲିଉଡ୍ ଏବଂ ଓଲିଉଡ୍‌ର ଗୋଟିଏ ଲେଖାଏଁ ଟିମ୍ କାମ କରିଛନ୍ତି। ସୁଦୀପ ଜେନାଙ୍କ ସ୍ୱର ସଂଯୋଜନାରେ ହିନ୍ଦୀ ଚଳଚ୍ଚିତ୍ରର ଜଣାଶୁଣା ଗାୟିକା ପ୍ରତୀକ୍ଷା ବଶିଷ୍ଠ ଏଥିରେ କଣ୍ଠଦାନ କରିଛନ୍ତି। ମୁମ୍ବାଇର ଆର୍ ଆଣ୍ଡ ବି ଷ୍ଟୁଡିଓରେ ଏହାକୁ ରେକର୍ଡ କରାଯାଇଛି। ଅପରପକ୍ଷରେ ଓଲିଉଡ୍ ଟିମ୍‌ର ନେତୃତ୍ୱ ନେଇଛନ୍ତି ବଲିଉଡ୍‌ରେ ଅବସ୍ଥାପିତ ଓଡ଼ିଆ ପ୍ରଯୋଜକ ରାଜେଶ କୁମାର ମହାନ୍ତି। ଏସ୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଟାଇମ୍ସ ଅଡିଓ ନିବେଦିତ ଏହି ମ୍ୟୁଜିକ ଭିଡିଓର ନିର୍ଦ୍ଦେଶକ ଅଛନ୍ତି ସଞ୍ଜୟ କୁମାର ସାହୁ। ସେ ଏହାର ନୃତ୍ୟ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଭୁବନେଶ୍ୱର ଓ ପୁରୀରେ ଏହାର ଶୁଟିଂ ହୋଇଛି।

# ଆପ୍ପା ରାଓର ମନ କଥା

**ଖୁ**ବ୍‌ଶୀଘ୍ର ବଡ ପରଦାରେ ଆପ୍ପା ରାଓ ନିଜର ମନ କଥା କହିବ। ଏଭଳି ଏକ ଚରିତ୍ର ପଛରେ କ'ଣ ରହସ୍ୟ ରହିଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ। ହଁ, ଏପରି ଏକ ରୋଲ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସୁଛନ୍ତି ସୋସିଆଲ ମିଡିଆର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପ୍ରୀତିରଞ୍ଜନ ପ୍ରଧାନ। ଆଉ ଚଳଚ୍ଚିତ୍ରଟି ହେଲା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଲଢ଼େଇ'। ଅବଶ୍ୟ ଏହା ତାଙ୍କ ଅଭିନୀତ ପ୍ରଥମ ସିନେମା ନୁହେଁ। ତେବେ ଏଭଳି ଏକ ଭୂମିକା ବିଷୟରେ ସେ କହନ୍ତି, ''ଏହି ଚରିତ୍ର ପଛରେ ଅନେକ କଥା ଲୁଚି ରହିଛି। ତେଣୁ ଏବେଠାରୁ ମୁଁ ତାହାକୁ ସାମ୍‌ନାକୁ ଆଣିବାକୁ ଚାହୁଁନାହିଁ। ବର୍ତ୍ତମାନ ସୁଦ୍ଧା ମୋତେ ଯେତେ ଭୂମିକା ମିଳିଛି ତନ୍ମଧ୍ୟରୁ ଆପ୍ପା ରାଓ ହେଉଛି ଭିନ୍ନ ଧରଣର। ଯେତେବେଳେ ମୁଁ ଏହି ରୋଲ୍ ବିଷୟରେ ଅବଗତ ହେଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ପେସାରେ ଜଣେ ଖେଳ ଶିକ୍ଷକ, ହେଲେ ଅଭିନୟ ମାୟାରେ ସେ ପିଲାଟି ଦିନରୁ ପଡିଯାଇଛନ୍ତି। ବଡ ପରଦାରେ ସୁଯୋଗ ପାଇବା ପୂର୍ବରୁ ସେ ଅନେକ ଥିଏଟର ନାଟକରେ ଅଭିନୟ କରିସାରିଛନ୍ତି। ଖାସ୍ କଥା ହେଲା, ନିଜର ହୋମ୍ ବ୍ୟାନରରେ ଏଥର ନାୟକ ସାଜୁଛନ୍ତି ଲୋହିତାକ୍ଷ ପଟ୍ଟନାୟକ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଅଭିଲିପ୍ସା। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଭରଦ୍ୱାଜ ପଣ୍ଡା ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଏବଂ ସୋମେଶ ଶତପଥୀ। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ଲଢ଼େଇ' ଫିଲ୍ମରେ ପ୍ରୀତିରଞ୍ଜନ

# ନାମକରଣ ଅନ୍ତରାଳେ

**କି**ଆରା ଆଡ୍‌ଭାନୀ ଇତିମଧ୍ୟରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ହେଲେ ଦିନେ ସେ ଯେ ଅଭିନେତ୍ରୀ ସାଜିବେ ଏକଥା କେବେ କଳ୍ପନା କରି ନ ଥିଲେ। ପ୍ରଥମେ ସେ ଏକ ସ୍କୁଲରେ ଶିକ୍ଷକତା କରୁଥିଲେ। ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଥିବା ଏହି ଅଭିନେତ୍ରୀଙ୍କ ଅଭିନୀତ ପ୍ରଥମ ସିନେମା ହେଲା 'ଫୁଗଲି' (୨୦୧୪)। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ୱାର ୨' ଆସନ୍ତା ମାସ ୧୪ରେ ରିଲିଜ ହେବାକୁ ଯାଉଛି। ତେବେ କିଆରା ହେଉଛି ତାଙ୍କର ସ୍କ୍ରିନ୍ ନେମ୍। ହେଲେ ଏହି ନାମକରଣ ପଛରେ ଏକ ରହସ୍ୟ ଲୁଚି ରହିଛି। ତାଙ୍କର ପ୍ରକୃତ ନାମ ଥିଲା ଆଲିୟା। ହେଲେ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ନିଜ ନାମକୁ ବଦଳାଇବାକୁ ଚାହିଁଥିଲେ। ତେବେ ଏ ସମ୍ପର୍କରେ ସେ କହନ୍ତି, ''ମୁଁ ଯେତେବେଳେ ମୋର ଏକ କ୍ୟାଚି ସ୍କ୍ରିନ୍ ନେମ୍ ଦେବାକୁ ଚାହିଁଲି ସେତେବେଳେ ଗୋଟିଏ କଥା ମୋତେ ବେଶ୍ ଅନୁପ୍ରାଣିତ କରିଥିଲା। ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିବା 'ଅଞ୍ଜାନା ଅଞ୍ଜାନୀ'ରେ ତାଙ୍କର ଭୂମିକାଟିର ନାମ ଥିଲା କିଆରା। ବାସ୍, ଏକଥା ମୋ ମନକୁ ଆସିବା ପରେ ମୁଁ ନିଜ ସ୍କ୍ରିନ୍ ନେମ କିଆରା ରଖିଥିଲି।''


କିଆରା

# ସମାଧାନର ବାଟ ଖୋଜାଯାଉ

**ଓ**ଡ଼ିଆ ସିନେମାକୁ ୯୦ ବର୍ଷ ହେଲା। ଆମେ ଚାଲି ନ ଜାଣି ବାଟର ଦୋଷ ଦେଇ କେବଳ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ ହେଉ ବୋଲି ମନ୍ତବ୍ୟ ଦେଉଛେ। ଆମେ କେବଳ ଆଶାରେ ମନ ଦମ୍ଭ କରି ରହୁଛେ। ୯୦ ବର୍ଷର ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇଥିଲେ ମଧ୍ୟ ଏଭଳି କେତେକ ସମସ୍ୟା ରହିଛି ଯାହାର ସମାଧାନ ଜରୁରୀ ହୋଇପଡିଛି। କେବଳ ଭାଷଣ ଦେଲେ ହେବ ନାହିଁ, ସବୁ କାମ ବାସ୍ତବରେ ହେଲେ ଆମ ସିନେମା ଆହୁରି ଆଗକୁ ଯାଇପାରିବ। ପ୍ରଥମ କଥା ହେଲା ପ୍ରେକ୍ଷାଳୟ। ଆମ ରାଜ୍ୟରେ ଏବେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଚାଲିଛି କହିଲେ ଆଦୌ ଭୁଲ ହେବ ନାହିଁ। ସିନେମା ଶିଳ୍ପ ବଞ୍ଚିବା ପାଇଁ ପ୍ରତି ଜିଲାରେ ସିନେମା ହଲ୍‌ର ଆବଶ୍ୟକତା ରହିଛି। ଛୋଟ ପ୍ରେକ୍ଷାଳୟ ହେଲେ ପ୍ରଯୋଜକମାନେ ସିଧାସଳଖ ଖର୍ଚ୍ଚ ମୁତାବକ କିଛି ଅର୍ଥ ଫେରିପାଇବେ। ମଲ୍‌ରେ ଥିବା ହଲ୍‌ଗୁଡ଼ିକରେ ଟିକେଟର ଦାମ ପ୍ରାୟ ଅଧିକ। ତେଣୁ କେତେକ ଦର୍ଶକ ସେଠାରେ ସିନେମା ଦେଖିବାକୁ ସାହସ କରୁନାହାନ୍ତି। ଓଡ଼ିଶାରେ ଭଲ ସିନେମା ହେଉଛି। କିନ୍ତୁ ପ୍ରେକ୍ଷାଳୟ ଅଭାବରୁ ସିନେମା ସାଧାରଣ ଦର୍ଶକ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ଏବେ ପ୍ରାୟ ୬୦ଟି ରହିଛି। କେବେଳ ବଡ଼ ସହର ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରରେ ମଲ୍‌ଟି ପ୍ରେକ୍ଷାଳୟ ଥିବା ଯୋଗୁ ସ୍ୱଳ୍ପ ସଂଖ୍ୟାରେ ଦର୍ଶକ ସିନେମା ଦେଖୁଛନ୍ତି।

ନିକଟରେ ଓଡ଼ିଆ ସିନେମା ସୋସାଇଟି ପକ୍ଷରୁ ୪ ଦିନ ଧରି ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ବିଭିନ୍ନ ରାଜ୍ୟର ସିନେମା ସହ ଓଡ଼ିଆ କ୍ଲାସିକ ସିନେମା ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଆ ସିନେମାକୁ ଆଗକୁ ଆଗେଇ ନେବା ପାଇଁ ସରକାରୀ ସ୍ତରରେ ମଧ୍ୟ ଆହୁରି ଉଦ୍ୟମ ହେବା ଦରକାର। ବର୍ତ୍ତମାନ ଆମ ରାଜ୍ୟର ନୂଆ ସରକାର ଏ ନେଇ ଦୃଷ୍ଟି ଦେବେ ବୋଲି ମୋର ଆଶା।

ସିନେମାଟିଏ ନିର୍ମାଣ କରିବା ସମୟରେ ଏହାର କାହାଣୀ, କଳାକାର ଚୟନ, ଗୀତ, ସଙ୍ଗୀତ ସଂଳାପ, ଉପସ୍ଥାପନା ଏପରି କି ପ୍ରଚାର ପ୍ରସାର ପ୍ରତି ପ୍ରଯୋଜନା ସଂସ୍ଥା ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର।

ଗୋଟିଏ ସିନେମାକୁ ଭଲ ଆୟ ହେଲେ ସମ୍ପୃକ୍ତ ପ୍ରଯୋଜକ ଆଉ ଏକ ସିନେମା ନିର୍ମାଣ କରିବାକୁ ଆଗଭର ହେବେ। ସାମ୍ପ୍ରତିକ ଘଟଣାବଳୀକୁ ନେଇ ସିନେମା ନିର୍ମାଣ ଧାରା ବଜାୟ ରହିବା ଦରକାର। ଆମ ଓଡ଼ିଆ ସିନେମା ଆଗକୁ ଆଗେଇବାକୁ ହେଲେ ସାମ୍‌ନାରେ ଉଭା ହୋଇଥିବା ସମସ୍ୟାଗୁଡିକର ସମାଧାନ ହେବା ନିହାତି ଦରକାର।

**–ଦିଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଏଥର ରାଜ୍‌ସାବ୍


'ରାଜ୍‌ସାବ' ଫିଲ୍ମରେ ପ୍ରଭାସ

**ଦ**କ୍ଷିଣ ଭାରତୀୟ ଅଭିନେତା ପ୍ରଭାସ ଏବେ ଭାରି ଖୁସି। କାରଣ ବର୍ତ୍ତମାନ ସେ ଏଭଳି ଏକ ସିନେମାରେ ଅଭିନୟ କରୁଛନ୍ତି ଯାହା ସୁପରହିଟ୍ ହେବ ବୋଲି ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଲେଣି। ଏହି ଫିଲ୍ମଟିର ଟାଇଟଲ ରହିଛି 'ରାଜ୍‌ସାବ୍'। ଖାସ୍ କଥା ହେଲା ଏହା କେଳବ ମୂଳଭାଷା ତେଲୁଗୁ ନୁହେଁ, ହିନ୍ଦୀ, ତାମିଲ, ମାଲାୟାଲମ ଏପରି କି କନ୍ନଡ ଭାଷାରେ ମଧ୍ୟ ନିର୍ମିତ ହେଉଛି। ଏହାର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏହି ଟିଜରରେ ପ୍ରଭାସ ଏକ କାର୍ ଉପରେ ବସିଛନ୍ତି। ତେବେ ତାଙ୍କର ବସିବା ଷ୍ଟାଇଲ ଯୁବପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଛି। ଏହା ହେଉଛି ଏକ ସୁପର ନାଚୁରାଲ ହରର୍ ଫିଲ୍ମ। ଆଉ ଏକ ଖାସ୍ କଥା ଜାଣନ୍ତି ? ଏହି ଫିଲ୍ମରେ ପ୍ରଭାସ ଡବଲ ରୋଲରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ଏହାର ଷ୍ଟାରକାଷ୍ଟରେ ସଞ୍ଜୟ ଦତ୍ତ, ମାଳବିକା ମୋହନନ, ରିଦ୍ଧି କୁମାର ଏବଂ ନିଧି ଅଗ୍ରୱାଲ ଅଛନ୍ତି। ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମାରୁତି। ପାଖାପାଖି ୫୦୦କୋଟି ବଜେଟ୍‌ରେ ନିର୍ମାଣ କରାଯାଉଥିବା ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୫ରେ ରିଲିଜ ହେବାର ଯୋଜନା ରହିଛି।

# ଅପେକ୍ଷା କରିଛନ୍ତି ଶୁଭମ୍

**ଓ**ଡ଼ିଆ ସିନେମାରେ ନବାଗତ ତାଲିକାରେ ଆଉ ଜଣେ ନିଜ ନାମକୁ ସାମିଲ କରିବାକୁ ଯାଉଛନ୍ତି। ସେ ହେଲେ ଶୁଭମ୍। କିନ୍ତୁ ତାଙ୍କର ଏକ ବଡ ଆଶା ପୂରଣ ହୋଇଛି। ଯେଉଁଭଳି ଏକ ମନଛୁଆଁ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଛି। ହଁ, ଶୁଭମ୍‌ଙ୍କ ଅଭିନୀତ ପ୍ରଥମ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଶମ୍ଭୁ'। ଏ ବିଷୟରେ ସେ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେସ କରିଛି। ମୋ ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। ମୋ ଭିତରେ ଥିବା ଅଭିନୟ ଦକ୍ଷତାକୁ ଦେଖାଇବାକୁ ଏହି ଫିଲ୍ମରେ ମୋତେ ଭରପୂର ସୁଯୋଗ ମିଳିଛି।'' ଉକ୍ତ ଚିତ୍ରଟି ଚଳିତ ରଥଯାତ୍ରା ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ବିଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ 'ଶମ୍ଭୁ'ର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଦିଲୀପ ପଣ୍ଡା। ତମନ୍ନା, ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।


ଶୁଭମ୍

# ଶୁବମନ ୪ ନମ୍ବରରେ ବ୍ୟାଟିଂ କରିବେ

ହେଡିଂଲେ,୧୮।୬(ପି.ଟି.)

ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ଶୁବମନ ଗିଲ ନଂ-୪ ଓ ଉପ ଅଧିନାୟକ ରିଷଭ ପନ୍ତ ନଂ-୫ ପୋଜିଶନରେ ବ୍ୟାଟିଂ କରିବେ। ଏ ନେଇ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପନ୍ତ ପ୍ରକାଶ କରିଛନ୍ତି। ବିରାଟ କୋହଲିଙ୍କ ଅବସର ଯୋଗୁ ନଂ-୪ ପୋଜିଶନ ଲାଗି ନୂଆ ବ୍ୟାଟର ଖୋଜିବା ବାଧ୍ୟତାମୂଳକ ଥିଲା। ଏହି ପୋଜିଶନରେ ଗିଲ୍ ବ୍ୟାଟିଂ କରିବେ।

ମୋ ମତରେ ନଂ-୩ ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ନେଇ ଏବେ ବି ଆଲୋଚନା ଚାଲିଛି। କିନ୍ତୁ ନଂ-୪ ଓ ୫ ବ୍ୟାଟିଂ ପୋଜିଶନ ଫିକ୍ସ ରଖାଯାଇଛି। ମୋ ମତରେ ଶୁବମନ ନଂ-୪ ଏବଂ ମୁଁ ପଞ୍ଚମ କ୍ରମରେ ବ୍ୟାଟିଂ କରିବୁ। ବଳକା ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ସମ୍ପର୍କରେ ଆମେ ଚର୍ଚ୍ଚା ଜାରି ରଖିଛୁ ବୋଲି ପନ୍ତ କହିଛନ୍ତି। ଏତଦ୍ ବ୍ୟତୀତ ଅଧିନାୟକ ଗିଲ୍‌ଙ୍କ ସହ ବନ୍ଧୁତା ସମ୍ପର୍କରେ ପନ୍ତ ପ୍ରକାଶ କରିଛନ୍ତି ଯେ, ଗିଲ ଓ ମୁଁ ଫିଲ୍ଡ ବାହାରେ ବହୁତ ଭଲ ବନ୍ଧୁ। ଯଦି ଫିଲ୍ଡ ବାହାରେ ତୁମେ ଭଲ ବନ୍ଧୁ, ତେବେ ତାହା ଫିଲ୍ଡରେ ମଧ୍ୟ ଦେଖାଯିବ। ଆମେ ପରସ୍ପର ସହିତ ସହଜ ଅନୁଭବ କରୁ ଏବଂ ବହୁତ କଥା ହେଉ। ଗତ ୧୯ ବର୍ଷରେ ପ୍ରଥମ ଥର ପାଇଁ ଇଂଲଣ୍ଡ ଦଳ ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ବିନା ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ଏ ସମ୍ପର୍କରେ ପନ୍ତ କହିଛନ୍ତି ଯେ, ଆଣ୍ଡରସନ ଓ ବ୍ରଡ ଏଥର ନଖେଳିବା ଆମ ପାଇଁ ନିଶ୍ଚିତ ଭାବେ ଭଲ ଖବର। କାରଣ ସେମାନେ ଦୀର୍ଘ ବର୍ଷ ହେଲା ଇଂଲଣ୍ଡ ପାଇଁ ଖେଳୁଥିଲେ। ମୁଁ କେବଳ ଦୁଇଟି ଟୁରରେ ସେମାନଙ୍କ ବିପକ୍ଷରେ ଖେଳିଛି। କିନ୍ତୁ ସେମାନଙ୍କ ଅନୁପସ୍ଥିତି ପରେ ବି ଇଂଲଣ୍ଡ ନିକଟରେ ଯଥେଷ୍ଟ ଦକ୍ଷ ପେସ ବୋଲର ରହିଛନ୍ତି। ଆମେ କାହାକୁ ବି ହାଲୁକା ଭାବେ ନେବାକୁ ଚାହୁଁନୁ। କାରଣ ଆମ ଦଳରେ ପ୍ରାୟ ଯୁବ ଖେଳାଳି ରହିଛନ୍ତି। ସେମାନେ ଏବେ ବି ନିଜକୁ କ୍ରିକେଟର ଭାବେ ଇମ୍ପ୍ରୁଭ କରୁଛନ୍ତି। କିନ୍ତୁ ଆମକୁ କ୍ରିକେଟ ଖେଳିବାର ଅଛି ଏବଂ ଦରକାର ଥିଲା ବେଳେ ପ୍ରତିପକ୍ଷ ବୋଲରଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରିବାକୁ ପଡ଼ିବ।


ଖବରଦାତା ସମ୍ମିଳନୀରେ ରିଷଭ ପନ୍ତ।



ହେଡିଂଲେରେ ବୁଧବାର ଭାରତୀୟ ଦଳର ନେଟ୍ସ ସେସନରେ ଅଧିନାୟକ ଶୁବମନ ଗିଲ୍ ଓ କୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଆଲୋଚନା। ଯଶପ୍ରୀତ୍ ବୁମ୍‌ରାଙ୍କ ଅଭ୍ୟାସ।

# ଗ୍ରୁପ୍-୧ରେ ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୧୮।୬

ଇଂଲଣ୍ଡରେ ହେବାକୁଥିବା ୨୦୨୬ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାରତ, ପାକିସ୍ତାନ ଓ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଆଉ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୧ରେ ଖେଳିବେ। ଆୟୋଜକ ଇଂଲଣ୍ଡ, ଗତଥରର ଚାମ୍ପିୟନ ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ଅନ୍ୟ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୨ରେ ସ୍ଥାନ ପାଇବେ। ଓଭାଲରେ ୨ଟି ଯାକ ସେମିଫାଇନାଲ ଏବଂ ଲର୍ଡ୍ସରେ ଫାଇନାଲ ଅନୁଷ୍ଠିତ ହେବ।

ଟୁର୍ନାମେଣ୍ଟରେ ମୋଟ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଇଂଲଣ୍ଡର ୭ଟି ଭେନ୍ୟୁରେ ଏହା ୨୪ ଦିନଧରି ଖେଳାଯିବ। ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଓଭାଲ ଏବଂ ଲର୍ଡ୍ସ ବ୍ୟତୀତ ମ୍ୟାଚ୍‌ଗୁଡ଼ିକ ଓଲ୍ଡ ଟ୍ରାଫୋର୍ଡ, ହେଡିଂଲେ, ସାଉଥ୍‌ମ୍ପଟନ, ବ୍ରିଷ୍ଟଲ ଓ ଏଜ୍‌ବାଷ୍ଟନରେ ୩ଟି ଭିନ୍ନ ଭିନ୍ନ ସମୟ ପୂର୍ବାହ୍ନ ୧୦ଟା ୩୦, ଅପରାହ୍ନ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ। ଜୁନ୍ ୧୨ରେ ଉଦ୍‌ଘାଟନୀ ମ୍ୟାଚ୍ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଏଜ୍‌ବାଷ୍ଟନଠାରେ ଅନୁଷ୍ଠିତ ହେବ। ଏହା ଗତ ସଂସ୍କରଣ ସେମିଫାଇନାଲର ରିମ୍ୟାଚ୍ ସଦୃଶ ହେବ। ଚାମ୍ପିୟନ ନ୍ୟୁଜିଲାଣ୍ଡ ଜୁନ୍ ୧୩ରେ ସାଉଥ୍‌ମ୍ପଟନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଦିନ ଅଷ୍ଟ୍ରେଲିଆ ୨୦୨୪ ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମାଞ୍ଚେଷ୍ଟରରେ ମ୍ୟାଚ୍ ଖେଳିବ। ଜୁନ୍ ୧୪ରେ ଏଜ୍‌ବାଷ୍ଟନରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଗ୍ରୁପ୍-୧ର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟରେ ଜୁନ୍ ୨୧ରେ ମାଞ୍ଚେଷ୍ଟରରେ ଭାରତ-ଦକ୍ଷିଣ ଆଫ୍ରିକା ଏବଂ ୨୮ରେ ଲର୍ଡ୍ସଠାରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ହେବ। ଭାରତ-ଅଷ୍ଟ୍ରେଲିଆ ମୁକାବିଲା ପ୍ରତିଯୋଗିତାର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ହେବ। ସେହିପରି ପାକିସ୍ତାନ ଜୁନ୍ ୧୭ରେ ଦକ୍ଷିଣ ଆଫ୍ରିକା ଓ ୨୩ରେ ଅଷ୍ଟ୍ରେଲିଆକୁ ଭେଟିବ।



ଜୁନ୍ ୧୪ରେ ପାକିସ୍ତାନକୁ ଭେଟିବ ଭାରତ

ଗ୍ରୁପ୍-୨ରେ ଥିବା ଇଂଲଣ୍ଡ ଏହାର ମ୍ୟାଚ୍‌ଗୁଡ଼ିକ ୫ଟି ଭେନ୍ୟୁରେ ଖେଳିବ। ଏହି ଦଳ ଜୁନ୍ ୨୪ରେ ଲର୍ଡ୍ସରେ ୱେଷ୍ଟଇଣ୍ଡିଜ ଓ ୨୭ରେ ଓଭାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ଶ୍ରୀଲଙ୍କା ଜୁନ୍ ୧୬ରେ ସାଉଥ୍‌ମ୍ପଟନରେ ନ୍ୟୁଜିଲାଣ୍ଡ ଓ ୨୧ରେ ବ୍ରିଷ୍ଟଲରେ ୱେଷ୍ଟଇଣ୍ଡିଜ ସହିତ ମୁକାବିଲା କରିବ। ଆୟୋଜକ ଇଂଲଣ୍ଡ ଏବଂ ୨୦୨୪ ବିଶ୍ୱକପ୍‌ର ଟପ୍-୫ ଦଳ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସ୍ୱାଭାବିକଭାବେ ଯୋଗ୍ୟତା ହାସଲ କରିଛନ୍ତି। ପାକିସ୍ତାନ ଓ ଶ୍ରୀଲଙ୍କା ସେହିବର୍ଷ ଅକ୍ଟୋବର ୨୧ ବେଳକୁ ପରବର୍ତ୍ତୀ ୨ ଶ୍ରେଷ୍ଠ ର୍‍ୟାଙ୍କପ୍ରାପ୍ତ ଦଳ ଥିବାରୁ ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟ ୪ଟି ଦଳ ୨୦୨୬ ପ୍ରାରମ୍ଭରେ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ଆସିବେ। ୧୦ ଦଳକୁ ନେଇ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ବାଂଲାଦେଶ, ସ୍କଟ୍‌ଲାଣ୍ଡ, ଆମେରିକା, ନେପାଳ ଓ ଥାଇଲାଣ୍ଡ ମନୋନୀତ ହୋଇସାରିଛନ୍ତି। ୟୁରୋପ, ଆଫ୍ରିକା ଏବଂ ଇଷ୍ଟ ଏସିଆ-ପାସିଫିକ କ୍ୱାଲିଫାୟର୍ସଗୁଡ଼ିକ ହେବାକୁ ବାକିଅଛି।

# କଙ୍ଗନା ବ୍ରାଣ୍ଡ ଆମ୍ବାସାଡର

ନୂଆଦିଲ୍ଲୀ,୧୮।୬(ପି.ଟି.)

ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ

ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କୁ ବୁଧବାର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର କରାଯାଇଛି। ଏହି ଟୁର୍ନାମେଣ୍ଟ ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ନୂଆଦିଲ୍ଲୀରେ ହେବ। 'ଫ୍ୟାଶନ' ଓ 'କ୍ୱିନ୍' ଭଳି ଫିଲ୍ମରେ ନିଜ ଅଭିନୟ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୩୯ ବର୍ଷୀୟା କଙ୍ଗନା ବର୍ତ୍ତମାନ ହିମାଚଳ ପ୍ରଦେଶର ମଣ୍ଡି ନିର୍ବାଚନମଣ୍ଡଳୀରୁ ଏମ୍‌ପି ଅଛନ୍ତି। ଭାରତୀୟ ପାରା ଆଥ୍‌ଲେଟମାନେ ପ୍ରତ୍ୟେକ ଦିନ ଯାହା ସମ୍ଭବ ତାହା କରି ଦେଖାଉଛନ୍ତି। ସେମାନଙ୍କୁ ସମର୍ଥନ ଏବଂ ସେମାନଙ୍କ ଅବିଶ୍ୱସନୀୟ ଉପଲବ୍ଧି ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିପାରୁଥିବାରୁ ମୁଁ ନିଜକୁ ଗର୍ବିତ ମନେକରୁଛି। ଆମ ଚାମ୍ପିୟନଙ୍କ ସହ ଛିଡ଼ାହୋଇଥିବାରୁ ମୁଁ ଗର୍ବିତ ବୋଲି ରାଣାୱତ୍ କହିଛନ୍ତି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ସଭାପତି ତଥା ଭାଜପା ନେତା ଦେବେନ୍ଦ୍ର ଝାଝାରିଆ ପ୍ରକାଶ କରିଛନ୍ତି ଯେ, ଭାରତୀୟ ଆଥ୍‌ଲେଟଙ୍କ ପ୍ରତି ତାଙ୍କର ପ୍ୟାଶନ, ପ୍ରଭାବ ଓ ପ୍ରତିବଦ୍ଧତା କଙ୍ଗନାଙ୍କୁ ନୂଆଦିଲ୍ଲୀରେ ହେବାକୁଥିବା ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଲାଗି ଉପଯୁକ୍ତ ଆମ୍ବାସାଡର ଭାବେ ବିବେଚିତ କରୁଛି। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଦେଶର ପାରା ଆଥ୍‌ଲେଟ ଭାଗନେବେ।


କଙ୍ଗନା ରାଣାୱତ୍

# ଇଂଲଣ୍ଡ ଭଲ ସର୍ଫେସ୍ ଚାହୁଁଛି: ଲିଡ୍ସ କ୍ୟୁରେଟର

ଲିଡ୍ସ,୧୮।୬(ପି.ଟି.)

ଆସନ୍ତା ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହା ଉଭୟ ବ୍ୟାଟିଂ ଓ ବୋଲିଂକୁ ସୁହାଉଥିବା ପିଚ୍‌ରେ ଖେଳାଯିବ ବୋଲି ଲିଡ୍ସର ହେଡ୍ ଅଫ୍ ଗ୍ରାଉଣ୍ଡ୍ସ ରିଚାର୍ଡ ରବିନସନ କହିଛନ୍ତି। ଲିଡ୍ସରେ ସାଧାରଣତଃ ସିରିଜ୍‌ର ମଧ୍ୟବର୍ତ୍ତୀ ମ୍ୟାଚ୍ ଖେଳାଯାଇଥାଏ। କିନ୍ତୁ ଦୀର୍ଘବର୍ଷ ପରେ ଲିଡ୍ସ କୌଣସି ସିରିଜ୍‌ର ପ୍ରଥମ ଟେଷ୍ଟ ଆୟୋଜନ କରିବାକୁ ଯାଉଛି। ଏଣୁ ମ୍ୟାଚ୍‌ରେ କେଉଁଭଳି ପିଚ୍ ବ୍ୟବହାର କରାଯିବ, ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଇଂଲଣ୍ଡ ଦଳ ଏକ ଭଲ ସର୍ଫେସ୍ ଚାହୁଁଛି। ଏଣୁ ପିଚ୍ ପର୍ଯ୍ୟାୟକ୍ରମେ ଉଭୟ ବୋଲିଂ ଓ ବ୍ୟାଟିଂକୁ ସୁହାଇବ। ସେମାନେ ତାହା ହିଁ ଚାହୁଁଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇବ। ପରେ ଅତ୍ୟଧିକ ଖରା କାରଣରୁ ପିଚ୍ ଫ୍ଲାଟ୍ ହେବ ଏବଂ ବ୍ୟାଟିଂ କରିବା ସହଜ ହେବ ବୋଲି ରବିନସନ କହିଛନ୍ତି। ରୋହିତ୍ ଶର୍ମା ଓ ବିରାଟ କୋହଲି ଅବସର ନେଇସାରିଥିବାରୁ ଲୋକେଶ ରାହୁଲ ଭାରତୀୟ ଦଳର ସବୁଠୁ ସିନିୟର ଖେଳାଳି ପାଲଟିଛନ୍ତି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଦଳରେ ପ୍ରାୟତଃ ଯୁବଖେଳାଳି ସ୍ଥାନ ପାଇଛନ୍ତି। ଦଳରେ ସ୍ଥାନ ପାଇଥିବା ଯଶସ୍ୱୀ ଜୟସ୍ୱାଲ କ୍ୟାରିୟରରେ ପ୍ରଥମଥର ପାଇଁ ଇଂଲଣ୍ଡ ଟୁର୍ କରିଥିବା ବେଳେ କରୁନ ନାୟାର ଅନ୍ତିମଥର ୨୦୧୭ରେ ଟେଷ୍ଟ ଖେଳିଥିଲେ। ଭାରତୀୟ ଦଳ ସୋମବାର ହେଡିଂଲେରେ ପହଞ୍ଚିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଟିମ୍ ଇଣ୍ଡିଆ ଏଠାରେ ଅଧିକ ମ୍ୟାଚ୍ ଖେଳିନାହିଁ। ୨୦୨୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ଏକ ଇନିଂସ ବ୍ୟବଧାନରେ ପରାସ୍ତ ହୋଇଥିଲା। ଏଥିପୂର୍ବରୁ ୨୦୦୨ରେ ଏଠାରେ ଭାରତ ଏକ ଐତିହାସିକ ବିଜୟ ହାସଲ କରିଥିଲା।

# ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷିତ

ହେଡିଂଲେ,୧୮।୬

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ

ଆସନ୍ତା ଶୁକ୍ରବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲାଗି ଇଂଲଣ୍ଡ ପକ୍ଷରୁ ବୁଧବାର ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି। ଏହି ମ୍ୟାଚ୍ ସହିତ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିର ଅଭିଯାନ ଓ ଉଭୟ ଦଳର ୨୦୨୫-୨୭ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ ଆରମ୍ଭ ହେବ।

ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଯୁବ ଓ ଅଭିଜ୍ଞ ଖେଳାଳି ସ୍ଥାନ ପାଇଛନ୍ତି। ଜେମି ସ୍ମିଥଙ୍କୁ ଉଇକେଟ କିପିଂ ଦାୟିତ୍ୱ ଦିଆଯାଇଥିବା ବେଳେ ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଦଳରେ କ୍ରିସ ୱୋକ୍ସ ଓ ବ୍ରାଇଡନ କାର୍ସେଙ୍କ ଭଳି ପେସ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ଓଲି ପୋପ ନଂ-୩ ପୋଜିଶନ ବଜାୟ ରଖିଛନ୍ତି ଏବଂ ଦଳରେ ଏକମାତ୍ର ସ୍ପିନର ଭାବେ ଶୋଏବ ବଶୀରଙ୍କୁ ସ୍ଥାନ ମିଳିଛି। **ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଏକାଦଶ:** ଜ୍ୟାକ କ୍ରଲି, ବେନ ଡକେଟ, ଓଲି ପୋପ (ଉପ ଅଧିନାୟକ), ଜୋ ରୁଟ, ହ୍ୟାରି ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ (ଉଇକେଟକିପର), କ୍ରିସ ୱୋକ୍ସ, ବ୍ରାଇଡନ କାର୍ସେ, ଜୋଶ ଟଙ୍ଗ ଓ ଶୋଏବ ବଶୀର।

# ବିଶ୍ୱକପ ପୂର୍ବରୁ ପ୍ରକୃଷ୍ଟ ଟୁର୍ନାମେଣ୍ଟ: ହୁଣ୍ଡାଲ

ବେଙ୍ଗାଲୁରୁ, ୧୮।୬

ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି

ଜର୍ମାନୀର ବର୍ଲିନଠାରେ ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳ ବୁଧବାର ବର୍ଲିନ ଯାତ୍ରା କରିଛି। ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ଜର୍ମାନୀ ବିପକ୍ଷରେ ଖେଳିବ। ଏହାପରେ ୨୨ରେ ଅଷ୍ଟ୍ରେଲିଆ ଓ ୨୪ରେ ସ୍ପେନ୍ ବିପକ୍ଷରେ ମୁକାବିଲା କରିବ। ପୁଲ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ୨୫ରେ ଅନୁଷ୍ଠିତ ହେବ। ସେହିଦିନ ଅନ୍ୟ ୨ ଦଳକୁ ନେଇ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ।

ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ ୨୦୨୫ ପୂର୍ବରୁ ଏହି ଟୁର୍ନାମେଣ୍ଟ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ ଆଉ ଅଳ୍ପ କିଛିମାସ ବାକିଥିବାରୁ ଆମେ ନିଜର ଦୋଷ ଦୁର୍ବଳତା ଜାଣିବା ପାଇଁ ଏହା ହିଁ ପ୍ରକୃଷ୍ଟ ଟୁର୍ନାମେଣ୍ଟ। ଏଥିରୁ ଆମେ ଟିମ୍ କମ୍ବିନେଶନ ପ୍ରସ୍ତୁତ କରିବୁ ଏବଂ ଦୁର୍ବଳ ଦିଗ ଉପରେ କାମ କରିବୁ। ଆମେ ବିଶ୍ୱର କେତେକ ଶ୍ରେଷ୍ଠ ଦଳକୁ ଭେଟିବାକୁ ଯାଉଛୁ। ଏଥିରୁ ଆମର କେତେ ଶକ୍ତି ତାହା ଜଣାପଡ଼ିବ ଏବଂ ମ୍ୟାଚ ଗୁଡ଼ିକରେ ଭିନ୍ନ ରଣନୀତିରେ ଖେଳିବାକୁ ଚେଷ୍ଟା କରିବୁ'' ବୋଲି ଭାରତୀୟ ଦଳର ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲ ପ୍ରକାଶ କରିଛନ୍ତି। ୨୦୨୫ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଆଉ ୬ ମାସରୁ କମ୍ ସମୟ ଥିବାରୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ୪ଟି ଯାକ ଦଳ ଭଲ ଅଭ୍ୟାସ ପାଇପାରିବେ।



ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ବୁଧବାର ଜର୍ମାନୀ ଗସ୍ତ କରିଥିବା ଭାରତୀୟ ହକି ଦଳ।

## ସର୍ଜରିର ସମ୍ମୁଖୀନ ହୋଇପାରନ୍ତି ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ,୧୮।୬(ପି.ଟି.):** ଭାରତର ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହର୍ନିଆ ସମ୍ପର୍କିତ ଇଞ୍ଜୁରିର ଚିକିତ୍ସା ଲାଗି ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ୩୩ ବର୍ଷୀୟ ସୂର୍ଯ୍ୟ ଗତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଲାଗି ୭୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ। ଆଇପିଏଲ୍ ପରେ ସେ ମୁମ୍ବାଇ ପ୍ରିମିୟର ଲିଗ୍ ଟି୨୦ରେ ମଧ୍ୟ ଭାଗ ନେଇଥିଲେ। ସୂର୍ଯ୍ୟ ଏବେ ସ୍ପୋର୍ଟ୍ସ ହର୍ନିଆ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେ ବିଶେଷଜ୍ଞଙ୍କ ସହ ପରାମର୍ଶ ଲାଗି ୟୁକେ ଯାଇଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ଆସନ୍ତା ଅଗଷ୍ଟ-ସେପ୍ଟେମ୍ବର ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ନ ଥିବାରୁ ସୂର୍ଯ୍ୟ ତାଙ୍କ ଇଞ୍ଜୁରିର ଉପଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପଚାର ପରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ରହିବା ଲାଗି ତାଙ୍କୁ ଯଥେଷ୍ଟ ସମୟ ମିଳିବ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ